

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୫ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 15 DECEMBER 2022
Vol.No. 33 ■ No. 326 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବିକୁ ଖାରଜ କଲେ ସୁପ୍ରିମ୍ କୋର୍ଟ



ଭୁବନେଶ୍ୱର, ୧୪/୧୨ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବିରେ ହଙ୍ଗାମା କରିବା ଓକିଲ ସଂଘକୁ ମହଙ୍ଗା ସାବ୍ୟସ୍ତ ହୋଇଛି । ସେମାନଙ୍କ ଆଚରଣ ଉପରେ କ୍ଷୁବ୍ଧ ସୁପ୍ରିମ କୋର୍ଟ ହାଇକୋର୍ଟ ବେଂଚ ଦାବିକୁ ମଧ୍ୟ ଖାରଜ କରିଛନ୍ତି । ଭୌଗୋଳିକ ଓ ବୈଷୟିକ ସୁବିଧା ଦୃଷ୍ଟିରୁ ଆଉ ବେଂଚର କୌଣସି ଆବଶ୍ୟକତା ନାହିଁ ବୋଲି ସୁପ୍ରିମ କୋର୍ଟ କହିଛନ୍ତି । ଓକିଲ ସଂଘର ଆବେଦନ ଉପରେ ଶୁଣାଣି କରି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ହେବାର କୌଣସି ସମ୍ଭାବନା ନଥିବା କହିଛନ୍ତି ସୁପ୍ରିମକୋର୍ଟ । ସମ୍ବଲପୁର ଜିଲ୍ଲାରେ ସ୍ଥାୟୀ ହାଇକୋର୍ଟ ବେଂଚ ପ୍ରତିଷ୍ଠା ନେଇ ରାଜ୍ୟ ଆଇନଜୀବୀମାନେ କରିଥିବା ଆବେଦନ ଉପରେ ବୁଧବାର ଶୁଣାଣି କରିଥିଲେ ଜଷ୍ଟିସ୍ ଏସ.କେ କୌଲ୍ ଏବଂ ଅଭୟ ଏସ୍ ଓକାଙ୍କୁ ନେଇ ଗଠିତ ଖଣ୍ଡପୀଠ । ଏହି ଶୁଣାଣି ସମୟରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଖଣ୍ଡପୀଠ । ସୁପ୍ରିମ୍ କୋର୍ଟ କହିଛନ୍ତି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଂଚ ସ୍ଥାପନ କରିବାର କୌଣସି ପ୍ରଶ୍ନ ଉଠୁ ନାହିଁ । ସମୟର ଗତି ଏବଂ ଟେକ୍ନୋଲୋଜିର ବ୍ୟବହାର ଏହି ଦାବିକୁ ପୁରୁଣା କରିଦେଇଛି । ଟେକ୍ନୋଲୋଜିର ବ୍ୟବହାର ବତମାନ ବ୍ୟାପକ ହୋଇଛି ଏବଂ ଓଡ଼ିଶା ହାଇକୋର୍ଟ ଦ୍ୱାରା ତଦାରଖ କରାଯାଉଛି । ହାଇକୋର୍ଟ ବେଂଚର ସ୍ଥାନାନ୍ତର କିମ୍ବା ପ୍ରତିଷ୍ଠା ଏଭଳି ଓକିଲମାନଙ୍କ ଦାବି ଅନୁଯାୟୀ କରାଯାଇପାରିବ ନାହିଁ । ସୁପ୍ରିମ୍ କୋର୍ଟ ଆହୁରି କହିଛନ୍ତି ଧର୍ମଘଟ କରିଥିବା ଓକିଲମାନଙ୍କ ଆଚରଣକୁ ଆମେ ନିନ୍ଦା କରୁଛୁ । ପୁଲିସ ସେମାନଙ୍କୁ କିଛି ସମୟ ପାଇଁ ହେଉ ପଛେ କଷ୍ଟଡିକୁ ନେବା ଉଚିତ । ଅପରାଧୀଙ୍କ ସହ ଅପରାଧୀଙ୍କ ଭଳି ବ୍ୟବହାର କରିବା ପାଇଁ ଆମେ ପୁଲିସ କର୍ତ୍ତୃପକ୍ଷଙ୍କୁ କହିଛୁ । ଆଉ ଏକ ହାଇକୋର୍ଟ ବେଂଚ ଗଠନ ପାଇଁ କୌଣସି ଆଶା ନାହିଁ । ପଶ୍ଚିମ ଓଡ଼ିଶାରେ ବେଂଚ ସ୍ଥାପନର ଯାହା ବି ସମ୍ଭାବନା ଥିଲା, ଓକିଲଙ୍କ ଆଚରଣ ପାଇଁ ତାହା ଗଲା । ସେହିପରି ଭର୍ଚୁଆଲ ଶୁଣାଣି ସମୟରେ ଉପସ୍ଥିତ ଥିବା ଓଡ଼ିଶା ଡିଜିପି ଓ ଉତରାଂଚଳ ଆଇଜିଙ୍କୁ ମଧ୍ୟ ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ । ଯଦି ଓଡ଼ିଶା ପୁଲିସ୍ ପାରୁନି, ତା'ହେଲେ ଆମେ ଅର୍ଦ୍ଧସାମରିକ ଫୋର୍ସ ଦେବୁ ବୋଲି କୋର୍ଟ କହିଛନ୍ତି । ୧୫ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ ସତ୍ୱେ କେମିତି ଭଙ୍ଗାରୁଜା ହେଲା ? ଏହା ଓଡ଼ିଶା ପୁଲିସ୍ ର ଚରମ ଅବହେଳା କହି ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମ୍ କୋର୍ଟ ।

## ବିହାର ବିଧାନସଭାକୁ ଦୋହଲାଇଲା ମଦମୃତ୍ୟୁ ପ୍ରସଙ୍ଗ



ବିହାର, ୧୪/୧୨ : ବିହାର ମଦମୃତ୍ୟୁ ପ୍ରସଙ୍ଗକୁ ନେଇ ବିଧାନସଭାର ଶୀତକାଳୀନ ଅଧିବେଶନରେ ଜୋରଦାର ହଙ୍ଗାମା ଦେଖିବାକୁ ମିଳିଛି । ରାଜ୍ୟରେ ହୋଇଥିବା ମଦ ମୃତ୍ୟୁକୁ ନେଇ ହୁଲୁସ୍ଥୁଲ ହୋଇଥିଲା ପୂରା ବିଧାନସଭା । ବିରୋଧୀ ମଦ ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କୁ ଘେରିବାରୁ ଜୋରଦାର ହଟଗୋଳ ଦେଖିବାକୁ ମିଳିଥିଲା । ଏହି ସମୟରେ ସେଠାରେ ନୀତିଶ କୁମାର ନିଜ ରାଗକୁ ନିୟନ୍ତ୍ରଣ କରିପାରିନଥିଲେ ଓ ବିଜେପି ବିଧାୟକଙ୍କ ଉପରେ ଆଙ୍ଗୁଠି ନିର୍ଦ୍ଦେଶ କରି ବର୍ଷିଥିଲେ । ରାଜ୍ୟରେ ହେଉଥିବା ମଦମୃତ୍ୟୁ ପାଇଁ ସିଧାସଳଖ ବିଜେପିକୁ ଦାୟୀ କରିଥିଲେ ନୀତିଶ । କେବଳ ସେତିକି ନୁହେଁ ବିଜେପି ବିଧାୟକଙ୍କୁ ଗୃହ ବାହାରକୁ ବାହାର କରିବା ପାଇଁ ମାର୍ଶାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ନୀତିଶଙ୍କ ଏହି ଆଚରଣକୁ ସହଜରେ ଗ୍ରହଣ କରିପାରିନି ବିଜେପି । ନୀତୀଶଙ୍କ କ୍ଷମା ପ୍ରାର୍ଥନା ଦାବି କରିଛି । ଏଥିସହ ଯେଉଁ ପର୍ଯ୍ୟନ୍ତ ନୀତୀଶ କ୍ଷମା ମାଗିବେନି ସେପର୍ଯ୍ୟନ୍ତ ଗୃହକାର୍ଯ୍ୟ ଚାଲିବନି ବୋଲି ବିରୋଧୀ କହିଛନ୍ତି । ଏବେ ସୁଦ୍ଧା ବିଷାକ୍ତ ମଦ ପିଇ ୨୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଛି । ଏହି ମୃତ୍ୟୁ ପ୍ରସଙ୍ଗକୁ ନେଇ ବିହାର ବିଧାନସଭା ଶୀତକାଳୀନ ଅଧିବେଶନରେ ଜୋରଦାର ହଙ୍ଗାମା ହୋଇଛି ।

### ବାଘ ଶୀକାର କରି ଛାଲକୁ ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ଶୀକାରୀ ଧରା ପଡିଲା

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଶିମିଳିପାଳ ମହାବଳ ବାଘକୁ ଶିକାର କରି ଛାଲ ବିକ୍ରି ଉଦ୍ୟମ କରୁଥିବା ବେଳେ ଏସଟିଏଫକୁ ସଫଳତା ମିଳିଛି । ଏସଟିଏଫ ହାତରେ ଜଣେ ଶିକାରୀ ଧରାପଡ଼ିଛନ୍ତି । ମିଳିଥିବା ସୂଚନା ଅନୁସାରେ ବାଘ ଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିଲା । ଖବର ପାଇ ଏସଟିଏଫର ଏକ ଟିମ୍ ଚଢ଼ଉ କରିଥିଲେ । ଏହି ସମୟରେ ଜଣେ ଶିକାରୀ ଧରା ପଡ଼ିଥିଲା ।

### ଦିଲ୍ଲୀରେ ପୁଣି ବର୍ବରତା, ଛାତ୍ରୀଙ୍କୁ ଏସିଡ ମାଡ

ନୂଆଦିଲ୍ଲୀ, ୧୪/୧୨ : ଦିଲ୍ଲୀରେ ପୁଣି ବର୍ବରତା । ଦୁଇଜଣ ଯୁବକ ବାଇକରେ ଆସି ଯୁବତୀଙ୍କ ଉପରକୁ ଏସିଡ୍ ମାଡ କରିଛନ୍ତି । ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଘଟିଛି ଏହି ଘଟଣା । ଚାଲିଚାଲି ଯାଉଥିବାବେଳେ ଦୁର୍ବୃତ୍ତ ଆସି ଏସିଡ୍ ମାଡ କରିବାରୁ ୧୭ ବର୍ଷୀୟା ବାଳିକା ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ୨ଜଣ ସନ୍ଦିଗ୍ଧଙ୍କୁ ପୋଲିସ ଚିହ୍ନଟ କରିଛି । ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ଜେରା କରିଛି ପୋଲିସ । ଏହି ପୁରା ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଏହି ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଦିଲ୍ଲୀ ମହିଳା ଆୟୋଗ ମୁଖ୍ୟ ସ୍ୱାତୀ ମାଲିୱାଲ । ଏଯାଏଁ ଏସିଡ୍ ବିକ୍ରିକୁ କାହିଁକି ବନ୍ଦ କରାଯାଇନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ୱାତୀ ।

### ଇଡିରେ ହାଜର ହେଲେ ନାଗ-ଚାନ୍ଦ ଦମ୍ପତ୍ତି

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଅର୍ଚ୍ଚନା ନାଗ ମାମଲାରେ ଇଡିର ତନାଘନା । ଆର୍ଥିକ କାରବାର ମାମଲାରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ମୁହାଁମୁହିଁ ଜେରା କରିବେ ଇଡି ଅଧିକାରୀ । ▶▶ପୃଷ୍ଠା ୭

## ଫିନଲ୍ୟାଣ୍ଡର ନିଯୁକ୍ତି ମନ୍ତ୍ରୀ ତୁଲା ହାତାନେନଙ୍କ ସହ ସାକ୍ଷାତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ, ୧୪/୧୨ : ବୁଧବାର ନୂଆଦିଲ୍ଲୀ ସ୍ଥିତ ଶାସ୍ତ୍ରୀଭବନରେ ଫିନଲ୍ୟାଣ୍ଡର ନିଯୁକ୍ତି ମନ୍ତ୍ରୀ ତୁଲା ହାତାନେନଙ୍କ ସହ ସାକ୍ଷାତ୍ କରିଛନ୍ତି । ଏହି ସାକ୍ଷାତ୍ କାଳରେ ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ଭାରତ ଓ ଫିନଲ୍ୟାଣ୍ଡ ମଧ୍ୟରେ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଛି । ବିଶେଷ ଭାବରେ ପାରସ୍ପରିକ ସହଯୋଗରେ କୌଶଳ ଯୋଗ୍ୟତା, ଦକ୍ଷତା ସାମଞ୍ଜସ୍ୟ ଏବଂ କାର୍ଯ୍ୟବଳର ଗତିଶୀଳତାକୁ ଚିହ୍ନଟ କରିବା ଦିଗରେ ବୈଠକରେ ଚର୍ଚ୍ଚା କରାଯାଇଥିଲା । ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତ ; ବିଶ୍ୱର ଦକ୍ଷତା ଏବଂ ପ୍ରତିଭାର ରାଜଧାନୀ ହେବାକୁ ଯାଉଛି । ଭାରତର ପ୍ରତିଭା ବିଶ୍ୱର ଶ୍ରମ ବଜାରର ଅଭାବକୁ ପୂରଣ କରିବାରେ ସହାୟକ ହେବ । ଦକ୍ଷତା ସାମଞ୍ଜସ୍ୟ, ଛାତ୍ରଛାତ୍ରୀ ଏବଂ କାର୍ଯ୍ୟବଳର ଗତିଶୀଳତା ଓ ଦକ୍ଷତା ବିକାଶରେ କାପାସିଟି ବିଲଡିଂ ଉଭୟ ଦେଶକୁ ଲାଭ ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବୈଠକରେ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଏବଂ ଫିନଲ୍ୟାଣ୍ଡର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଫିନଲ୍ୟାଣ୍ଡ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ଅବସରରେ ମହପ୍ରଭୁଙ୍କ କଳାକୃତି ବିଶିଷ୍ଟ ଏକ ପଟ୍ଟଚିତ୍ର ପ୍ରଦାନ କରିଥିଲେ ।

## ଲୋକସେବା ଭବନ ଆଗରେ ଫିନାଇଲ ପିଇଲେ ବୃଦ୍ଧ



ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଭୁବନେଶ୍ୱର ଲୋକସେବା ଭବନ ଆଗରେ ଜଣେ ବୃଦ୍ଧ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ପୋଲିସ ଘଟଣା ସ୍ଥଳରୁ ବୃଦ୍ଧଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଛି । ଫିନାଇଲ ପିଇଥିବା ବ୍ୟକ୍ତିଙ୍କ ନାଁ ରବୀନ୍ଦ୍ର ଦାସ ଏବଂ ତାଙ୍କ ଘର ଜଗତସିଂହପୁର ବୋଲି ଜଣାପଡିଛି । ପୋଲିସ ଏତଲା ରଖୁନଥିବାରୁ ମ୍ରିୟମାଣ ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ପ୍ରାଥମିକ ସୂଚନା ମିଳିଛି । ସୂଚନାନୁସାରେ ରବୀନ୍ଦ୍ରଙ୍କର କଳିଙ୍ଗ ବିହାରରେ ଏକ ଦୋକାନ ଥିଲା । ତାଙ୍କ ପାଖରେ କାମ କରୁଥିବା ଜଣେ ପିଲା ଦୋକାନକୁ ହଡ଼ପ କରିଥିଲା । ଏହାକୁ ନେଇ ତମାଣ୍ଡୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୋଲିସ ଏତଲା ରଖୁନଥିବା ଅଭିଯୋଗ କରିଛନ୍ତି ରବୀନ୍ଦ୍ର । ନ୍ୟାୟ ନମିଳିବାରୁ ସେ ଲୋକସେବା ଭବନ ଆଗରେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ।

### ଶିମିଳିପାଳ ହାତୀ ଶୀକାର ଓ ପୋଡା ମାମଲାରେ ତିନି ବନ କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ମୟୂରଭଞ୍ଜ ଶିମିଳିପାଳ ଅଭୟାରଣ୍ୟ ଜେନାବିଲ ରେଞ୍ଜରେ ହାତୀଶୀକାର ଓ ପରେ ହାତୀ ପୋଡା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୂର୍ବରୁ ନିଲମ୍ବିତ କରାଯାଇଥିବା ୩ ଜଣ ବନ କର୍ମଚାରୀଙ୍କୁ ଗିରଫ କରାଯାଇଛି । ଯେଉଁ ବନ କର୍ମଚାରୀ ମାନଙ୍କୁ ଗିରଫ କରାଯାଇଛି ସେମାନେ ହେଲେ ଜେନାବିଲ ରେଞ୍ଜ ଇନଚାର୍ଯ୍ୟ ଶିବଶଙ୍କର ସାମଲ, ଫରେଷ୍ଟର ଚନ୍ଦ୍ରଭାନୁ ବେହେରା ଓ ଫରେଷ୍ଟ ଗାର୍ଡ ବିନୋଦ କୁମାର ଦାସ । ଗତ ୭ ତାରିଖରେ ଶିମିଳିପାଳରେ ହାତୀ ମୃତ୍ୟୁ ନେଇ ଖବର ଆସିଥିଲା । ଜେନାବିଲରେ ୫୦ ଜଣିଆ ଯାଂଚ ଦଳ ଗଠନ କରି ଏଠାରେ ଖୋଜାଖୋଜି ପରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳିନଥିଲା । ସ୍ଥାନୀୟ ବନ କର୍ମଚାରୀଙ୍କୁ ଜେରା ପରେ ହାତୀ ମୃତ୍ୟୁ ଘଟଣା ଘଟିଥିବା ନେଇ ସୁରାକ୍ ମିଳିଥିଲା । କାର୍ଯ୍ୟାନୁଷ୍ଠାନ ଭୟରେ ବନ କର୍ମଚାରୀ ମୃତ ହାତୀକୁ ପୋଡ଼ିଥିବା ଜଣାପଡ଼ିଥିଲା । ହାତୀକୁ ପୋଡ଼ିବା ପରେ ରହି ଯାଇଥିବା ଦେହାବଶେଷକୁ ନିକଟରେ ଥିବା ଏକ ଜଳ ପ୍ରପାତରେ ପକାଇଥିଲେ । ଏହି ଖବର ଜଣାପଡିବା ପରେ ୩ ଜଣ ବନ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା ।

## ରାଜ୍ୟରେ ନକଲି ଔଷଧ ଧରପଗଡ



ଭୁବନେଶ୍ୱର, ୧୪/୧୨ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ନକଲି ଔଷଧ କାରବାର ଉପରେ ଚଢ଼ଉ ଓ ଧରପଗଡ ଜୋରଦାର କରାଯାଇଛି । ରାଜ୍ୟ ବାହାରୁ ଆସୁଥିବା ଔଷଧ ଉପରେ କଡ଼ା ନଜର ରଖିବା ସହ ସମସ୍ତ ସମ୍ବେଦନଶୀଳ ଓ ସନ୍ଦେହାତ୍ମକ ଗୋଦାମ ଉପରେ ସଘନ ଚଢ଼ାଉ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ୍ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଔଷଧ ଗୋଦାମ ସହ ଖୁଚୁରା ବ୍ୟବସାୟ କେନ୍ଦ୍ର ଓ ଦୋକାନ ମାନଙ୍କରେ ମଧ ଚଢ଼ାଉ ଜାରି ରହିଛି । ଇତି ମଧ୍ୟରେ କଟକରେ ୬ ଟି, କେନ୍ଦ୍ରାପଡାରେ ୧ ଟି, ଝାରସୁଗୁଡାରେ ୨ ଟି,ଏବଂ ସୁନ୍ଦରଗଡ, ବରଗଡ ଓ ସମ୍ବଲପୁରରେ ୧ ଟି ଲେଖାଏଁ ଯାଗାରୁ ନକଲି ଔଷଧ ଧରାଯାଇ ଆଇନଗତ ମକଦ୍ଦମା ରୁଜୁ କରାଯାଇଛି । ଦୋକାନମାନଙ୍କରେ ଥିବା ପ୍ରତି ଔଷଧ ଷ୍ଟ୍ରିପ୍ କୁ ଯାଂଚ କରାଯାଉଛି । ଲଗାତର ଭାବେ ଚଢ଼ାଉ ଜାରି ରଖି ନକଲି କାରବାର କରୁଥିବା ଲୋକ ଓ ଦୋକାନୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଶ୍ରୀମତୀ ପଣ୍ଡିତ୍ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାପ୍ତ ସୂଚନାରୁ ଜଣାପଡିଛି, କଟକର ଭି.ଆର.ଏଜେନ୍ସି, ପୂଜା ଏଂଟରପ୍ରାଇଜରସ୍, କୟାଲ ଏଜେନ୍ସି, ମହାବୀର ପ୍ରସାଦ ରାଧେଶ୍ୟାମ, ଶ୍ରୀ ଡିଷ୍ଟ୍ରିବ୍ୟୁଟରସ୍ ଏବଂ ଶ୍ରୀ ଏମ୍.ଏଚ୍ ଆଦି ଗୋଦାମରୁ ଚଢ଼ଉପରେ ନକଲି ଔଷଧ ମିଳିଛି । ସେହିପରି ଝାରସୁଗୁଡା ଜିଲ୍ଲାର ଶ୍ୟାମ ମେଡ଼ିକାଲ ଓ ଅମିତ୍ ଏଜେନ୍ସି, ସୁନ୍ଦରଗଡ଼ର ପ୍ରକାଶ ମେଡିକାଲ ପ୍ରା.ଲିଃ, ବରଗଡର ଅଶୋକ ମେଡିକାଲ ହଲ୍, ସମ୍ବଲପୁରର ଦୁର୍ଗା ଏଜେନ୍ସି ଏବଂ କେନ୍ଦ୍ରାପଡାର ସାଇ ଆଦି ଗୋଦାମରୁ ଚଢ଼ାଉ ପରେ ନକଲି ଔଷଧ ମିଳିଛି । ଏସବୁ ଏଜେନ୍ସି, ଗୋଦାମ ଓ ଦୋକାନ ବିରୁଦ୍ଧରେ ଡ୍ରଗ୍ସ ନିୟନ୍ତ୍ରଣ ଆଇନ୍ ଅନୁସାରେ ମକଦ୍ଦମା ରୁଜୁ କରାଯାଇଛି ।

## ଚୀନ ଓ ଭାରତର ସୀମା ବିବାଦକୁ ନେଇ ସଂସଦରେ ହଇଗୋଳ



ନୂଆଦିଲ୍ଲୀ, ୧୪/୧୨ : ଚୀନ, ଭାରତ ମଧ୍ୟରେ ଦେଖାଦେଇଥିବା ସୀମା ବିବାଦକୁ ନେଇ ବୁଧବାର ସଂସଦର ଉଭୟ ଗୃହରେ ଉତେଜନା ଦେଖିବାକୁ ମଳିଛି । ବିରୋଧୀ ଦଳଗୁଡିକ ଚୀନ-ଭାରତ ସେନା ସଂଘର୍ଷ ଉପରେ ଆଲୋଚନା କରିବାକୁ ଦାବି ପରେ ସ୍ଥିତି ସରଗରମ ରହିଛି । ସରକାର ଏବିଷୟରେ ଆଲୋଚନା କରିବାକୁ ଦେଉନଥିବାର ଅଭିଯୋଗ କରି ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ଏବଂ ଟିଏମସି ସାଂସଦମାନେ ଲୋକସଭାରୁ ଉଠି ପଳାଇଯାଇଥିଲେ । ପ୍ରଶ୍ନକାଳ ଶେଷ ହେବା କ୍ଷଣି ଲୋକସଭାର କଂଗ୍ରେସ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ ଭାରତ-ଚୀନ ସୀମା ବିବାଦ ଉପରେ ଆଲୋଚନା କରିବାକୁ ଦାବି କରିଥିଲେ । ୧୯୬୨ରେ ତତକାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲୋକସଭାରେ ଭାରତ-ଚୀନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ୧୬୫ ଜଣ ସାଂସଦଙ୍କୁ କହିବାକୁ ସୁଯୋଗ ଦିଆଯାଇଥିଲା । କିନ୍ତୁ ଏବେ କାହାକୁ କହିବାକୁ ସୁଯୋଗ ଦିଆଯାଉନାହିଁ ବୋଲି ଶ୍ରୀ ଚୌଧୁରୀ କହିଥିଲେ । ଯାହାକୁ ନେଇ ଗୃହରେ ଉତେଜନା ଦେଖିବାକୁ ମିଳିଥିଲା ।

## ବାଲେଶ୍ୱର ସରକାରୀ ହସ୍ପିଟାଲରେ ଚରମ ଅବ୍ୟବସ୍ଥା



ବାଲେଶ୍ୱର, ୧୪/୧୨ (ନି.ପ୍ର): ସରକାରୀ ହସ୍ପିଟାଲର ଚରମ ଅବ୍ୟବସ୍ଥା । ବେଡ୍ ନାହିଁ, ତଳେ ଶୋଉଛନ୍ତି ପ୍ରସୂତୀ ଓ ନବଜାତ । ସ୍ୱାସ୍ଥ୍ୟ ସେବାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ମେଡିକାଲରେ । ସ୍ଥିତି ପରଖିବା ପାଇଁ ରାତିରେ ମେଡିକାଲରେ ପହଂଚିଥିଲେ କନକ ନ୍ୟୁଜର ପ୍ରତିନିଧି । ସେଠାରେ ପହଂଚିବା ପରେ ଶୀତରାତିରେ ହସ୍ପିଟାଲରେ ବେଡ଼ ନପାଇ, ନବଜାତ ସହ ପ୍ରସୂତୀ ବାରଣ୍ଡାରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ହସ୍ପିଟାଲରେ ଦିନକୁ ଦିନ ବଢ଼ିବାରେ ଲାଗିଛି ରୋଗୀଙ୍କ ସଂଖ୍ୟା । ବାଲେଶ୍ୱର, ଭଦ୍ରକ, ମୟୂରଭଂଜ, ପଶ୍ଚିମବଙ୍ଗ ଏପରିକି ଝାଡ଼ଖଣ୍ଡରୁ ମଧ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି । ସବୁ ବିଭାଗରେ ରୋଗୀଙ୍କ ଖଟା ଖଟ ଭିଡ଼ ହେଉଛି । ହେଲେ ସବୁଠୁ ଅଧିକ ଦୟନୀୟ ଅବସ୍ଥା ପ୍ରସୂତୀ ବିଭାଗରେ ଦେଖିବାକୁ ମିଳିଛି । ପ୍ରସୂତୀଙ୍କ ପାଇଁ ସ୍ୱତନ୍ତ୍ର ବିଲ୍ଡିଂ ଥିଲେ ମଧ ତାହା ମଧ ସମୁଦ୍ରକୁ ସଂଖେ । ରୋଗୀଙ୍କ ଆବଶ୍ୟକ ମୁତାବକ ନା ଅଛି ବେଡ୍ ନା ଅଛି କୋଠରୀ । ଯାହାପାଇଁ ପ୍ରସବ ପରେ ହସ୍ପିଟାଲ ବାରଣ୍ଡାରେ ରହିବାକୁ ବାଧ ହେଉଛନ୍ତି ପ୍ରସୂତୀ । ଏନେଇ ବାରମ୍ବାର ▶▶ପୃଷ୍ଠା ୭

## ବିଧାୟକଙ୍କ ଦରମା ହେବ ଦୁଇ ଗୁଣ !

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ବର୍ଷକୁ ବିଧାନସଭା ୬୦ ଦିନ ଚାଲିପାରୁନି, କିନ୍ତୁ ବିଧାୟକଙ୍କ ଦରମା ବଢାଇବା ପାଇଁ ଜୋରଦାର ଉଦ୍ୟମ ଚାଲିଛି । ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି କରିବାକୁ ଗଠିତ ହୋଇଥିବା ପରାମର୍ଶଦାତା କମିଟି ବାଚସ୍ପତିଙ୍କୁ ରିପୋର୍ଟ ପ୍ରଦାନ କରିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କମିଟି ବିଧାୟକମାନଙ୍କ ଦରମା, ଭତା ଓ ପୂର୍ବତନ ବିଧାୟକଙ୍କ ପେନସନ ପାଖାପାଖି ଦୁଇ ଗୁଣ ବଢିବା ପ୍ରସ୍ତାବ ରହିଛି । ନିକଟରେ ବିଧାନସଭାର ଶୀତଅଧିବେଶନ ଧାର୍ଯ୍ୟ ସମୟର ୨୫ ଦିନ ପୂର୍ବରୁ ମୁଲତବୀ ହୋଇଥିଲା । ପଦ୍ମପୁର ନିର୍ବାଚନ ସମୟରେ ୩୦ରୁ ଅଧିକ ବିଧାୟକ ଗୃହରେ ଅନୁପସ୍ଥିତ ଥିଲେ । ଏଭଳି ସ୍ଥଳେ ବିଧାୟକଙ୍କ ଦରମା ବଢିବା କଥା କି ନୁହେଁ ତାଉପରେ ନୂଆ ବିତର୍କ ଆରମ୍ଭ ହୋଇଛି । ଦରମା କେମିତି ବଢେ ? କିଏ ବଢାଏ ? ଏ ପ୍ରଶ୍ନର ଉତ୍ତର ସାଧାରଣରେ ଏଇୟା ଆସେ ଯେ ଭଲ କାମ କଲେ ଦରମା ବଢିବ ଓ ଦରମା ବଢାଇବେ ଉପରିସ୍ଥ ଅଧିକାରୀ । କିନ୍ତୁ ନିଜ ଦରମା ନିଜେ ବଢାଇବା କଥା ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ । କିନ୍ତୁ ନିଜେ କମିଟି ଗଠନ କରି ନିଜ ଦରମା ବଢାନ୍ତି ନିର୍ବାଚିତ ପ୍ରତିନିଧି । ଗଣତନ୍ତ୍ରର ମନ୍ଦିର ବିଧାନସଭା ଭିତରର ଚିତ୍ର ସବୁବେଳେ ଚର୍ଚ୍ଚାରେ ରହିଥାଏ । ଯେଉଁଠାରେ କାମ କମ୍, ଆଉ ହୋହାଲ୍ଲା ଅଧିକ ହେଉଛି । ଜନପ୍ରତିନିଧିଙ୍କ କାମ ହେଉଛି ବିଧାନସଭାରେ ନିଜ ନିର୍ବାଚନ ମଣ୍ଡଳୀ ବିଷୟରେ ସ୍ୱର ଉଠାଇବା । ▶▶ପୃଷ୍ଠା ୭

# ଜୟପୁର ରେଳ ଷ୍ଟେସନରେ ସମୀକ୍ଷା କଲେ ଡିଆରଏମ

ଜୟପୁର, ୧୪/୧୨ (ନି.ପ୍ର): ପୂର୍ବତଟ ରେଳବାଇର ୱାଲ୍ଟେୟାର୍ ଡିଭିଜନର ଡି.ଆର.ଏମ୍. ଅନୁପ ଶତପଥୀଙ୍କ ଜଗଦଲପୁରରୁ ବିଶାଖାପାଟଣା ଗସ୍ତ ସମୟରେ ଜୟପୁର ରେଳ ଷ୍ଟେସନ୍ ର କଲେ ସମୀକ୍ଷା। ରେଳ ବିଭାଗର ଡିଆରଏମ ଅନୁପ ଶତପଥି ଜଗଦଲପୁରରୁ ବିଶାଖାପାଟଣା ଯିବା ସମୟରେ ଜୟପୁର ରେଳ ଷ୍ଟେସନରେ ପହଂଚି ସମିକ୍ଷା କରିଥିଲେ । ଡିଆରଏମଙ୍କ ଗସ୍ତ ସୂଚନା ପାଇ ଜୟପୁରର ବିଭିନ୍ନ ଅନୁଷ୍ଠାନ ତରଫରୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଜନ କଲ୍ୟାଣ ମଂଚ ଜୟପୁର ତରଫରୁ ପ୍ରତ୍ୟହ ଭୁବନେଶ୍ୱରରୁ ବିଶାଖାପାଟଣା ଆସୁଥିବା କୋରାପୁଟ ଯାଏ ଭାୟା ଆରକୁ ଦେଇ ସଂପ୍ରସାରଣ କଲେ ଅବିଭକ୍ତ କୋରାପୁଟ ବାସିନ୍ଦା ଉପକୃତ ହୋଇଥାନ୍ତେ । ତତସହ ଜୟପୁର ରେଳ ଷ୍ଟେସନ ଯାତ୍ରୀବାହୀ ରେଳ ଗୁଡିକ ପ୍ଲାଟଫର୍ମ ନଂ ୧ ରେ ଲାଗୁ ବୋଲି ମଂଚର ରାଜେନ୍ଦ୍ର ଗୌଡ, ବାଲା ରାୟ ପ୍ରମୁଖ ଦାବି କରିଥିଲେ।

ସେହିପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏଥିରେ ଜୟପୁର ରେଳ ଷ୍ଟେସନରେ ଥିବା ଫୁଟ ଓଭର ବ୍ରିଜ୍ ର ଉଭୟ ପାର୍ଶ୍ୱରେ ଖସଡ଼ା ପଥ ଗ୍ଲାଇଡିଙ୍ଗ୍ ସ୍ଲୋପ୍ ନିର୍ମାଣ କଲେ ଯାତ୍ରୀମାନେ ଟ୍ରଲି ବ୍ୟାଗ୍ କିମ୍ବା ସୁଟକେସ୍ ଧରି ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଇପାରିବେ ଏବଂ ହୁଇଲ୍ ଚେୟାରରେ ବୟସ୍କ ଓ ରୋଗୀମାନଙ୍କୁ ନିଆ ଯାଇପାରିବ। ଜୟପୁର ଠାରେ ଲଗେଜ୍ ବୁକିଙ୍ଗ୍ ବ୍ୟବସ୍ଥା ଉପଲବ୍ଧ କଲେ ଯାତ୍ରୀମାନଙ୍କୁ କୋରାପୁଟ ଯାଇ କରିବାକୁ ପଡ଼ିବ ନାହିଁ । ଦ୍ୱିତୀୟ ପ୍ଲାଟଫର୍ମ ର ରେଷ୍ଟ ସେଡ୍ ପରିବର୍ଦ୍ଧିତ କରି ସେଠାରେ ଶୌ ।ଚାଳୟ ଓ ପିଇବା ପାଣିର ବ୍ୟବସ୍ଥା କରିବା । ମାଲକାନଗିରି - ଜୟପୁର - ଜୁନାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଜଗଦଲପୁରରୁ ଦେଶର ରାଜଧାନୀ ଦିଲ୍ଲୀ ଓ ମୁମ୍ବାଇ ମେଟ୍ରୋ ସିଟି ସହ ସଂଯୋଗୀକରଣ ବ୍ୟବସ୍ଥା କରିବା ଆଦି ଦାବି ଦେଇ ଆଲୋଚନା କରାଯାଇଥିଲା । ଅନୁପ ଶତପଥୀ ଆଗ୍ରହର ସହ ସମସ୍ତଙ୍କ ଦାବି ଧୈର୍ଯ୍ୟର ସହ ଶୁଣିଥିଲେ ଏବଂ ରେଳବାଇ ପକ୍ଷରୁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ମଧ୍ୟ ପ୍ରକାଶ କରିଥିଲେ । ଷ୍ଟେସନ୍ ର ଉଭୟ ପାର୍ଶ୍ୱରେ ଲିଫ୍ଟ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସହ ଜନସାଧାରଣଙ୍କ ହିତରେ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ କରାଯାଉଛି। ସିପିଆଇ ପକ୍ଷରୁ କୁହାଯାଇଥିଲା ଯେ, ଲିଫ୍ଟ ବ୍ୟବସ୍ଥା ଭଲ, କିନ୍ତୁ ଯେହେତୁ ଥରକେ ମାତ୍ର ୨୦ ଜଣ ପର୍ଯ୍ୟନ୍ତ ଯାଇପାରିବେ ତେଣୁ ଖସଡ଼ା ପଥ ନିର୍ମାଣ ଜରୁରୀ, ଯଦି ଏଲିଭେଟର୍ ସିଷ୍ଟମ୍ ହୁଏ ତେବେ ଭଲ ହେବ । ଲଗେଜ୍ ବୁକିଙ୍ଗ୍ ବ୍ୟବସ୍ଥା କରିବା ପାଇଁ ସେ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତା ସହ ଦୁଇ ନମ୍ବର ପ୍ଲାଟଫର୍ମରେ ହିରାଖଣ୍ଡ ଓ ଅନ୍ୟ ଟ୍ରେନ୍ ଲାଗୁଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଣୁ ଏକ ନମ୍ବର୍ ପ୍ଲାଟଫର୍ମରେ ଟ୍ରେନ୍ ରହିବା ବ୍ୟବସ୍ଥା ଉପରେ ଉପସ୍ଥିତ ବିଭିନ୍ନ ସଂଗଠନ ଦାବି କରିଥିଲେ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସିପିଆଇର ଏହି ଦାବିପତ୍ର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଓ ରାମକୃଷ୍ଣ ଦାସଙ୍କ ନେତୃତ୍ୱରେ ଦିଆଯାଇଥିଲା । ଜଣେ ଓଡ଼ିଆ ଅଧିକାରୀ ଭାବେ ସ୍ଥାନୀୟ ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ଭଲ ପଦକ୍ଷେପ ନେଉଥିବାରୁ ଡି ଆର୍ ଏମ୍ ଙ୍କୁ ପାର୍ଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# କୋଲ୍‌ହଣ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଭାରତୀୟ ଭାଷା ଉତ୍ସବ ଅନୁଷ୍ଠିତ

ଚମ୍ପୁଆ, ୧୪/୧୨ (ନି.ପ୍ର): ଆଜି କୋଲ୍‌ହଣ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଜାତୀୟ ଭାଷା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଭାଗୀୟ ମୁଖ୍ୟ ଡ଼କ୍ଟର ହରିହର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେବା ସହିତ ପ୍ରତ୍ୟେକ ଭାଷାକୁ ସମ୍ମାନ ଦେବା ପାଇଁ ସଂକଳ୍ପ କରାଇଥିଲେ ଏବଂ ଭାଷାର ଉନ୍ନତି ସକାଶେ ମନ୍ତବ୍ୟ ଦେଇଥିଲେ । ଏବଂ ବିଭାଗୀୟ ସହଯୋଗୀ ପ୍ରାଧ୍ୟାପକ ଡ଼କ୍ଟର ମନୋଜ କୁମାର ମହାପାତ୍ର ଭାଷାର ପରିଭାଷା ଓ ଗୁଣ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ର ଛାତ୍ରୀ ମାନେ ମଧ୍ୟ 'ଭାରତୀୟ ଭାଷା ଉତ୍ସବ' ଶୀର୍ଷକରେ ବକ୍ତବ୍ୟ ରଖିଥିଲେ । ଏମାନଙ୍କ ମଧ୍ୟରେ ବିକାଶ ନାୟକ ଓ ଅର୍ଚ୍ଚନା ବେହେରା ପ୍ରତ୍ୟେକ ଭାଷା ଓ ଲୋକଙ୍କ ପ୍ରତି ଦୁର୍ଭାବନା କିମ୍ବା ଘୃଣା ଭାବ ନଦେଖାଇ ପ୍ରତ୍ୟେକ ଭାଷାକୁ ସମ୍ମାନ ଦେବା, ପ୍ରତ୍ୟେକ ଭାଷାରେ ଉପଲବ୍ଧ ଥିବା ସାହିତ୍ୟ ଓ କୌଶଳର ଜ୍ଞାନ ଆନ୍ତରିକତାର ସହିତ ଗ୍ରହଣ କରି ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ସଦୁପଯୋଗ କରିବା ପାଇଁ ନିବେଦନ କରିଥିଲେ । ରାଜ କୁମାର ମହାନ୍ତ, ମୃତ୍ୟୁଞ୍ଜୟ ମିଶ୍ର, ଅନୁସୟା ସେଠୀ, ଧରିତ୍ରୀ ପ୍ରଧାନ, ରୁପାଲି ବେହେରା, ନମିତା ଦାସ, ଅନୁରାଧା ପାତ୍ର, ସୁନିତା ବାରିକ, ବିଶ୍ୱରଞ୍ଜନ ମହାକୁଡ଼ ପ୍ରମୁଖ ନିଜ ମାତୃଭାଷାକୁ ସମ୍ମାନ ଦେଖାଇବା ସହିତ ପ୍ରଖ୍ୟାତ ଲେଖକ ସୁବ୍ରମାନ୍ୟମ ଭାରତୀଙ୍କ ବିଷୟରେ ଆଲୋଚନା କରି ଭାଷାର ଉଦ୍ଦେଶ୍ୟ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ବିଭାଗୀୟ ଶିକ୍ଷା ସହାୟିକା ସୁଷମା ବାରିକ 'ଭାଷା ଉତ୍ସବ' ସମ୍ପର୍କରେ ବକ୍ତବ୍ୟ ରଖି ସଭାର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସମାପନ କରାଯାଇଥିଲା ।

# ପୁଣି ବିବାଦରେ ଗୁଣ୍ଡିଚା ମନ୍ଦିର ନିକଟ ପେଟ୍ରୋଲ ପମ୍ପ

ପୁରୀ, ୧୪/୧୨ (ନି.ପ୍ର): ଜନଗହଳିପୂର୍ଣ୍ଣ ଗୁଣ୍ଡିଚା ମନ୍ଦିର ଓ ବସଷ୍ଟାଣ୍ଡ ନିକଟରେ କଛି ମାସ ଧରି ଖୋଲାଯାଇଥିବା ପେଟ୍ରୋଲ ପମ୍ପ ବିବାଦୀୟ ହୋଇପଡ଼ିଥିବା ବେଳେ ଆଜି ପ୍ରେଟୋଲ ପମ୍ପ ରହିବା ଠକେଇକୁ ନେଇ ଗ୍ରାହକ ଅଭିଯୋଗ କରିଛନ୍ତି। ଦୁଇ ଲିଟର ପେଟ୍ରୋଲକୁ ୨୩୦ ଟଙ୍କା ବିଲ୍ ଉଠିବା ଯୋଗୁ ଗ୍ରାହକ ସେଠାରେ ଏହି ଠକେଇ ସମ୍ପର୍କରେ ପ୍ରଶ୍ନ କରିଥିଲେ। ପେଟ୍ରୋଲ ପକାଇବା ସମୟରେ ହ୍ୟାଣ୍ଡେଲ ଅନ୍ କରିବା ସମୟରେ ପେଟ୍ରୋଲ ନଯାଇ ପବନ ଯାଉଥିବା କେତେକ ଗ୍ରାହକ ସେଠାରେ ଆଲୋଚନା କରିଥିଲେ । ଖୋଲିବା ଦିନ ଠାରୁ ଏହି ଟାଙ୍କି ବିବାଦୀୟ ହୋଇପଡ଼ିଛି । ଏଠାରେ ଡ଼ିଜେଲ ମିଳୁନଥିବାରୁ ବସଷ୍ଟାଣ୍ଡରେ ଥିବା ଶହ ଶହ ଅଟୋ ଡ଼ିଜେଲ ପକାଇବା ପାଇଁ ଅନ୍ୟତ୍ର ଯାଉଛନ୍ତି। ଐତିହ୍ୟ ଅଞ୍ଚଳର ୧୦୦ ମିଟର ଭିତରେ ଏହା ରହିଥିବାରୁ ଏହାକୁ ତୁରନ୍ତ ବନ୍ଦ ପାଇଁ ସାଧାରଣରେ ଦାବି ହେଉଛି ।

# କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷଙ୍କ ବଲାଙ୍ଗିର ଗସ୍ତ

ବଲାଙ୍ଗୀର, ୧୪/୧୨ (ନି.ପ୍ର): ଓଡିଶା କୃଷି ଶିଳ୍ପ ନିଗମର ଉପାଧ୍ୟକ୍ଷ ଡ.ସନ୍ତୋଷ କୁମାର ବେଜ ବଲାଙ୍ଗିର ଜିଲ୍ଲା ଗସ୍ତ ରେ ଆସି ଜିଲ୍ଲା କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଜନନିଧି-୨ ଯୋଜନା ରେ ହିତାଧିକାରୀ ଚାଷୀ ମାନଙ୍କୁ କ୍ଷୁଦ୍ର ଉଠାଜଳ ସେଚନ ପ୍ରକଳ୍ପ ପାଇଁ ବିଭିନ୍ନ ଯନ୍ତ୍ରପାତି ବଣ୍ଟନ କରିଥିଲେ । ସରକାର ଙ୍କ କୃଷି ଯନ୍ତ୍ର ପାତି ରିହାତି ଯୋଜନାରେ ୨ ଜଣ ହିତାଧିକାରୀ ଙ୍କୁ ସ୍ୱରାଜ ଟ୍ରାକଟର ଓ ଅନ୍ୟ ୨ ଜଣକୁ ମେସି ଟ୍ରାକ୍ଟର ବଣ୍ଟନ କରାଯାଇଥିଲା କ୍ଷ ବଲାଙ୍ଗିର ଜିଲ୍ଲା କୃଷୀ ଶିଳ୍ପ ନିଗମ ର ଅଗ୍ରଣୀ ସାର ଡିଲର ପ୍ରେମସୁଧ ପ୍ରଧାନ, ଶିବ ବାରିକ, ବିଭୂତି ପଟେଲ ଇତ୍ୟାଦି ଡ.ବେଜଙ୍କୁ କୃଷୀ ଶିଳ୍ପ ନିଗମ ମଧ୍ୟମ ରେ ଅଧିକ ରୁ ଅଧିକ ସାର ବ୍ୟବସାୟ କିଭଳି ହେବ ସେ ବିଷୟରେ ଅନୁରୋଧ ରଖିଥିଲେ। ପରେ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ କେମିତି ଅଧିକରୁ ଅଧିକ ହିତାଧିକାରୀ ଉପକୃତ ହେବେ ସେ ବିଷୟରେ ଡ.ବେଜ ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ । ବଲାଙ୍ଗିର ଜିଲ୍ଲା ଏକ କୃଷି ବହୁଳ ଜିଲ୍ଲା ହୋଇଥିବା ରୁ କିପରି ଉନ୍ନତ ମାନର କୃଷି ଉପକରଣ ଓ ଉଠାଜଳସେଚନ ମାଧ୍ୟମରେ କିପରି ଚାଷୀ ଅଧିକ ଅମଳ କରିପାରିବେ ସେ ବିଷୟରେ ଚାଷୀ ଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସର ରେ ଉପାଧ୍ୟକ୍ଷ. ସନ୍ତୋଷ କୁମାର ବେଜ ଙ୍କ କରକମଳ ରେ ପୁଇନ୍ତଲା ବ୍ଲକ ଅନ୍ତର୍ଗତ ଅଙ୍କରିଆପଦର୍ ଗ୍ରାମପଞ୍ଚାୟତ ର ମୋଟିଝରିଆ ଗ୍ରାମ ରେ ଏକ ଉଠାଜଳ ସେଚନ ପ୍ରକଳ୍ପ ଲୋକାର୍ପିତ ହୋଇଥିଲା । ଏହି ପ୍ରକଳ୍ପରେ ୮ ଜଣ ହିତାଧକାରୀ ଚାଷୀ ଅନ୍ତର୍ଭୁକ୍ତ ଥିଲେ ଓ ଏହି ପ୍ରକଳ୍ପ ମାଧ୍ୟମରେ ୪୦ ଏକର ରୁ ଉର୍ଦ୍ଧ୍ୱ ଜମି ଜଳ ସେଚିତ ହେବ । ଏହି କାର୍ଯ୍ୟକ୍ରମ କୁ ସୁବର୍ଣ୍ଣପୁର କୃଷି ଶିଳ୍ପ ନିଗମ କାର୍ଯ୍ୟାଳୟ ପରିଚାଳକ ଇଂ ରମ୍ୟରଂଜନ ମିଶ୍ର ପରିଚାଳନା କରିବା ସହ କନିଷ୍ଠ ଯନ୍ତ୍ରୀ ଶୁଭକାନ୍ତ ପ୍ରଧାନ, ଆଲୋକ ବିଶ୍ୱାଳ, ସୁଧୀର ମିଶ୍ର, ପଞ୍ଜିକୃତ ଇଲେକ୍ଟ୍ରିକାଲ କନଟ୍ରାକ୍ଟର, ଟ୍ରାକଟର ସପ୍ଲାୟରଙ୍କ ସହ କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ପଶ୍ଚିମାଂଚଳବାସୀଙ୍କୁ ମୂର୍ଖ ଭାବିବା ବନ୍ଦ କରୁ ବିଜେଡି : ବିଜେପି

ସମ୍ବଲପୁର, ୧୪/୧୨ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବିରେ ଚାଲିଛି ଆନ୍ଦୋଳନ । ମାତ୍ର ଗତକାଲିର ଘଟଣାକୁ ନେଇ ବିଜେଡି ଦେଇଥିବା ପ୍ରତିକ୍ରିୟା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବି ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଚିନ୍ତାଜନକ ବୋଲି ସମ୍ବଲପୁର ବିଜେପି ପ୍ରତିକ୍ରିୟା ରଖିଛି । ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, ରେଙ୍ଗାଲି ବିଧାୟକ ନାଉରି ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାୟକ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ଦଳର କ୍ଷେତ୍ରିୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଓ କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ଏକ ମିଳିତ ପ୍ରେସ ବିବୃତିରେ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହିତ କହିଛନ୍ତି ବିଜେଡି ଜାଣି ରଖିବା ଉଚିତ ଯେ କେନ୍ଦ୍ର ସରକାର ଏ ସମ୍ପର୍କରେ ବାରମ୍ବାର ପତ୍ର ଲେଖି ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଥିଲେ ମଧ୍ୟ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି ଯାହାକି ଦାଣ୍ଡରେ ପଡି ହାଟରେ ଗଡ଼ିବା ସଦୃଶ୍ୟ। ଚଳିତ ବର୍ଷ ଏପ୍ରିଲ ୨୦ ତାରିଖରେ କେନ୍ଦ୍ର ବିଧି ଓ ନ୍ୟାୟ ମନ୍ତ୍ରୀ କିରଣ ରିଯିଜୁ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଥିଲେ । ଏହାକୁ ଆଧାର କରି ପରେ ଗତ ମଇ ମାସ ୨୮ ତାରିଖରେ ସି.ଏ.ସି ବୈଠକର ନିଷ୍ପତ୍ତି ଅନୁଯାୟୀ କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବା ନିମନ୍ତେ ଜୁନ ୩୦ ଯାଏଁ ରାଜ୍ୟ ସରକାରଙ୍କୁ ମହଲତ ଦିଆଯାଇଥିଲା । ପରବର୍ତ୍ତି ସମୟରେ ଜୁଲାଇ ୮ ତାରିଖରେ ଚେତାବନୀ ଦିବସ ପାଳନ କରି ପଶ୍ଚିମ ଓଡିଶା ଓକିଲ ସମୂହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପୁଣି ସେପଟ୍ଟେମ୍ବର ୨୮ ତାରିଖରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପେଷାଦାର ଆଇନଜୀବୀ ମାନେ ଭୁବନେଶ୍ୱରରେ ଏହି ଦାବି ପୂରଣ ପାଇଁ ଆନ୍ଦୋଳନ ବିକରିଥିଲେ । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆଇନଜୀବୀଙ୍କ ଚାଲିଆସୁଥିବା ଏହି ଆନ୍ଦୋଳନ ଏବେ ଜନଆନ୍ଦୋଳନରେ ପରିଣତ ହୋଇ ସାରିଛି। ପ୍ରାୟ ଦୁଇ କୋଟି ଲୋକଙ୍କର ଭାବାବେଗ ସହିତ ଜଡିତ ଏହି ଜନ ଆନ୍ଦୋଳନ ସହିତ ରାଜ୍ୟ ସରକାରଙ୍କ ପକ୍ଷପାତିତା ଓ ଷଡଯନ୍ତ୍ର ଲୋକଙ୍କୁ ଖୋଲାଖୋଲି ଧୋଖା ଦେବା ସହ ସମାନ ହୋଇଛି। ରାଜ୍ୟ ସରକାର ଯଦି ଠିକ ସମୟରେ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆଗତ କରିଦେଇଥାନ୍ତେ ତାହେଲେ ଗତକାଲିର ଘଟଣା ଘଟିବାର କୌଣସି ସମ୍ଭାବନା ନଥିଲା । ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ ଠୋସ ପଦକ୍ଷେପ ଗ୍ରହଣ କରି କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ନଦେବା ଓ ରାଜନୈତିକ ଅଭିସନ୍ଧି ରଖି ସର୍ବଦା କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ପଶ୍ଚିମ ଓଡିଶାବାସୀଙ୍କୁ କଟା ଘା''ରେ ଚୂନ ବୋଳିବା ସଦୃଶ ହୋଇଛି ବୋଲି ବିଜେପି ନେତୃବୃନ୍ଦ ଆରୋପ କରିଛନ୍ତି ।

# ମହୋଦଧି ଆରତୀ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୪/୧୨ (ନି.ପ୍ର): ୨୦୨୩ ମସିହା ଜାନୁଆରୀ ମାସ ୬ ତାରିଖରେ ବାର୍ଷିକ ମହୋଦଧି ଆରତୀ ଉତ୍ସବ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ କରୋନା ପାଇଁ ଦୁଇ ବର୍ଷ ବନ୍ଦ ରହିବା ପରେ ଆଗାମୀ ଜାନୁଆରୀ ୬ ତାରିଖ ପୌଷ ପୂର୍ଣ୍ଣିମା ତିଥିରେ ଏହାକୁ ପାଳନ ପାଇଁ ତୀର୍ଥରାଜ ଶ୍ରୀ ମହୋଦଧି ଆରତୀ ପରିଚାଳନା ସମିତି ଓଡ଼ିଶା ପକ୍ଷରୁ ଅନୁରୋଧ କରାଯାଇଛି। ତେଣୁ ଏହାକୁ ଏକ ଭବ୍ୟ ପରିବେଶ ରେ ଆୟୋଜନ କରିବାକୁ ସମସ୍ତେ ସହଯୋଗ କରିବାକୁ ସେ ମତ ଦେଇଥିଲେ। ସମିତିର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ ସମସ୍ତ ଙ୍କୁ ସ୍ୱାଗତ ସହ ମହୋଦଧି ଶ୍ରୀମନ୍ନାରାୟଣ ଭଗବାନ ଙ୍କ ନିବାସ ସ୍ଥାନ ।ଜଳ, ଜୀବର ଜୀବନ ହୋଇ ଥିବାରୁ ବିଶ୍ୱ କଲ୍ୟାଣକାରୀ ଭାବନା ନେଇ ବିଗତ ୧୬ ବର୍ଷ ଧରି ପବିତ୍ର ମହୋଦଧି ଆରତୀ କାର୍ଯ୍ୟକ୍ରମ ଆସ୍ଥା ଓ ବିଶ୍ୱାସ ର ସହ ବିଧିପୂର୍ବକ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ତଟରେ କରାଯାଉଛି । ଏଥିରେ ପୂଜ୍ୟପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜ,ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଙ୍କ ସମେତ ବହୁ ସାଧୁ ସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥାନ୍ତି ବୋଲି କହିଥିଲେ। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭିନ୍ନ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଆରତୀ ସ୍ଥଳ ପରିଷ୍କାର ପରିଚ୍ଛନ୍ନ କରିବା, ଉଠା ଦୋକାନ ମାନଙ୍କୁ ଉଠାଇବା, ବ୍ୟାରିକେଡ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା,ପାନୀୟ ଜଳ, ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା, ଆଶୁ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ତଟରକ୍ଷୀ ମାନଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥା, ପ୍ରଚାର ପ୍ରସାର ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ରାମଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ରାଉତ, ସମିତିର ସଦସ୍ୟ ବ୍ରହ୍ମଚାରୀ ସୂୟାସ ପ୍ରଶାନ୍ତ, ଗୋବିନ୍ଦ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# କଂକ୍ରିଟ ରାସ୍ତା ଗଲା କୁଆଡେ ?

ନୂଆପଡ଼ା, ୧୪/୧୨ (ନି.ପ୍ର): ସବୁ ଗାଁକୁ ସହର ସହ ସଂଯୋଗ କରିବା ପାଇଁ ସରକାର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତୁରାରେ ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟ ହେଉଥିବା ବେଳେ ରାସ୍ତା ର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ତ କେଉଁ ଜାଗାରେ ରାସ୍ତା ନିର୍ମାଣ ନକରି ଟଙ୍କା ଆତ୍ମସାତ କରି ଉଭୟେ ମାଲେମାଲ ହେଉଥିବା ଦେଖିବାକୁ ମିଳୁଛି । ଏପରି ଏକ ଘଟଣା ସାମ୍ନା କୁ ଆସିଛି ଖଡ଼ିଆଳ ବ୍ଲକ ବିଜେପୁର ଠୁ ଗୋଡ଼ଧୁଆପଦର ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ । କଂକ୍ରିଟ କାମ ନକରି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଖଡ଼ିଆଳ ବ୍ଲକ ର ଗୋଡ଼ଧୁଆପଦର ହେଉଛି ଏକ ଆଦିବାସୀ ବହୁଳ ଗାଁ । ଏହି ଗାଁକୁ ସହର ସହ ସଂଯୋଗ କରିବା ପାଇଁ ୨୦୧୫ ମସିହା ରେ ପ୍ରଧାନମନ୍ତ୍ରୀ ସଡକ ଯୋଜନା ରେ ରାସ୍ତା ନିର୍ମାଣ ପାଇଁ ଏକ କୋଟି ୧୩ ଲକ୍ଷ ୫୫ ହଜାର ଟଙ୍କାରେ ରାସ୍ତା ନିର୍ମାଣ ହୋଇଥିଲା । ଏହି ଯୋଜନାରେ ଗାଁ ବସ୍ତିରେ ୨୭୦ ମିଟର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ସୂଚନା ଫଳକ ରେ ଦର୍ଶାଯାଇଛି । କାର୍ଯ୍ୟ କରୁଥିବା ଠିକାଦାର ରେଖା ସିଂଘଲ ନିମ୍ନ ମାନର ପିଚୁ ରାସ୍ତା କରିବା ସହ ବର୍ତ୍ତମାନ ଯାଏ ଆଜକୁ ପାଞ୍ଚ ବର୍ଷ ବିତିଯାଇଥିଲେ ହେଁ କଂକ୍ରିଟ ରାସ୍ତା ନିର୍ମାଣ କରି ନାହାଁନ୍ତି । କଂକ୍ରିଟ ରାସ୍ତା ନିର୍ମାଣ ହୋଇନଥିବା ରୁ ଗୋଡ଼ଧୁଆପଦର ଗ୍ରାମବାସୀ ଯାତାୟାତର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଖଡ଼ିଆଳ ବ୍ଲକ ଗୋଡ଼ଧୁଆପଦରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୨୭୦ ମିଟର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ସୂଚନା ଫଳକରେ ଉଲ୍ଲେଖ ରହିଛି । ଏମିତି କି ପିଚୁ ରାସ୍ତା ନିର୍ମାଣ ସମୟ ରେ ପୂର୍ବରୁ ପଞ୍ଚାୟତ ତରଫରୁ ତିଆରି ହୋଇଥିବା କଂକ୍ରିଟ ରାସ୍ତାକୁ ଠିକାଦାର ଭାଙ୍ଗି ଦେଇଥିଲେ ମଜଭୁତ କଂକ୍ରିଟ ରୋଡ ନିର୍ମାଣ ହେବ ବୋଲି କହିଥିଲେ । ହେଲେ ଆଜକୁ ପାଞ୍ଚ ବର୍ଷ ବିତି ଯାଇଥିଲେ ହେଁ କଂକ୍ରିଟ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ । ବାରମ୍ବାର ଗ୍ରାମବାସୀ ଠିକାଦାରଙ୍କ ଠାରୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଉଥିଲେ ହେଁ କିଏ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି । ଏପାଖରେ ଗୋଟିଏ ପ୍ରଶ୍ନ ଆସେ ଏହି ରାସ୍ତା ନିର୍ମାଣ ସମୟ ଅବଧି ସରି ଯାଇଥିବା ବେଳେ କାହିଁକି କଂକ୍ରିଟ ରାସ୍ତା ନିର୍ମାଣ ହୋଇ ପାରିନାହିଁ ନାଁ ମିଳିମିଶି କଂକ୍ରିଟ ରାସ୍ତା ଖାଇଗଲେ ବିଭାଗୀୟ ଅଧିକାରୀ ଓ ଠିକାଦାର ତାହା ସନ୍ଦେହ ଘେରରେ । ତୁରନ୍ତ ଆମ ଗାଁର ଠିକ ଥିବା ରାସ୍ତା କୁ ଭାଙ୍ଗିଥିବା ଠିକାଦାର ନୂତନ ରାସ୍ତା ନିର୍ମାଣ କରୁ ଅନ୍ୟଥା ରାଜ ରାସ୍ତା କୁ ଓଲ୍‌ହାଇ ଆନ୍ଦୋଳନ କରିବୁ ବୋଲି ଚେତାବିନୀ ଦେଇଛନ୍ତି ଗ୍ରାମବାସୀ। ଅପରପକ୍ଷରେ ଆମେ ଏବାବଦ ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ପଚାରିବାରୁ ଘଟଣାକୁ ହାଲୁକାର ସହ ନେଇ ଏବାବଦ ର ଟଙ୍କା ବଳକା ରହି ଯାଇଛି ଏବଂ ବର୍ତ୍ତମାନ ସେହି ପ୍ରୋଜେକ୍ଟ ବନ୍ଦ କରି ଦେଇଛୁ । କୌଣସି ପ୍ରକାରରେ ଆରେଞ୍ଜ କରି ତାର ସମାଧାନ କରି ରାସ୍ତା କରି ଦିଆଯିବ ବୋଲି କହିଛନ୍ତି । ବିଜେପୁର ଗୋଡ଼ଧୁଆପଦର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣା ପଡୁଥିବା ବେଳେ କଂକ୍ରିଟ ରାସ୍ତାକୁ ସମ୍ପୂର୍ଣ୍ଣ ଭାବରେ କିଏ ଖାଇଲା ତାହା ତଦନ୍ତ ସାପେକ୍ଷ। ବିଭାଗୀୟ ଅଧିକାରୀ ଙ୍କ ଖାମଖିଆଲି ନାଁ ଠିକାଦାର ପ୍ରୀତି। ଯଦି ଟଙ୍କା ସରିଯାଇଛି ତାହେଲେ ପୂର୍ବ ରାସ୍ତାକୁ ଭାଙ୍ଗି ଦିଆଗଲା କାହିଁକି ? ଯଦି ଟଙ୍କା ରହି ଯାଇଛି କାମ ହେଉନି କାହିଁକି ?

# ଜିଲ୍ଲା ପାଲା ଗାୟକ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପାଲା ଗାୟକ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ୟାମସୁନ୍ଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗାୟକ ସୂର୍ଯ୍ୟ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଗାୟକ ପରିଷଦର ସଭାପତି ଗଗନ ବିହାରୀ ସିଂହ, ସଂପାଦକ ପ୍ରଫୁଲ୍ଲ କୁମାର ପଣ୍ଡା,ମୁଖ୍ୟ ବକ୍ତା ଭାବେ ଅଜୟ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ସନ୍ତୋଷ ପଟ୍ଟନାୟକ, ରବିନ୍ଦ୍ର କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ଦାସ, ଡ଼ଃ ସର୍ବେଶ୍ୱର ସେଣ, ଶ୍ରୀଧର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଅସହାୟଙ୍କୁ କମ୍ବଳ ବଣ୍ଟନ

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କମିଟିର ସଭ୍ୟମାନେ ପୌରସଂସ୍ଥା ଅନ୍ତର୍ଗତ କଜଳା, ଦୁହୁରିଆ, ମାଧପୁର, ଜଇପୁରା, ଇଛାପୁର, ମୀରପାଟଣା ସମେତ ଅନେକ ସ୍ଥାନରେ ରାସ୍ତା କଡରେ ଅସହାୟ ଭାବରେ ପଡି ରହିଥିବା ବ୍ୟକ୍ତି ମାନଙ୍କୁ ୧୦୦ ରୁ ଅଧିକ କମ୍ବଳ ବଣ୍ଟନ କରାଯାଇଛି। ସମାଜସେବୀ ପ୍ରକାଶ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠାନ ତରଫରୁ ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ କରାଯାଉଛି । ଅନ୍ୟ ମାନଙ୍କ ମଧ୍ୟରେ ନିରଞ୍ଜନ ବେହେରା, ଲିୟାକତ ଅଲ୍ଲୀ, ରଶ୍ମି ରଞ୍ଜନ ସାହୁ, ହସରଥ ଖାନ, କୃଷ୍ଣଚନ୍ଦ୍ର ବେହେରା, ଗଣେଶ ସାହୁ, ଜୁନେଦ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପାଳପୁର ବେଳାଭୂମି ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ

ଗଞ୍ଜାମ, ୧୪/୧୨ (ନି.ପ୍ର): ଆସନ୍ତା ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମି ମହୋତ୍ସବ - ୨୦୨୨ରେ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦେବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କୁ ନେଇ ଚୟନ ପ୍ରକ୍ରିୟା ଗତକାଲି ଠାରୁ ଆରମ୍ଭ ହୋଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଜିତେନ କୁମାର ପରିଡ଼ା ଏହି ଚୟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସାଂସ୍କୃତିକ କମିଟିର ସଭ୍ୟ ଭାବେ ସଂସ୍କୃତି ବିଭାଗର ପୂର୍ବତନ ସହକାରୀ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ, ଅନିଲ କୁମାର ପାତ୍ର, ଡଃ. ମିହିର କୁମାର ତ୍ରିପାଠୀ, ନାରାୟଣ ମହାକୁଡ଼ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଗଞ୍ଜାମ ଜିଲ୍ଲାର କଳାକାରଙ୍କୁ ପ୍ରାଧାନ୍ୟ ଦେବା ସହ ଯେଭଳି ଅଧିକରୁ ଅଧିକ ଅଂଶଗ୍ରହଣ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଗୁରୁତ୍ୱ ଦେଇଛନ୍ତି । ଦଳଗତ ନୃତ୍ୟ ପରିବେଷଣ କରିବା ସକାଶେ ଆବେଦନ କରିଥିବା ୯୨ଟି ଅନୁଷ୍ଠାନ ମଧ୍ୟରୁ ପ୍ରଥମ ଦିନରେ ୩୮ଟି ଦଳର ଚୟନ ହୋଇଥିବା ବେଳେ ଅବଶିଷ୍ଟ ଚୟନ କରାଯିବ ବୋଲି ଜଣାପଡିଛି । ଯେଉଁ ଅନୁଷ୍ଠାନ ଗୁଡିକ ଆବେଦନ କରିନାହାଁନ୍ତି ସେମାନେ ବି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ । ଅନୁଷ୍ଠାନ ଗୁଡିକ ପୂର୍ବରୁ ପରିବେଷଣ କରିଥିବା ନୃତ୍ୟର ରେକର୍ଡ଼ିଂ ଭିଡ଼ିଓ ସାଙ୍ଗରେ ଆଣିବାକୁ କୁହାଯାଇଛି । ଚୟନ ହେବା ପରେ ଅନୁଷ୍ଠାନ ଗୁଡିକ ଗୋପାଳପୁର ବେଳାଭୂମି ମହୋତ୍ସବ, ବ୍ରହ୍ମପୁର ଠାରେ ଆସନ୍ତା ଜାନୁଆରୀ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଲ୍ଲିଶ୍ରୀ ମେଳା ମହୋତ୍ସବ ଓ ଛତ୍ରପୁର ଠାରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିବା ସକାଶେ ସୁଯୋଗ ପାଇବେ ।

# ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ

ଜୟପୁର, ୧୪/୧୨ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଛି । ଏହି ମେଳାକୁ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନି ଓ ବିଡିଓ ରାଜୀବ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି ମେଳାରେ ୬୮ଟି ବିଦ୍ୟାଳୟର ୧୬୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପ ଜିଲା ସ୍ତରୀୟ ବିଜ୍ଞାନ ମେଳା ପାଇ ଚୟନ ହୋଇ ଥିଲା । ମଡର୍ଣ୍ଣ ଇଂରାଜୀ ସ୍କୁଲର ଅର୍ପଣ୍ୟମ ପଣ୍ଡା, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ରାଣ୍ଡାପାଲିର ସୁନିଲ ନାୟକ, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଗଡପଦର ଡୋମୁ ମୁଦୁଲି, ନାରାୟଣୀ ଉଚ୍ଚ ବିଦ୍ୟାଳୟର ସଞ୍ଜନା ପାଢୀ, ସରକାରୀ ଉଚ୍ଚ ବିଦ୍ୟାଳୟର ପାମ୍ପୁଣିର ଆଶିଷ ବେହେରା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅରବିନ୍ଦରର ସଞ୍ଜୁକ୍ତା ମହାନ୍ତି, ସରକାରୀ ଉଚ୍ଚ ବିଦ୍ୟାଳୟ ପୁଜାରିପୁଟର ସୁମିତ କୁମାର ଦାସ ଚୟନ ହୋଇଛନ୍ତି । ଅପରାହ୍ନରେ ଉଦଯାପନୀ ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ସୁରେନ୍ଦ୍ର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀ ସଚିନ କୁମାର ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ ପ୍ରଭାତ ନଳିନି ପରିଛା, ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା, ସୁଦର୍ଶନ ନାୟକ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସିମାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପ୍ରକାଶ ପଟ୍ଟନାୟକ, ଯଜ୍ଞେଶ୍ୱର ପଣ୍ଡା, ଦେବି ଦାସ, ଶଙ୍କର ପ୍ରହରାଜ, ଜଗନ୍ନାଥ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ସିଆରସିସି ସହ ଯୋଗ କରିଥିଲେ ।

# ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଗ୍ରହଣ କରି ଆସୁଥିବା କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ବାରଡାଙ୍ଗ ପଂଚାୟତର ନନ୍ତାର ପାରେଶ୍ୱରପୁର ସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨୫ ତାରିଖ ଅନୁଷ୍ଠିତ ହେବାକୁ ଥିବା ମହା ବନ୍ଧୁ ମିଳନ ଉତ୍ସବ, ସମ୍ବର୍ଦ୍ଧନା ସଭା ପରିପ୍ରେକ୍ଷୀରେ ସ୍କୁଲ ପ୍ରତିଷ୍ଠା ବର୍ଷ ୧୯୮୭ ଠାରୁ ଅଦ୍ୟ ୨୦୨୨ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ସମସ୍ତ ବ୍ୟାଚର ପୁରାତନ ଓ ନୂତନ ଛାତ୍ରଛାତ୍ରୀଙ୍କୁ ନେଇ ମହା ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହେବ । ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସେଦିନ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ରହିଛି ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ୧୫ ଡିସେମ୍ବର ୨୦୨୨

# ପାରିବାରିକ ବନ୍ଧନକୁ ମଜବୁତ କରେ 'ଫ୍ୟାମିଲି ଡିନର'



ବର୍ତ୍ତମାନ ସମୟରେ ପୂରା ପରିବାର ଏକାଠି ବସି ଖାଇବାର ଧାରା ଦେଖିବାକୁ ମିଳୁନାହିଁ । ଗୋଟିଏ ସମୟ ଥିଲା ଯେତେବେଳେ ପରିବାରର ସମସ୍ତେ ଗୋଟିଏ ସ୍ଥାନରେ ବସି ଏକାଠି ଖାଉଥିଲେ । କର୍ମ ବ୍ୟସ୍ତତା, ଦାୟିତ୍ୱ ଓ ଅନ୍ୟ କାରଣରୁ ଏହା ଆଉ ହେଉନାହିଁ । ଯେତେବେଳେ ଟିକିଏ ସମୟ ମିଳୁଛି ପରିବାର ସହ କଥାବାର୍ତ୍ତା ହେବା ବଦଳରେ ଟିଭି ଦେଖିବାକୁ, ମୋବାଇଲ ଗେମ୍ ଖେଳିବାକୁ ଅନେକ ପସନ୍ଦ କରୁଛନ୍ତି । ମାତ୍ର ମନେ ରଖିବା ଦରକାର ଯେ, ପାରିବାରିକ ବନ୍ଧନକୁ ମଜ୍‌ବୁତ କରିବାକୁ ହେଲେ ଏକାଠି ସମସ୍ତେ ଖାଇବା ମଧ୍ୟ ବେଶ୍ ମହତ୍ୱ ରଖେ । ଆଉ ଏହି କ୍ଷେତ୍ରରେ ଘରର ମହିଳାମାନେ ମଧ୍ୟ ବଡ଼ ଭୂମିକା ନେବା ଦରକାର । ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏକୁଟିଆ ଖାଉଥିବା ବ୍ୟକ୍ତିଙ୍କ ତୁଳନାରେ ପରିବାର ସହିତ ଏକାଠି ଖାଉଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ବେଶ ଭଲ ରହିଥାଏ। ବିଶେଷ କରି ପରିବାର ସହ ତୁଳନାରେ ପରିବାର ସହ ମିଶି ଖାଉଥିବା ବ୍ୟକ୍ତିମାନେ ଅଧିକ ଫଳ ଓ ପନିପରିବା ଖାଇଥାନ୍ତି । ସେହିପରି ପରିବାର ସହ ଏକାଠି ବସି ଖାଉଥିବା ବ୍ୟକ୍ତିମାନେ ମାନସିକ ଶାନ୍ତି ମଧ୍ୟ ବେଶ ଭଲ ରହିଥାଏ । କାରଣ ପରସ୍ପର ମଧ୍ୟରେ ଚର୍ଚ୍ଚା ଓ ଆଲୋଚନା ଅନେକ ସମସ୍ୟାର ସମାଧାନର ବାଟ କାଢ଼ିଥାଏ ।

# ଶିଶୁ ଧରିପାରିବେ ଭୁଲ୍



ଭୁଲ କଥା ବିଷୟରେ ଜାଣିବାକୁ ବୟସ ଏବଂ ଜ୍ଞାନ ସେହିଭଳି ହୋଇଥିବା ଦରକାର। କିନ୍ତୁ ଜଣେ ଶିଶୁ କ'ଣ ଭୁଲ୍ ବିଷୟରେ ସୂଚନା ଦେଇ ପାରିବ ? ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ, ହେଲେ ତାହା ସତ। ଏ ସମ୍ପର୍କରେ ଏକ ସଦ୍ୟତମ ଗବେଷଣାର ସୂଚନା ମିଳିଛି। ସିଙ୍ଗାପୁରସ୍ଥିତ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମାତ୍ର ଅଢ଼େଇବର୍ଷରୁ କମ ବୟସ୍କ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରିଥିଲେ। ସେମାନଙ୍କୁ କେତେକ ଭୁଲ୍ କଥା କହିବା ସମୟରେ ସେମାନେ ତାହାକୁ ଧରିପାରିଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ବିଭିନ୍ନ କଥା ଶୁଣିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ପ୍ରତିଟି କଥାକୁ ଧ୍ୟାନର ସହ ଶୁଣିଥାଆନ୍ତି। ଭୁଲ କଥା ଶୁଣିବା ପରେ କେତେକ ପ୍ରତିକ୍ରିୟାଶୀଳ ହୋଇଥାଆନ୍ତି ବୋଲି ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମାନସିକ ବିକାଶ ଉପରେ ହିଁ ନିର୍ଭର କରିଥାଏ। ସେଥିପାଇଁ ପିଲାଙ୍କର ମାତାପିତା ଏବଂ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ।

# ସୂର୍ଯ୍ୟ କିରଣରେ ମୋଟାପଣ କମେ

ନିକଟରେ ହୋଇଥିବା ଏକ ଗବେଷଣାରେ ଜଣାପଡ଼ିଛି ଯେ, ସୂର୍ଯ୍ୟକିରଣରେ ଶରୀରରେ ଯେଉଁ ଭିଟାମିନ ଡି ସୃଷ୍ଟିହୁଏ ତାହା ବାରିଆଟ୍ରିକ ସର୍ଜରୀକୁ ସଫଳ କରିବାରେ ବିଶେଷ ଭୂମିକା ଗ୍ରହଣ କରେ। ଏହା ମୋଟାପା କମାଇବାରେ ସହାୟକ ହୋଇଥାଏ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଖରାରେ ବୁଲିଲେ ଭିଟାମିନ-ଡି ମିଳେ ଏବଂ ଚର୍ବି ହ୍ରାସ ପାଏ ବୋଲି ଅନେକେ କହିଥାନ୍ତି। ମଧ୍ୟମ ଖରାରେ ରହିବାର ସମୟତକ ବଡ଼ି ମାସ୍ ଇଣ୍ଡେକ୍ସ (ବିଏମଆଇ) ଉପରେ ପଡ଼େ ଯାହା ଶରୀରର ଚର୍ବିକୁ ପ୍ରଭାବିତ କରେ। ପ୍ରାକୃତିକ ଆଲୋକ ମଣିଷ ଶରୀର ସଜନ କମାଇବା ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ ବୋଲି ଏହି ଗବେଷଣାରୁ ଜଣାଯାଇଛି।

ମୋଟା ବ୍ୟକ୍ତିଙ୍କ ଠାରେ ଭିଟାମିନ ଡି କମ୍ ଥାଏ। ଗବେଷଣାରୁ ପ୍ରକାଶ ଯେ, ଭିଟାମିନ୍ ଡି ଅଭାବରେ ଶରୀରରେ ଲେପଟିନ୍ ନାମକ ହର୍ମୋନ କ୍ଷରଣ ଏବଂ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟିହୁଏ। ଏହି ହର୍ମୋନ୍ ମସ୍ତିଷ୍କକୁ ପେଟ ଭରିଯିବାର ସୂଚନା ଦେଇ ନପାରିବା ଯୋଗୁଁ ଲୋକେ ଅଧିକ ଖାଇଦିଅନ୍ତି ଏବଂ ମୋଟାପାର ଶିକାର ହୋଇଥାନ୍ତି। ଆବର୍ଡିନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ସ୍କଟଲାଣ୍ଡର ମୋଟା ଲୋକମାନଙ୍କ ଉପରେ ଗବେଷଣା କରି ଜାଣିଥିଲେ ଯେ, ସେମାନଙ୍କ ଠାରେ ଭିଟାମିନ ଡି ମାତ୍ରା କମ୍ ରହିଛି। ଯେଉଁମାନେ ବି ଓଜନ ହ୍ରାସ କରିବା ଲାଗି ବାରିଆଟ୍ରିକ ସର୍ଜରୀ ଜାନୁଆରୀରୁ ମାର୍ଚ୍ଚ (ଯେଉଁ ସମୟରେ ଶରୀରରେ ଭିଟାମିନ୍ ଡି କମ୍ ଥାଏ) ମଧ୍ୟରେ କରାଇଥାନ୍ତି, ସେମାନଙ୍କୁ ଖରାଦିନେ ଏହି ସର୍ଜରୀ କରାଉଥିବା ବ୍ୟକ୍ତିଙ୍କ ଅପେକ୍ଷା ଅଧିକ ସମସ୍ୟା ସାମ୍ନା କରିବାକୁ ହୁଏ। ଓବେସିଟି ସାଇନ୍ସ ଅଣ୍ଡ ପ୍ରାକ୍ଟିସର ଅନଲାଇନ ଜର୍ଣ୍ଣାଲରେ ଏହା ପ୍ରକାଶିତ ହୋଇଛି।

# ପାରଦ ଖସିଲେ କାହିଁକି ଶୀତ ଲାଗେ ? ଜାଣନ୍ତୁ ଏହାର ବୈଜ୍ଞାନିକ କାରଣ



ଶୀତଦିନ ଆସି ପହଁଚିଛି, ଥଣ୍ଡା ମଧ୍ୟ ପଡିସାରିଛି । ଶୀତ ହେବାରୁ ଆମ ରୁମମୂଳ ମଧ୍ୟ ଟାଙ୍କୁରୀ ଉଠୁଛି । ସେହିପରି ଶୀତରୁ କେତେବେଳେ ଆମକୁ ଅଧିକ ଥଣ୍ଡା ଲାଗୁଛି ତ କେତେବେଳେ କମ । ହେଲେ କଣ ପାଇଁ ହେଉଛି ଆପଣ ଜାଣିଛନ୍ତି କି ? ଏହି ପ୍ରାକୃତିକ ପ୍ରକ୍ରିୟାର କାରଣ କଣ ରହିଛି ଆସନ୍ତୁ ଜାଣିବା । ପ୍ରଥମେ ମନରୁ କାଢି ଦିଅନ୍ତୁ ଥଣ୍ଡା ସମସ୍ତଙ୍କୁ ଏକ ସାଙ୍ଗରେ ହେଉଛି । କେଉଁ ଲୋକଙ୍କୁ କମ ଲାଗୁଛି ତ କାହାକୁ ଅଧିକ ଥଣ୍ଡା ଲାଗୁଛି । କାହାକୁ ମଧ୍ୟ ବିଲକୁଲ ଥଣ୍ଡା ଲାଗୁ ନାହିଁ । ଶୀତ ପ୍ରତ୍ୟେକ ମଣିଷଙ୍କ ଶରୀରକୁ ନେଇ ହେଇଥାଏ । ଚାଲି-ଚଳଣୀ ଏବଂ ଖାଦ୍ୟପେୟ ପାଇଁ ମଣିଷଙ୍କୁ ଶୀତ ଲାଗିଥାଏ । ସର୍ବପ୍ରଥମେ ଶରୀରର ତ୍ୱାଚାରେ ପ୍ରଥମେ ଶୀତ ଅନୁଭୁତ ହୁଏ । ଆମ ଶରୀରର ତ୍ୱାଚା ବା ସ୍କିନର ତଳେ ଏକ ଥର୍ମୋ-ରିସେପ୍ଟର-ନର୍ଭସ୍ ଅଛି ।ଏହା ମସ୍ତିଷ୍କକୁ ତରଙ୍ଗ ରୂପରେ ମେସେଜ ପଠାଇଥାଏ । ଏହା ଆମ ମସ୍ତିଷ୍କକୁ ଏହା ପଠାଏ ଯେ, ଆମକୁ ଥଣ୍ଡା ଲାଗୁଛି କି ଗରମ ଲାଗୁଛି । ଏହା ସାଧାରଣତଃ ଏକ ସାମାନ୍ୟ ଅନୁଭବ ଯାହା ବିଭିନ୍ନ ମାନବ ଶରୀରରେ ବିଭିନ୍ନ ସ୍ତରରେ ଅନୁଭବ ହୋଇଥାଏ । ଥଣ୍ଡା ଲାଗିବାପରେ ପୁରା ଶରୀର ନିଜକୁ ସମ୍ଭାଳିବାରେ ଲାଗିଯାଏ । ଯେତେବେଳେ ତ୍ୱାଚାରୁ ବାହାରୁଥିବା ତରଙ୍ଗ ମସ୍ତିଷ୍କର ହାଇପୋଥେଲେମସ୍ ରେ ପହଁଚିଥାଏ ସେତେବେଳେ ଶରୀରରେ ଥିବା ଅନ୍ଧରୂପି ଉତ୍ତାପ ଏବଂ ପରିବେଶକୁ ସନ୍ତୁଳନ କରିଥାଏ । ଏହି ସନ୍ତୁଳନ ହେବାର ପ୍ରଥମ ପ୍ରତିକ୍ରିୟା ହେଉଛି ରୂମ ଟାଙ୍କୁରୀ ଉଠିବା । କାରଣ ତାହାର ଠିକ ତଳେ ମାଂସପେଶୀର ସଂକୋଚନ ହୋଇଥାଏ । ଆପଣଙ୍କ ଶରୀରରେ ଥିବା ରୂମର ସ୍ତର ଆପଣଙ୍କୁ ସର୍ବଦା ଥଣ୍ଡାରୁ ବଂଚାଇଥାଏ ।

ଶୀତଦିନେ ଯଦି ପାରା ଅଧିକ ଖସିଯାଏ ତେବେ ଶରୀରର କିଛି ଅଂଶ କାମ କରି ନଥାଏ । ଏହି ଅଧିକ ଥଣ୍ଡାରେ ହାଇପୋଥର୍ମିଆ ହୋଇଯାଏ ଫଳରେ ଲୋକର ପ୍ରାଣ ହାନୀ ଘଟିଥାଏ । ଶରୀର ଥଣ୍ଡା ଅନୁଭବ କରୁଥିବା ବେଳେ ମସ୍ତିଷ୍କ ଏହି ତାପମାତ୍ରା ତଳକୁ ଖସାଇବାକୁ ରୋକିଥାଏ । ମସ୍ତିଷ୍କ ଆମ ଶରୀରକୁ ନିର୍ଦ୍ଦେଶ ଦେଇଥାଏ ଯେ, ପାରଦ ଖସୁଛି ଏବଂ ଏହାକୁ ସନ୍ତୁଳିତ କର । ସେତେବେଳେ ଶରୀରରେ ଥିବା ସମସ୍ତ ମାଂସପେଶୀ ଏବଂ ଅଙ୍ଗ ନିଜ କାମର ଗତିକୁ ଧିମା କରିଦେଇଥାନ୍ତି । ଗତି ଧିମା ହେବାରେ ମେଟାବୋଲିକ ହିଟ ଜନ୍ମ ନେଇଥାଏ । ଯାହାଦ୍ୱାରା ଆମ ଶରୀରକୁ ଏହା ଗରମ କରିବାରେ ସାହାଯ୍ୟ କରିଥାଏ ।

ଯେତେବେଳେ ଶୀତରୁ ତୁମ ଶରୀର କମ୍ପନ ହେଉଛି ସେତେବେଳେ ଶରୀରର ରକ୍ତଭଣ୍ଡାର ଗୁଡ଼ିକ ସଂକୀର୍ଣ୍ଣ ହୁଏ । ସଂକୋଚନ ରକ୍ତ ପ୍ରବାହ ଏବଂ ଏହାର ଉତ୍ତପ୍ତକୁ ମନ୍ଥର କରିଥାଏ । ସେମାନଙ୍କୁ ଥଣ୍ଡାରେ ଚର୍ମ ଭିତରେ ପହଁଚିବାକୁ ରୋକିଥାଏ । ଏହି କାରଣରୁ ପ୍ରତ୍ୟେକ ଅଙ୍ଗର ଉତ୍ତାପ ଏହାର ଚାରିପାଖରେ ରହିଥାଏ । ଫଳରେ ଆମ ଶରୀର ଶୀତରେ ରକ୍ଷା ପାଇଥାଏ । ସେଥିପାଇଁ ଆପଣଙ୍କୁ ବାହାରୁ ଶୀତ ଅନୁଭୁତ ହୁଏ ହେଲେ ଭିତରେ ଏହା ସୁରକ୍ଷିତ ରଖିଥାଏ ।

ଯଦି ଆପଣ ହାଲୁକା କପଡା ପିନ୍ଧି କେଉଁ ବରଫ ଭଳି ଥଣ୍ଡା ଯାଗାରେ ପହଁଚି ଯାଇଛନ୍ତି ବା ବରଫରେ ଦବି ଯାଇଛନ୍ତି ତେବେ ଆମ ଶରୀର ସେହି କମ୍ ତାପମାତ୍ରା ହିସାବରେ ସନ୍ତୁଳନ କରିବାରେ ଲାଗିଥାଏ । ଯେତେବେଳେ ବାହାର ତାପମାତ୍ରା ଅମ ଶରୀର ତାପମାତ୍ରା ପର୍ଯ୍ୟନ୍ତ ପାଖାପାଖି ପହଁଚିଯାଏ ସେତେବେଳେ ଆମକୁ ଥଣ୍ଡା ଲାଗିବା ବନ୍ଦ ହୋଇଯାଏ । ପରେ ହାଇପୋଥେଲାମସ୍ ସନ୍ଦେସ ପଠାଏ ବର୍ତ୍ତମାନ ପାଗ ବଦଳି ଯାଇଛି। ଏହାପରେ ମସ୍ତଷ୍କ ଶରୀରକୁ ମେସେଜ ଦେଇଥାଏ ଯେ, ବର୍ତ୍ତମାନ ସବୁ କଣ୍ଟ୍ରୋଲ ଅଛି, ଠିକରେ ସବୁ କାମ କର ।

# ଜୀବନ ପ୍ରତି ବିପଦ ବ୍ଲଡ ସୁଗାରର ଏହି ସ୍ତର: ଜାଣନ୍ତୁ ନିଜକୁ ବଂଚାଇବାର ଉପାୟ

ଆଜିକାଲି ଡାଇବେଟିସ୍ ବା ମଧୁମେହ ରୋଗକୁ ସାଧାରଣ ରୋଗ ଭାବରେ ବିବେଚନା କରାଯାଏ । ବୟସ୍କ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେବେ ଶରୀରରେ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା କମ ବେଶି କାରଣରୁ ଜଣେ ବ୍ୟକ୍ତି ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥାଏ । ଯାହାଫଳରେ ଏହାକୁ ନିୟନ୍ତ୍ରଣରେ ରଖିବା ରୋଗୀ ପାଇଁ ନିତ୍ୟାନ୍ତ ଜରୁରୀ ହୋଇଥାଏ । ନେଚେତ୍ ଏହି ବ୍ଲଡ ସୁଗାରର ସ୍ତର କମ୍ ବେଶି କାରଣରୁ ରୋଗୀର ଜୀବନ ମଧ୍ୟ ଯାଇପାରେ । ତେବେ ଆମେ ଆଜି ଆପଣଙ୍କୁ କହିବୁ ଶରୀରରେ ବ୍ଲଡ ସୁଗାରର କେଉଁ ସ୍ତର ଆପଣଙ୍କ ଜୀବନ ପ୍ରତି ବିପଦ ଆଣିପାରେ । ଯାହାଫଳରେ ଜଣେ ରୋଗୀର ମୃତ୍ୟୁ ମଧ୍ୟ ହେବାରେ ସମ୍ଭାବନା ଥାଏ ।




ବ୍ଲଡସୁଗାର ଏହି ସ୍ତର ଜୀବନ ପ୍ରତି ଆଣିପାରେ ବିପଦ: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶରୀରରେ ବାରମ୍ବାର ବ୍ଲଡସୁଗାରର ସ୍ତର ପରିବର୍ତ୍ତନ ଜଣେ ମଧୁମେହ ରୋଗିର ଜୀବନ ପ୍ରତି ବିପଦ ସୃଷ୍ଟି କରେ । ତେବେ ଶରୀରେର ଯଦି ବ୍ଲଡସୁଗାରର ସ୍ତର ୧୨୫ mg/ DL ଠାରୁ ଅଧିକ ରୁହେ ତେବେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ଫଳରେ ଜଣେ ରୋଗୀର ଜୀବନ ଯିବାର ମଧ୍ୟ ଭୟ ଥାଏ । କାରଣ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା ବଢିବା ଦ୍ୱାରା ଏହା ଶରୀରରେ ଇନସୁଲିନ୍ କୁ କକମାଇ ଦିଏ । ଫଳରେ ଚିନ୍ତା ବଢିବା ସହ , ହରମୋନାଲ ଚେଞ୍ଜ, ଏବଂ ନିଦରେ ଅଭାବ ହୋଇଥାଏ । ଯାହାକି ଜଣେ ଡାଇବେଟିସ ରୋଗୀ ପାଇଁ ବିପଜ୍ଜନକ ହୋଇଥାଏ ।

ସେହିପରି ଯଦି ରକ୍ତରେ ଗ୍ଲୁକୋଜର ସ୍ତର କମିଯାଏ ଏହା ମଧ୍ୟ ଜଣେ ରୋଗୀପାଇଁ କ୍ଷତିକାରକ ହୋଇଥାଏ । ଫଳରେ ରୋଗୀଠାରେ ଚିଡିଚିଡାପଣ, କହିବାରେ ଅସୁବିଧା, ମୁଣ୍ଡ ବୁଲାଇଦେବା ପରି ଲକ୍ଷଣ ଦେଖା ଦେଇଥାଏ । ଯାହାକି ଜଣେ ରୋଗୀକୁ ବିପଦରେ ପକାଇଥାଏ । ତେଣୁ ଶରୀରେର ବ୍ଲଡ ସୁଗାରର ସ୍ତର ୪୦ ଜ୍ଞଶ/ ଉଖରୁ କମ୍ ରହିବା ଅନୁଚିତ୍।

**କିପରି ବର୍ତ୍ତିବେ:**

୧-ଶରୀରରେ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଜର ଡେଲି ରୁଟିନ୍ ଏବଂ ଖାଦ୍ୟ ପେୟ ଉପରେ ଧ୍ୟାନ ଦିଅନ୍ତୁ । ଏପରି ଖାଦ୍ୟ ସେବନ କରନ୍ତୁ ଯେଉଁଥିରେ କାର୍ବୋହାଇଡ୍ରେଡର ସ୍ତର କେତେ ମାତ୍ରାରେ ରହିଛି ତାହା ଆପଣଙ୍କୁ ଜଣାଥିବ ।

୨- ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସେବନ କରନ୍ତୁ ।

୩- ଯଥେଷ୍ଟ ପରିମାଣର ଶୁଅନ୍ତୁ । କାରଣ ଶୋଇବା ଦ୍ୱାରା ଶରୀର ସୁସ୍ଥ ରୁହେ ଏବଂ ରକ୍ତରେ ଇନସୁଲିନ୍ ସ୍ତର ମଧ୍ୟ ନିୟନ୍ତ୍ରଣରେ ରୁହେ ।

୪- ନିଜ ଡେଲି ଲାଇଫର ଏକ ରୁଟିନ ପ୍ରସ୍ତୁତ କରନ୍ତୁ । ଏଥିସହିତ ସେହି ରୁଟିନ୍ ଅନୁସାରେ ଖାଦ୍ୟଗ୍ରହମ କରନ୍ତୁ ।

୫- ସମୟ ସମୟ ମଧ୍ୟରେ ଇନସୁଲିନର ସ୍ତର ଯାଞ୍ଚ କରନ୍ତୁ । ଏହାକୁ ଖାଦ୍ୟ ପୂର୍ବରୁ ଏବଂ ଖାଦ୍ୟପେର ଯାଞ୍ଚ କରନ୍ତୁ ।

# ଶୀତ ଦିନେ ହେୟାର ପ୍ୟାକ୍

♦ ଦୁଇଟି କଦଳୀ, ଦୁଇଟି ଅଣ୍ଡା, ଗୋଟିଏ ଲେମ୍ବୁର ରସ ଏବଂ ଦୁଇଟି ଭିଟାମିନ - କ୍ୟାପସୁଲ ମିଶାଇ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ କେଶରେ ଲଗାଇ ୩୦/୪୦ ପରେ ଧୋଇ ଦିଅନ୍ତୁ । ଏହି ଲେପ ସପ୍ତାହରେ ଦୁଇ ଥର ବ୍ୟବହାର କଲେ କେଶ ଭଲ ରହିବ ।

♦ ଦୁଇଟି ଅଣ୍ଡାରେ କିଛି ଅଲିଭ୍ ତେଲ ମିଶାଇ ବ୍ୟବହାର କରିପାରିବେ । ଏହା ଦ୍ୱାରା କେଶର ଚମକ ବଢ଼ିବ ।

♦ ଗୋଟିଏ ଚାମଚ ମୁଲତାନୀ ମାଟି ଏବଂ ଗୋଟିଏ ଚାମଚ ବେସନରେ ଅଧ କପ୍ ଭିନିଗାର ମିଶାଇ କେଶରେ ଲଗାନ୍ତୁ ଏବଂ ୧୫/୨୦ମିନିଟ୍ ପରେ କେଶକୁ ସେମ୍ପୁରେ ସଫା କରି ଦିଅନ୍ତୁ । ଶୁଷ୍କ କେଶ ପାଇଁ ଯେକୌଣସି ତେଲ ମିଶାଇ ବ୍ୟବହାର କରିପାରିବେ ।

♦ ୨/୩ ଚାମଚ ଶିକାକାଇ ଗୁଣ୍ଡ, ରାତିରୁ ବତୁରା ଯାଇଥିବା ଗୋଟିଏ ଚାମଚ ମେଥି ଓ ଗୋଟିଏ ଚାମଚ ମୁଗ ଏବଂ ଗୋଟିଏ ଅଣ୍ଡାକୁ ଭଲ ଭାବରେ ମିଶାଇ ଲେପ ତିଆରି କରନ୍ତୁ । ଏହି ଲେପକୁ ସାମ୍ପୁ ଭଳି କେଶରେ ବ୍ୟବହାର କରନ୍ତୁ ।

♦ ଦହି ମଧ୍ୟ କେଶ ପାଇଁ ଲାଭଦାୟକ । ଏହା କେଶକୁ ଚିକ୍କଣ ଓ ଆକର୍ଷଣୀୟ କରିବା ସହ ରୂପି ମଧ୍ୟ କମ୍ କରିଥାଏ । ଗୋଟିଏ କପ୍ ବସା ଦହିରେ ଗୋଟିଏ ଅଣ୍ଡାର କେବଳ ହଳଦିଆ ଅଂଶ ଓ ଗୋଟିଏ ଚାମଚ ଲେମ୍ବୁରସ ମିଶାନ୍ତୁ । ଏହି ପ୍ୟାକ୍‌କୁ କେଶରେ ଲଗାଇ ଅଧଘଣ୍ଟା ପରେ ସଫା କରିଦିଅନ୍ତୁ ।

♦ ଗୋଟିଏ ଚାମଚ ମହୁରେ ଦୁଇ ଚାମଚ ଜଡା ତେଲ ଏବଂ ଗୋଟିଏ ଅଣ୍ଡା ମିଶାଇ ସେହି ମିଶ୍ରଣକୁ କେଶରେ ଲଗାଇପାରିବେ । ଏହାକୁ ଲଗାଇବାର ଗୋଟିଏ ଘଣ୍ଟାପରେ କେଶ ସଫା କରିଦେବେ ।

♦ କେଶରେ ଏକ ଚାମଚ ଘିକୁଆଁରି ରସ, ଗୋଟିଏ ଚାମଚ ଲେମ୍ବୁରସ, ଦୁଇ ଚାମଚ ନଡିଆ କିମ୍ବା ଅଲିଭ ତେଲ ମିଶାଇ ବ୍ୟବହାର କରିପାରିବେ ।



# ଫେସିଆଲର ଉପକାରିତା



♦ ଅତି କମ୍‌ରେ ମାସକୁ ଥରେ ଫେସିଆଲ କରିବା ନିହାତି ଜରୁରୀ । ଏହା ତ୍ୱଚାକୁ ଭିତରୁ ସଫା କରେ ।

♦ ଷ୍ଟିମ୍ ବା ବାମ୍ପ ତ୍ୱଚାକୁ ନିଶ୍ୱାସ ନେବାରେ ସାହାଯ୍ୟ କରେ ।

♦ ସ୍କ୍ରବିଙ୍ଗ୍ କରିବା ଦ୍ୱାରା ମୃତ ଚର୍ମ ଓ ବ୍ଲାକ୍ ହେଡ୍‌ସ ସଫା ହୋଇଥାଏ ।

♦ ତ୍ୱଚାର ମାଲିସ ଦ୍ୱାରା ରକ୍ତ ସଂଚାଳନ ଭଲ ହୁଏ ଓ କ୍ଳାନ୍ତି ଦୂର ହୁଏ ।

♦ ଫେସ୍ ମାସ୍କ ତ୍ୱଚାକୁ କୋମଳ ଓ ଉଜ୍ଜ୍ୱଳ କରେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦାୟବଦ୍ଧତା...

ବିଶ୍ୱସ୍ତରରେ ଜଳବାୟୁ ଓ ତାପନ ସମ୍ପ୍ରତି ବିପଜ୍ଜନକ ସ୍ତରରେ ପହଞ୍ଚି ଗଲାଣି । ବହୁ ଦେଶକୁ ତାହା ବ୍ୟାପିଯିବା ଫଳରେ ମାନବ ସମାଜର ଭବିଷ୍ୟତ କଣ ହେବ, ତାହା ବଡ଼ ପ୍ରଶ୍ନବାଚୀ ଛିଡ଼ା କରିଛି । ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ ସାଙ୍ଗକୁ ଶବ୍ଦ ପ୍ରଦୂଷଣ ସବୁ ମିଶି ଏଭଳି ଉତ୍କଟ ସ୍ଥିତି ସୃଷ୍ଟି କଲାଣି, ତାହା ଭାଷାରେ କୁହାଯାଇ ପାରିବ ନାହିଁ । ତାହା ସାଙ୍ଗକୁ ଯୁଦ୍ଧ ବିଗ୍ରହର ଭୀଷଣ ପ୍ରଭାବ ରହିଛି । ଦେଖାଗଲେ ମାନବ ସଭ୍ୟତାର ଭବିଷ୍ୟତ ପୂରା ଅନ୍ଧକାର ହେବା ଥୟ । ଆଫ୍ରିକା, ଆମେରିକା ଓ ଅଷ୍ଟ୍ରେଲିଆ ଭଳି କେତେକ ଦେଶରେ ଜଙ୍ଗଲ ନିଆଁ ମାସ ମାସ ଧରି ଜଳୁଛି । ଜଙ୍ଗଲ ସମ୍ପଦ ସୁରକ୍ଷିତ ନରହିଲେ ତାହା ସଭ୍ୟତା ପାଇଁ ଡାକିଆଣିବ ମହାବିପଦ । ସବୁ ଜାଣିଶୁଣି ସୁଦ୍ଧା କାହିଁକି ଲୋକମାନେ ବିପଦକୁ ଆମନ୍ତ୍ରଣ କରିବାରେ ଲାଗିଛନ୍ତି, ତାହା ଅବୁଝା ରହିଯାଉଛି । ଅନ୍ୟ ରାଜ୍ୟ କଥା ଦୂରେ ଥାଉ, ଦିଲ୍ଲୀ ମହାନଗରୀରେ ଦେଖାଦେଉଥିବା ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣା କରିବା କଥା ସମସ୍ତେ ଭୋଗୁଛନ୍ତି । ପଞ୍ଜାବର ଚାଷୀମାନେ ଗହମ ଓ ଧାନ କାଟିବା ପରେ ଷ୍ଟବଲ୍ ବର୍ଣ୍ଣିଂ କରୁଥିବା ଫଳରେ ଧୂଆଁ ହରିଆଣା ଓ ଦିଲ୍ଲୀକୁ ଆସିଯିବା ଫଳରେ ଶ୍ୱାସରୁଦ୍ଧ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ଏବେ କେତେଦିନ ହେଲା ପଞ୍ଜାବର ଭଗୱନ୍ତ ମାନ୍ ସରକାର ପାଳ ଜଳାଯିବା ବନ୍ଦ କରି ତାହାକୁ ଖାତରେ ପୋତି ପକାଇବାର ଦେଖାଯାଉଛି । ଏହା ଦିଲ୍ଲୀ ଓ ଆଖପାଖର ନାଗରିକମାନଙ୍କୁ କିଭଳି ଓ କେତେଦିନ ଆଶ୍ୱସ୍ତ କରିବ, ତାହା ଦେଖିବା କଥା । ଦିଲ୍ଲୀ ପରକୁ ଏବେ ମୁମ୍ବାଇରେ ପ୍ରଦୂଷଣ ସମସ୍ୟା ଦେଖାଦେଲାଣି । ବାୟୁସ୍ତରରେ ନିକୃଷ୍ଟତା ବୃଦ୍ଧି ମୁମ୍ବାଇ ନାଗରିକମାନଙ୍କ ପାଇଁ ସମସ୍ୟା ବଢ଼ାଇଲାଣି । ଏହା ଏବେ ନିର୍ଦ୍ଦିଷ୍ଟ କୌଣସି ରାଜ୍ୟର ଭୌଗୋଳିକ ସୀମା ଭିତରେ ଆବଦ୍ଧ ରହିନପାରେ । ଏଭଳି ଦୁର୍ଦ୍ଦଶା ଦିନେ ନା ଦିନେ ମୁଣ୍ଡ ଟେକିବ ତାହା ପୂର୍ବ ଦିନେ ଅନୁମାନ କରାଯାଉଥିଲା । ବିଶ୍ୱର ଏୟାର କ୍ୱାଲିଟିର ଏହି ବର୍ଷର ରିପୋର୍ଟ କହୁଛି ଯେ, ବଛାବଛା ୫୦ଟି ସହରର ନିକୃଷ୍ଟ ସହର ଭିତରେ ଭାରତର ୩୫ଟିର ବାୟୁ ନିମ୍ନ ମାନର । ଦିଲ୍ଲୀ, ମୁମ୍ବାଇ ଭଳି ଯେଉଁ ସହରଗୁଡ଼ିକର ବାୟୁସ୍ତରରେ ପ୍ରଦୂଷଣ ନିକୃଷ୍ଟ ମାନରେ ଅଛି, ତାହା ଦିନକୁ ଦିନ ଖରାପ ପର୍ଯ୍ୟାୟକୁ ଚାଲିଯିବାର ଆଶଙ୍କା ରହିଛି । ବାୟୁ, ଶବ୍ଦ ଓ ଜଳ ପ୍ରଦୂଷଣ ଅଧିକ ବିପଜ୍ଜନକ ସ୍ତରକୁ ଖସିଯିବା କିଛି ବିଚିତ୍ର ନୁହେଁ । ନିକୃଷ୍ଟ ମାନର ବାୟୁସ୍ତର କୌଣସି ଦେଶର ନାଗରିକଙ୍କ ପାଇଁ ନିଶ୍ଚିତ ସମସ୍ୟାର କାରଣ ହୋଇପାରେ । ୨୦୧୯ରେ କରାଯାଇଥିବା ବ୍ୟାଧି ନିରୂପଣ ସର୍ଭେରୁ ଜଣାଯାଏ ଯେ, ସେହି ବର୍ଷର ମୃତ୍ୟୁ ହାରର ୧୮% ପ୍ରଦୂଷଣଜନିତ ହୋଇଛି । ଏହା ଯଦି ଭାରତରେ ପ୍ରଦୂଷଣଜନିତ ମୃତ୍ୟୁ ହୋଇଥାଏ, ଅନ୍ୟ ଦେଶର କଥା ମଧ୍ୟ ଅନୁରୂପ ହାରରେ ହୋଇଥିବ । କୌଣସି ରାଷ୍ଟ୍ରର ଲୋକମାନଙ୍କର ଜୀବନଧାରଣର ମାନକୁ ଏହା ପ୍ରଭାବିତ କରିଥାଏ । ବିଭିନ୍ନ ପ୍ରକାର ପ୍ରଦୂଷଣ ପାଇଁ ପ୍ରତିକୂଳ ପ୍ରଭାବ ରାଷ୍ଟ୍ର ବ୍ୟବସ୍ଥାକୁ ମଧ୍ୟ ବିପରୀତ ଦିଗରେ ଟାଣିନେବାର ଦେଖାଯାଇଥାଏ । ଦିଲ୍ଲୀ, ମୁମ୍ବାଇ ଭଳି ମହାନଗରୀରେ ଯାନ ଚଳାଚଳ ଅଧିକ ସଂଖ୍ୟାରେ ହୋଇଥାଏ । ସେହି ତୁଳନାରେ ଧୂଆଁ ନିର୍ଗମନ ହାର ବେଶୀ । ଅଙ୍ଗାରକାମ୍ଳ ସ୍ତର ବୃଦ୍ଧି ହେତୁ ବଡ଼ ଜନସଂଖ୍ୟା ଶ୍ୱାସ ଭଳି ବିଭିନ୍ନ ଛାତି ରୋଗରେ ପଡ଼ିଥାନ୍ତି । ସୁତରାଂ, କର୍ତ୍ତୃପକ୍ଷ ପ୍ରଦୂଷଣକାରୀ ଯାନ ଚଳାଚଳ ଉପରେ କଟକଣା ଲଗାଇବା କଥା । ବିଭିନ୍ନ ତଦାରଖକାରୀ ସଂସ୍ଥା ଯଦି ଧୂଆଁ ନିର୍ଗମନ ଉପରେ ରୋକ୍ ଲଗାଇବାରେ ତତ୍ପରତା ଦେଖାଇଥାନ୍ତେ, ପ୍ରଦୂଷଣ ମାତ୍ରାରେ କିଛି ପରିମାଣ ହ୍ରାସ ହୋଇପାରିଥାନ୍ତା । ପ୍ରଦୂଷଣ ସୃଷ୍ଟି ଓ ତଦ୍‌ଜନିତ ରୋଗ ବ୍ୟାଧି ଏପର୍ଯ୍ୟନ୍ତ ସହର-କେନ୍ଦ୍ରିକ ରହିଛି । ସମୁଦ୍ରକୂଳରେ ଗଦା ହେଉଥିବା ଆବର୍ଜନା ଓ ପରିତ୍ୟକ୍ତ ସାମଗ୍ରୀ ଉପରେ ଅବଶ୍ୟ ଦୃଷ୍ଟି ଦେବାକୁ ହେବ । ତାହା ଜଳ ପ୍ରଦୂଷଣର ହେତୁ ସାଜିଛି । ନାମକୁ ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ସଂସ୍ଥା ଥିବାରୁ ତାହା କଳ କାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ପାଇଁ ନାମମାତ୍ର କାର୍ଯ୍ୟ କରୁଛନ୍ତି ସିନା, ତାହାର ପରିସର ବଢ଼ାଇ ବହୁ କିଛି କରାଯିବାର ଆବଶ୍ୟକତା ରହିଛି । ଜଳ, ବାୟୁ ଓ ପରିବେଶରେ ସ୍ୱଚ୍ଛତା ରକ୍ଷା ଦିଗରେ ସାର୍ବଜନୀନ ନିୟମ କାର୍ଯ୍ୟକାରୀ କରାଲେ ତାହା ମାନବ କଲ୍ୟାଣ ପାଇଁ ସହାୟକ ହେବ । ଜି-୨୦ର ଅଧକ୍ଷ ରୂପେ ଭାରତ ଦାୟିତ୍ୱ ନେବାପରେ ଅଧିକ ଦାୟବଦ୍ଧତା ଦେଖାଦେଇଛି । ପ୍ରବଳ ବର୍ଷ, ବାତ୍ୟା, ଭୂକମ୍ପ ଭଳି ବିପ୍ୟାତର କାରଣ ସାଜିଥିବା ପ୍ରଦୂଷଣକୁ ରୋକିବା ଦିଗରେ ଭାରତ ଠାରୁ ଜି-୨୦ ଅଧକ୍ଷ ହିସାବରେ ରହି କିଛି ଅପେକ୍ଷା ରହିବ ।



# ଧାନ ଚାଷର ଆର୍ଥିକ ସମୀକ୍ଷା

**ବୈଷ୍ଣବ ମେହେର**

ଚାଷୀ ହେଉଛି ସମାଜର ଅନ୍ନଦାତା। ନିଜେ କଠିନ ପରିଶ୍ରମ କରି ଅନ୍ନ ଉତ୍ପାଦନ କରି ଅନ୍ୟମାନଙ୍କୁ ଯୋଗାଇ ଥାଏ । ଏବେ କିନ୍ତୁ ଆମେ ଏଭଳି ଏକ ସମାଜରେ ବାସ କରୁଛୁ, ଯେଉଁଠି ଖାଇବାକୁ ଦେଇ ଅନ୍ୟର ଜୀବନ ସୁରକ୍ଷିତ ରଖୁଥିବା ମାଟିର ମଣିଷ ଚାଷୀ ନିଜେ ନିଜ ଜୀବନ ବୋଝ ବୋହି ନପାରି ଜୀବନ ହାରି ଦେବାକୁ ବାଧ୍ୟ ହେଉଛି । ଯେଉଁଠି ଦେଶ ସୁରକ୍ଷା ଦାୟିତ୍ୱରେ ମୁତୟନ ଥିବା ଜବାନଙ୍କ ସହ କୃଷକକୁ ସମତୁଲ କରାଯାଏ ସେଇଠି କୃଷକ ଆତ୍ମହତ୍ୟା କରିବା ସାଂପ୍ରତିକ ସମୟର ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ପ୍ରସଙ୍ଗ ନୁହେଁ କି? ବିଶିଷ୍ଟ ଲେଖକ ପି.ସାଇନାଥଙ୍କ ମତରେ ତ ଚାଷୀ ଆତ୍ମହତ୍ୟା କେବଳ ଏକ ଆର୍ଥିକ ସମସ୍ୟା ନୁହେଁ, ବରଂ ଏହା ଆମ ସଭ୍ୟତା ପାଇଁ ଏକ ବିରାଟ ପ୍ରଶ୍ନବାଚୀ । ସରକାରୀ ସ୍ତରରେ ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର କରା ନଯାଇ ଏହାର ବିଭିନ୍ନ ଭିତ୍ତିହୀନ କାରଣ ଦର୍ଶା ଗଲେ ହେଁ, ଚାଷୀଟିଏ ନିଜ ଜୀବନ ହରେଇବାର ପ୍ରମୁଖ କାରଣ ପରିଶ୍ରମ ଅନୁପାତରେ ତାକୁ ଆର୍ଥିକ ଲାଭ ନ ମିଳିବାକୁ ଆଦୌ ଅସ୍ୱୀକାର କରାଯାଇ ନପାରେ । ଓଡ଼ିଶା ଭଳି ରାଜ୍ୟର କଥା ଯଦି ଚିନ୍ତା କରିବା, ତେବେ ଏହା କେବଳ ଏକ କୃଷି ପ୍ରଧାନ ରାଜ୍ୟ ନୁହେଁ ବରଂ ଏଠିକାର ଗ୍ରାମୀଣ ଅର୍ଥନୀତି କୃଷିକାର୍ଯ୍ୟ ଉପରେ ହିଁ ନିର୍ଭର କରିଥାଏ। ଧାନ ଏଠିକାର ମୁଖ୍ୟ ଚାଷ ହୋଇଥିବା ବେଳେ ରାଜ୍ୟର ମୋଟ ୪ କୋଟି ୭୬ ଲକ୍ଷ ଜନସଂଖ୍ୟା ମଧ୍ୟରୁ ୩ କୋଟି ୨୮ ଲକ୍ଷ ଲୋକ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି । ଏହି ସିଂହ ଭାଗ ଲୋକଙ୍କୁ ଯଦି ତାଙ୍କ ଖଟଣିର ଉଚିତ ପ୍ରାପ୍ୟ ନମିଳିବ ତେବେ ସାଧାରଣ ଲୋକଙ୍କ ବିକାଶ କିଭଳି ସମ୍ଭବ ହେବ ତାହା ବିଚାରଯୋଗ୍ୟ । ଜମିରେ କେବଳ ଶାରୀରିକ ପରିଶ୍ରମ କରି ଦେଲେ ତ ଫସଲ ଉପୁଜି ଯାଏ ନାହିଁ, ଏଥିପାଇଁ ଚାଷୀକୁ ଧାରକରଜ କରି ଉଚିତ ସମୟରେ ମୋଟା ଅଙ୍କର ଅର୍ଥ ବି ଖର୍ଚ୍ଚ କରିବାକୁ ପଡ଼େ ।

ଏହି କ୍ରମରେ ଗୋଟିଏ ଏକର ଜମିର ଧାନଚାଷର ପ୍ରକୃତ ଖର୍ଚ୍ଚ କଥା ଯଦି ବିଚାରକୁ ନେବା ତେବେ ପ୍ରଥମେ ବିଶୋଧିତ ବିହନ କିଣା ବାବଦକୁ ୬୦୦ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ପହ୍ଲ ପକାଇବା ପାଇଁ ଜମି ପ୍ରସ୍ତୁତି ଓ ସାର ପ୍ରୟୋଗ ବାବଦକୁ ୧୦୦୦ ଟଙ୍କା ଲାଗିଯାଏ । ଏହା ପରେ ପାଗ ଦେଖି ପହ୍ଲ ରୁଆ ପାଇଁ ଜମି ମରାମତି ଓ ପ୍ରସ୍ତୁତିରେ ହଳ, ଲଙ୍ଗଳ, ଶ୍ରମିକ ଆଦି ବାବଦକୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଯାଏ । ଧାନପହ୍ଲକୁ ୧୫ରୁ ୨୦ ଦିନ ହୋଇଗଲା ପରେ ଭଲ ପାଗ ଦେଖି ତଳି ଓପାଡ଼ି ଭଲ ଭାବରେ ଧୋଇବା ପାଇଁ ଶ୍ରମିକ ବାବଦକୁ ୧୦୦୦ ଟଙ୍କା ଏବଂ ଜମିରେ ପହ୍ଲ ରୁଆ ପାଇଁ ପ୍ରାୟ ୨୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ରୁଆ ସମୟରେ ପ୍ରଥମ ପର୍ଯ୍ୟାୟରେ ଏକରକୁ ଏକ ବସ୍ତା ଡିଏପି ସାର ବାବଦକୁ ୧୩୦୦ ଟଙ୍କା ଏବଂ ପଟାସ ସାର ୨୦୦ ଟଙ୍କା ଓ ଜିଙ୍କ ବାବଦକୁ ୩୦୦ ଟଙ୍କା ଖର୍ଚ୍ଚ ହୁଏ । ଏହାର ୨୫ ରୁ ୩୦ ଦିନ ପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୩୦ କି.ଗ୍ରା. ଯବକ୍ଷାରଜାନ ଏବଂ ପ୍ରାୟ ୧୦ କି.ଗ୍ରା. ପଟାସ ସାର ର ବ୍ୟବହାର କରାଯାଏ, ଯାହାର ମୂଲ୍ୟ ୬୦୦ ଟଙ୍କା ହୋଇଥାଏ । ଏହାର ୨୦ ରୁ ୨୫ ଦିନ ପରେ ଜମିରୁ ଅନାବନା ଘାସ ବାଛିବା ବାବଦକୁ ୨୦୦୦ ଟଙ୍କା ଶ୍ରମିକ ଖର୍ଚ୍ଚ ପଡ଼ିଥାଏ । ଏହି ସମୟରେ ତୃତୀୟ ପର୍ଯ୍ୟାୟରେ ଏକର ପ୍ରତି ୧୪ କି.ଗ୍ରା. ପଟାସ ଓ ୧୨ କି.ଗ୍ରା. ଯବକ୍ଷାରଜାନ ସାର ବାବଦକୁ ପୁଣି ୫୦୦ ଟଙ୍କା ଖର୍ଚ୍ଚ ଲାଗିଯାଏ । ଏଥିସହ ବିଭିନ୍ନ ପର୍ଯ୍ୟାୟରେ ସାର ଓ ଔଷଧ ପ୍ରୟୋଗ ପାଇଁ ଶ୍ରମିକ ଖର୍ଚ୍ଚ ପ୍ରାୟ ୮୦୦ ଟଙ୍କା ଲାଗିଥାଏ । ଧାନ ପାଚିଲା ପରେ ଧାନ କଟା ବାବଦକୁ ୩୦୦୦ ଟଙ୍କା ଏବଂ ଧାନକୁ ଖଳାକୁ ନେଇ ଶୁଖାଇ ଅଘି(ମଇଳା) ସଫା କରିବା ଓ ଧାନକୁ ବସ୍ତାରେ ଭରିବା ପାଇଁ ୧୫୦୦ ଟଙ୍କା ଲାଗିଯାଏ । ସେହିପରି ଧାନ ରଖିବାର ଅଖା ପାଇଁ ୧୫୦୦ ଟଙ୍କା ପଡ଼ିଥାଏ । ଏହା ପରେ ଧାନକୁ ଘରକୁ ଆଣିବା ଓ ମଣ୍ଡି ଖୋଲିବା ପରେ ଧାନ ବିକ୍ରୀ ପାଇଁ ମଣ୍ଡିକୁ ନେବାରେ ଶ୍ରମିକ ଏବଂ ଗାଡ଼ି ବାବଦକୁ ପ୍ରାୟ ୨୦୦୦ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ଏଥିସହ ପ୍ରତି ଚାରି ବର୍ଷରେ ଥରେ ପ୍ରାୟ ବାର ହଜାର ଟଙ୍କାର ଦେଶୀ କମ୍ପୋଷ୍ଟ ଖତ ଦେବାକୁ ପଡୁ ଥିବାରୁ, ଗୋଟିଏ ବର୍ଷ ପାଇଁ ୩୦୦୦ ଟଙ୍କା ଖର୍ଚ୍ଚ ହୁଏ । ଯଦି ଫସଲରେ ରୋଗପୋକ ଲାଗେ ତେବେ ତାର ଔଷଧ ବାବଦକୁ ୫୦୦ ଟଙ୍କା ପଡ଼ିଥାଏ । ସେହିଭଳି ପାଣିର ଅଭାବ ହେଲେ ଜମିରେ ପାଣି ମଡ଼ାଇବାରେ ଏକର ପିଛା ପ୍ରାୟ ୧୦୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହି ସବୁ ଖର୍ଚ୍ଚକୁ ହିସାବ କଲେ ଗୋଟିଏ ଏକର ଜମିରେ ଚାଷ ପାଇଁ ମୋଟ ୨୫୩୦୦ ଟଙ୍କା ଖର୍ଚ୍ଚ ହୋଇଥାଏ।

ଉତ୍ତମ ପାଗରେ ଏହିଭଳି ଭାବରେ ଚାଷ କଲେ ଏକର ପ୍ରତି ପ୍ରାୟ ୪୦ ପକେଟ ବା ୨୦ କ୍ୱିଣ୍ଟାଲ ଧାନ ଅମଳର ସମ୍ଭାବନା ରହିଛି । କିନ୍ତୁ ଏତିକିରେ ଚାଷୀର ଖର୍ଚ୍ଚ ସରେ ନାହିଁ । ଧାନ ବିକ୍ରୀ ସମୟରେ ବିଭିନ୍ନ ଆଳ ଦେଖାଇ ପ୍ରତି କ୍ୱିଣ୍ଟାଲ ପିଛା ହାରାହାରି ପାଂଚ କି.ଗ୍ରା. ଧାନ ହିସାବରେ ୨୦ କ୍ୱିଣ୍ଟାଲରେ ୧୦୦ କି.ଗ୍ରା. କାଟି ଦିଆଯାଏ । ଅର୍ଥାତ ଚାଷୀକୁ ୧୯ କ୍ୱିଣ୍ଟାଲ ଧାନର ହିଁ ମୂଲ୍ୟ ମିଳିଥାଏ । ବର୍ତ୍ତମାନ କ୍ୱିଣ୍ଟାଲ ପ୍ରତି ଧାନର ସର୍ବନିମ୍ନ ଦର ୨୦୪୦ ଟଙ୍କା ହିସାବରେ ୧୯ କ୍ୱିଣ୍ଟାଲ ଧାନ ବିକିଲେ ୩୮୭୬୦ ଟଙ୍କା ହେବ । ଧାନବିକ୍ରୀ ଟଙ୍କାରୁ ଚାଷ ଖର୍ଚ୍ଚକୁ କାଟି ଦେଲେ ଏକର ପ୍ରତି ୧୩୪୬୦ ଟଙ୍କା ଚାଷୀର ହାତକୁ ଆସିଥାଏ ।

ଓଡ଼ିଶା ସରକାରଙ୍କ ଏକ ରିପୋଟ ଅନୁଯାୟୀ ବର୍ତ୍ତମାନ ରାଜ୍ୟର ମୋଟ ଚାଷୀଙ୍କ ମଧ୍ୟରୁ ୯୩ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଛନ୍ତି । ଅମଳ ହୋଇଥିବା ଧାନରୁ ପରିବାରର ଖାଇବା ପାଇଁ ରଖିଲା ପରେ ବଳକା ଧାନ ବିକ୍ରୀ ହୁଏ । ଏପରି ସ୍ଥଳେ କଠିନ ପରିଶ୍ରମ କରି ଜଣେ ଚାଷୀ ଯଦି ଏତିକି ମାତ୍ର ଲାଭ ପାଏ ତେବେ ସାରା ବର୍ଷ ଚାଷୀର ପରିବାର କିଭଳି ଚଳିବ ବା ନିଜ ପିଲାଛୁଆଙ୍କୁ ପାଠ ପଢ଼ାଇ ମଣିଷ କରିପାରିବ, ତାହା ସହଜେ ଅନୁମେୟ । ଏହା ତ ସରକାରୀ ମଣ୍ଡିରେ ଫସଲ ବିକ୍ରୀର ହିସାବ କରାଯାଇଛି, ଏଭଳି ଅନେକ ଚାଷୀ ଅଛନ୍ତି ଯେଉଁମାନେ ମଣ୍ଡି ଖୋଲିବାକୁ ଅପେକ୍ଷା କରି ନପାରି କିମ୍ବା ମଣ୍ଡି ବ୍ୟବସ୍ଥାର ଜଟିଳତା ଭିତରକୁ ପଶି ନପାରି ବାଧ୍ୟ ହୋଇ କମ୍ ଦାମରେ ନିଜ ଫସଲକୁ ମହାଜନ ପାଖରେ ବିକ୍ରୀ କରିଦିଅନ୍ତି । ପୁନଶ୍ଚ ଏଠାରେ ଆମେ କେବଳ ଏକ ଅନୁକୂଳ ପାଗ ଓ ପରିବେଶରେ ଉତ୍ପାଦିତ ଫସଲର କଥା ଆଲୋଚନା କରିଛୁ । ଯଦି ମରୁଡ଼ି, ବନ୍ୟା, ରୋଗପୋକ ଭଳି ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଘଟେ ତେବେ ସେହି କ୍ଷେତ୍ରରେ ଚାଷ ଓ ଚାଷୀଙ୍କ ଅବସ୍ଥା କଣ ହେଉଥିବ ତାହା ସହଜେ ଅନୁମେୟ ।


♥ ସିନାପାଲି, ନୂଆପଡ଼ା

ମୋ: ୯୭୭୭୭୫୩୯୩୫




# ନାସ୍ତିକମାନେ କୋଠର ନୈତିକବାଦୀ

**ଅଧ୍ୟାପକ ଗୋପବନ୍ଧୁ**

ଧର୍ମ କହିଲେ କେବଳ ଆସ୍ତିକତାକୁ ବୁଝାଏ ନାହିଁ, ଏହା ନାସ୍ତିକତାକୁ ମଧ୍ୟ ବୁଝାଏ। ନାସ୍ତିକତା ମଧ୍ୟ ଏକ ପ୍ରକାରର ଧର୍ମ। ଧର୍ମ କହିଲେ ସେହି ସାମାଜିକ ବ୍ୟବସ୍ଥା ଓ ଏଥିରୁ ନିସୃତ ହେଉଥିବା ସେହି ସାମାଜିକ ଚିନ୍ତନକୁ ବୁଝାଏ ଯାହା ମନୁଷ୍ୟମାନଙ୍କୁ ଶାନ୍ତିଶୃଙ୍ଖଳାର ସହିତ ଗୋଟିଏ ସୂତ୍ରରେ ବାନ୍ଧି ରଖେ। ସଂକ୍ଷେପରେ ଯିଏ ଧରିରଖେ ତାହାହିଁ ଧର୍ମ। ଏଥିପାଇଁ କିଛି ନୀତି ନିୟମର ଆବଶ୍ୟକତା ପଡେ। ଯାହା ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ନିଶ୍ଚିତ କରେ। ଧର୍ମର ଲକ୍ଷ୍ୟ ମାନବିକତାର ବିକାଶ। ମାନବିକତାର ଅର୍ଥ ପରସ୍ପରକୁ ଭଲ ପାଇବା, ଦରଦୀହେବା, ସମସ୍ତଙ୍କ ମଙ୍ଗଳ କାମନା କରିବା, ଏପରିକି ସମଗ୍ର ଜୀବଜଗତ ପ୍ରତି ସଦୟଭାବ ପ୍ରଦର୍ଶନ କରିବା। ମାନବିକତାର ସଂସ୍ଥାପନ ପାଇଁ ଧର୍ମ ମଧ୍ୟରେ କିଛି ନୈତିକ ନିୟମର ଆବଶ୍ୟକତା ପଡେ। ଏହି ନୈତିକ ନିୟମଗୁଡ଼ିକର ପ୍ରବର୍ତ୍ତନ ସମ୍ପୃକ୍ତ ସମାଜକୁ ଐକ୍ୟବଦ୍ଧ କରେ ଓ ଆଗକୁ ବଢ଼ିବାର ବାଟ କଢ଼ାଏ। ପ୍ରକୃତପକ୍ଷେ ମାନବିକତା ଓ ନୈତିକତା ହେଉଛି ପ୍ରତ୍ୟେକ ଧର୍ମର କେନ୍ଦ୍ରୀୟ ବିଷୟ। ମନୁଷ୍ୟ ସମାଜର ସ୍ଥିତି ଓ ପ୍ରଗତି ଏହି ଦୁଇଟି ବିଷୟ ଉପରେ ନିର୍ଭରଶୀଳ। ଅନ୍ୟଥା ସମାଜରେ ଅରାଜକତା ଓ ସ୍ୱେଚ୍ଛାଚାରୀତା ବଢ଼ିଯାନ୍ତା। ସମାଜ ଧ୍ୱଂସାଭିମୁଖୀ ହୁଅନ୍ତା।

ଧର୍ମ ପାଇଁ ଈଶ୍ୱର, ଭଗବାନ ବା କୌଣସି ଚମତ୍କାର ସୃଷ୍ଟିକାରୀ ଅଦୃଶ୍ୟ ଶକ୍ତିର ଆବଶ୍ୟକତା ବାଧ୍ୟତାମୂଳକ ନୁହେଁ। କାରଣ ଅନେକ ଧର୍ମ ରହିଛି ଯେଉଁଥିରେ ଈଶ୍ୱର ବା ଭାଗବାନ ବିଶ୍ୱାସ ନାହିଁ। ଏବେ ବିଶ୍ୱରେ ଅନେକ ପ୍ରକାରର ଧର୍ମ ରହିଛି। ଯେଉଁମାନେ ଈଶ୍ୱର ବା ଭଗବାନଙ୍କ ସ୍ଥିତିରେ ବିଶ୍ୱାସ କରନ୍ତି ତାଙ୍କୁ ଆସ୍ତିକ କୁହଯାଏ। ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ତାଙ୍କୁ ନାସ୍ତିକ ବା ନିରୀଶ୍ୱରବାଦୀ କୁହାଯାଏ। ଆସ୍ତିକମାନେ କହନ୍ତି ମାନବିକତା ଓ ନୈତିକତା ଈଶ୍ୱର ବିଶ୍ୱାସରୁ ଜାତ ହୁଏ। ଈଶ୍ୱର ଭୟ ତାକୁ ଉଚିତ୍ ମାର୍ଗରେ ପରିଚାଳିତ ହେବାକୁ ବାଧ କରେ। ନାସ୍ତିକମାନେ କହନ୍ତି ଏହି ଗୁଣଗୁଡିକ ମନୁଷ୍ୟର ସହଜାତ। ଏଗୁଡିକ ତାର ବୁଦ୍ଧିମତ୍ତାର ଅଂଶବିଶେଷ। ଏଗୁଡ଼ିକ ସୁପ୍ତଭାବେ ଥାଏ। ଅଭ୍ୟାସ ମାଧ୍ୟମରେ ଜାଗ୍ରତ କରାଯାଏ। ନିଜର ଅନ୍ତର୍ନିହିତ ଚେତନା ଓ ବିବେକର ଉଜାଗର ଜରିଆରେ ଏହି ଗୁଣଗୁଡିକୁ ଶାଣିତ କରାଯାଇ ପାରେ।

ଭାରତୀୟ ଧର୍ମବିଶ୍ୱାସ ଓ ସଂସ୍କୃତିରେ ନାସ୍ତିକବାଦକୁ ସ୍ୱୀକାର କରାଯାଇଛି। ନାସ୍ତିକତା ଧର୍ମର ସ୍ୱୀକୃତି ପାଇଛି। ପ୍ରାଚୀନ ଧାର୍ମିକ ପରମ୍ପରାରେ ନିରୀଶ୍ୱରବାଦର ପ୍ରଭାବ ଅଧିକ ଦେଖିବାକୁ ମିଳେ। ଭାରତୀୟ ଦର୍ଶନ ଧର୍ମଭିତ୍ତିକ। ଆମ ଦେଶରେ ବିଭିନ୍ନ ଧର୍ମର ବିଚାରକୁ ଦର୍ଶନ ଆଖ୍ୟା ଦିଆଯାଇଛି। ପ୍ରାଚୀନ ବିଚାରଗୁଡିକ ମଧ୍ୟରୁ ଅନ୍ୟତମ ହେଉଛି 'ଚାର୍ବାକ୍ ଦର୍ଶନ'। ଏହା ଦିନେ ଧର୍ମର ମର୍ଯ୍ୟଦା ପାଇଥିଲା ନିଶ୍ଚୟ। ଲୋକମାନେ ବହୁଳ ଭାବରେ ଏହାର ଅନୁଗାମୀ ଥିଲେ। ବିଭିନ୍ନ ଧର୍ମରେ ଚାର୍ବାକ୍ ଦର୍ଶନ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ଚାର୍ବାକମାନେ ନାସ୍ତିକଭାବେ ପରିଚିତ। ଏମାନେ ଭଗବାନ ବା ଈଶ୍ୱରରେ ବିଶ୍ୱାସ କରୁନଥିଲେ। ସେ ସମୟରେ ଏହା ଏକ ସାମାଜିକ ବିଚାରଧାରାର ରୂପ ନେଇଥିଲା। ଏମାନେ ଯଦି ମାନବିକତା ଓ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇନଥାନ୍ତେ ତେବେ ଏହା ସାମାଜିକ ଭାବନାର ରୂପ ନେଇନଥାନ୍ତା ଓ ପରବର୍ତ୍ତୀ ଧାର୍ମିକ ଶୃଙ୍ଖଳାରେ ଏହାର ଏତେ ଆଲୋଚନା ହୋଇନଥାନ୍ତା।

ଅନ୍ୟତମ ପ୍ରାଚୀନ ଦର୍ଶନ ହେଉଛି ଜୈନଧର୍ମ। ଏହା ମଧ୍ୟ ନିରୀଶ୍ୱରବାଦୀ ଅଟେ। ଜୈନମାନେ ଈଶ୍ୱର ବିଶ୍ୱାସୀ ନୁହଁନ୍ତି। ଈଶ୍ୱରଙ୍କ ଅସ୍ତିତ୍ୱକୁ ଏମାନେ ଅସ୍ୱୀକାର କରନ୍ତି। ଈଶ୍ୱର ବଦଳରେ ଏମାନେ ନୈତିକ କର୍ମରେ ବିଶ୍ୱାସ କରନ୍ତି। ଏହି କର୍ମ ସମ୍ପାଦନକୁ ସେମାନେ ଧର୍ମ ବୋଲି କହନ୍ତି। ଜୈନମାନେ ପାଞ୍ଚଟି ନୈତିକ କର୍ମ ଉପରେ ଗୁରୁତ୍ୱ ଦିଅନ୍ତି। ଏଗୁଡିକୁ ପଞ୍ଚବ୍ରତ ବୋଲି କୁହଯାଏ। ସତ୍ୟ, ଅହିଂସା, ଅସ୍ତେୟ (ଚୋରି ନକରିବା), ଇନ୍ଦ୍ରିୟ ସଂଯମତା ଓ ଅପରିଗ୍ରହ (ପରିତ୍ୟାଗ)। ଏହି ପାଞ୍ଚଟି କର୍ମ ସମ୍ପାଦନ ଜୈନଧର୍ମର ମୁଖ୍ୟ ବିଷୟବସ୍ତୁ। ବୌଦ୍ଧଧର୍ମ (ବୌଦ୍ଧଧର୍ମ) ମଧ୍ୟ ନିରୀଶ୍ୱରବାଦୀ। ଏମାନେ ଭାଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରନ୍ତି ନାହିଁ। ଜୈନମାନଙ୍କ ତୁଲ୍ୟ ବୌଦ୍ଧମାନେ ଆଠଟି ନୈତିକ କର୍ମରେ ବିଶ୍ୱାସ କରନ୍ତି। ଏଗୁଡିକ ହେଉଛି ସଠିକ ଦୃଷ୍ଟିଭଙ୍ଗି, ସଠିକ ସଂକଳ୍ପ, ସଠିକ କଥନ (ସତ୍ୟ ବଚନ), ସଠିକ କର୍ମ (ଅହିଂସା), ସଠିକ ଜୀବିକା ଗ୍ରହଣ, ସଠିକ ଉଦ୍ୟମ, ସଠିକ ସ୍ମୃତି ଓ ସଠିକ ଏକାଗ୍ରତା। ଏହି ଆଠଟି କର୍ମ ଉପରେ ବୌଦ୍ଧମାନେ ଗୁରୁତ୍ୱ ଦିଅନ୍ତି। ଈଶ୍ୱର ବିଶ୍ୱାସ ବିନା ଏହି ନୈତିକ କର୍ମ ସମ୍ପାଦନ ମାଧ୍ୟମରେ ସମାଜର ସ୍ଥିତି ଓ ପ୍ରଗତି ସମ୍ଭବପର ବୋଲି ଏମାନଙ୍କ ମତ।

ଶାଂଖ୍ୟ ଓ ଯୋଗ ଦର୍ଶନ ସମାନ ତତ୍ତ୍ୱରେ ବିଶ୍ୱାସ କରନ୍ତି। ଏହା ମଧ୍ୟ ବହୁ ପ୍ରାଚୀନ ବିଚାର। ଦିନେ ଏଗୁଡିକ ମଧ୍ୟ ଧର୍ମର ମାନ୍ୟତା ପାଇଥିଲେ। ଉଭୟ ଦର୍ଶନ ଦୁଇଟି ସତ୍ୟତାରେ ବିଶ୍ୱାସ କରନ୍ତି, ପ୍ରକୃତି ଓ ପୁରୁଷ। ଯୋଗର ଆଠଟି ସୋପାନ ଅଛି। ଏଗୁଡିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ଏହି ଆଠଟି ମାର୍ଗର ସଠିକ ସମ୍ପାଦନ ହିଁ ଧର୍ମ। ଏଗୁଡିକ ହେଉଛି ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି। ଏବେ ଲୋକମାନେ ଯୋଗ କହିଲେ ଆସନକୁ ବୁଝୁଛନ୍ତି। ଏ ଉଭୟ ଦର୍ଶନ ଚମତ୍କାରୀ ଈଶ୍ୱରରେ ବିଶ୍ୱାସ କରନ୍ତି ନାହିଁ। ଏମାନେ ଉଚ୍ଚତର ପୁରୁଷରେ ବିଶ୍ୱାସ କରନ୍ତି। ଯେଉଁ ପୁରୁଷ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକ ନୁହେଁ। ପରବର୍ତ୍ତୀ ସମୟରେ ହିନ୍ଦୁଧର୍ମ ଏଗୁଡିକୁ ନିଜ ସହିତ ସାମିଲ କରିନେଇଛି। ବୈଶେଷିକ ଦର୍ଶନ ଅନେକ ସତ୍ୟତାର ବିଶ୍ୱାସ କରେ। ଏହା ମଧ୍ୟ ଏକ ସର୍ବଶକ୍ତିମାନ ଈଶ୍ୱରରେ ବିଶ୍ୱାସ କରେନାହିଁ, ଏହି ଦର୍ଶନ ମଧ୍ୟ ନୈତିକ କର୍ମ ଉପରେ ଗୁରୁତ୍ୱ ଦିଏ। ଏତାଦୃଶ୍ୟ ଅନେକ ନିରୀଶ୍ୱରବାଦୀ ଦର୍ଶନ ଥିଲା ଯେଉଁମାନେ ନୈତିକ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ। ଶୂନ୍ୟବାଦୀଙ୍କ ମତରେ ଏ ବିଶ୍ୱ ଶୂନ୍ୟରୁ ସୃଷ୍ଟି ହୋଇଛି। ଏହାକୁ ଭଗବାନ ସୃଷ୍ଟି କରିନାହାଁନ୍ତି। ଏମାନେବି ନାସ୍ତିକ ଅଟନ୍ତି, କିନ୍ତୁ ନୈତିକତାର ବିଶ୍ୱାସୀ। ବସ୍ତୁବାଦୀମାନେ ଜଗତ ସୃଷ୍ଟିର ମୂଳକାରଣ ବସ୍ତୁ ବୋଲି କହନ୍ତି। ତେଣୁ ଏମାନେ ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରନ୍ତି। ତେବେ ବସ୍ତୁବାଦ ନୈତିକତାକୁ ସ୍ୱୀକାର କରେ।

ବିଂଶ ଶତାବ୍ଦୀରେ ବିଶ୍ୱ ସ୍ତରରେ 'ବାହାଇ' ଧର୍ମର ଆବିର୍ଭାବ ହୋଇଛି। ଏହା ଏକ ନାସ୍ତିକ ଧର୍ମ। ଏମାନେ ବିଜ୍ଞାନରେ ବିଶ୍ୱାସ କରନ୍ତି। ଏମାନେ ଈଶ୍ୱରରେ ବିଶ୍ୱାସ କରନ୍ତି ନାହିଁ। ବିଜ୍ଞାନ ଯାହାକୁ ସତ୍ୟ କହେ ତାକୁ ହିଁ ଏମାନେ ସତ୍ୟ ବୋଲି ମାନନ୍ତି। ବିଶ୍ୱରେ କ୍ରମେ ନାସ୍ତିକମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏମାନେ ଈଶ୍ୱର ସ୍ଥାନରେ ନୈତିକତାକୁ ଗ୍ରହଣ କରୁଛନ୍ତି। ଏମାନଙ୍କ ଯୁକ୍ତି ଯେ ଧର୍ମ ସମାଜରେ ବିଭେଦ ସୃଷ୍ଟି କରୁଛି। ଧର୍ମକୁ ନେଇ ଅନେକ ରକ୍ତପାତ ହୋଇଛି ଓ ଏବେ ମଧ୍ୟ ହେଉଛି। ଧର୍ମ ଆଉ ସମାଜକୁ ଶାନ୍ତିରେ ରଖାଇ ଦେଉନାହିଁ। ଈଶ୍ୱର ରକ୍ଷା କରିପାରୁ ନାହାଁନ୍ତି। ଧାର୍ମିକ ବିବାଦରୁ ମୁକ୍ତି ପାଇବା ପାଇଁ ନାସ୍ତିକ ହୋଇଯିବା ଶ୍ରେୟସ୍କର ବୋଲି ଏମାନଙ୍କ ଯୁକ୍ତି। ପୁଣି ସମାଜରେ ଶାନ୍ତିର ସହିତ ବସବାସ କରିବାକୁ ହେଲେ ମାନବିକତା ଓ ନୈତିକ କର୍ମର ଆବଶ୍ୟକତା ରହିଛି। ଅନେକ କ୍ଷେତ୍ରରେ ଧର୍ମ ଏଗୁଡ଼ିକ ଉପରେ ଗୁରୁତ୍ୱ ନଦେଇ କର୍ମକାଣ୍ଡ ଉପରେ ଗୁରୁତ୍ୱ ଦେଉଛି।

ନାସ୍ତିକ ହେବା ଅର୍ଥ ସ୍ୱେଚ୍ଛାଚାରୀତା ନୁହେଁ। ଦେଖାଯାଇଛି ନାସ୍ତିକବାଦୀମାନେ କୋଠରଭାବେ ମାନବିକତା ଓ ନୈତିକତାକୁ ଗୁରୁତ୍ୱ ଦିଅନ୍ତି। ନାସ୍ତିକମାନଙ୍କ ପାଇଁ ଦିଅଁ-ଦେବତା, ପୂଜା-ଆରାଧନା, ହୋମ-ଯଜ୍ଞ, ଦାନ-ଦକ୍ଷିଣା, ଭେଟି-ଉପହାର, ପୂଜକ-ଯାଜକ ପ୍ରଭୃତିର ଆବଶ୍ୟକତା ପଡେନାହିଁ। ଏମାନଙ୍କ ପାଇଁ ନୈତିକ କର୍ମହିଁ ଜୀବନଧାରଣ ଓ ସାମାଜିକ ଶାନ୍ତିର ଏକମାତ୍ର ଆୟୁଧ। ଭାରତୀୟ ସଂସ୍କୃତି ଉଭୟ ଆସ୍ତିକ ଓ ନାସ୍ତିକ ବିଚାରର ସମାହାର। ଯିଏ ନାସ୍ତିକ ସେବି ଧାର୍ମିକ, ଯେହେତୁ ସେବି ଗୋଟିଏ ବିଚାରଧାରାର ଅନୁସରଣ କରେ। ଏହା ଛଡା ଯେଉଁମାନେ ନାସ୍ତିକ ଧର୍ମର ସମର୍ଥକ ସେମାନେ ଭାରତୀୟ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶଭାବେ ପରିଗଣିତ ହୋଇ ଆସିଛନ୍ତି। ହିନ୍ଦୁଧର୍ମ ସମସ୍ତ ବିଚାରକୁ ନିଜ ସହିତ ସାମିଲ କରିନେବାର ପ୍ରୟାସ କରିଛି। ଏହା ହୋଇନଥିଲେ ଗୌତମବୁଦ୍ଧ ଯେକି ଭଗବାନରେ ବିଶ୍ୱାସ କରୁନଥିଲେ, ଯିଏ ନାସ୍ତିକ, ତାଙ୍କୁ ହିନ୍ଦୁଧର୍ମର ଦଶ ଅବତାର ମଧ୍ୟରୁ ଗୋଟିଏ ଅବତାର ଭାବେ ଗ୍ରହଣ କରାଯାଇ ନଥାନ୍ତା। ବର୍ତ୍ତମାନର ପରିପ୍ରେକ୍ଷୀରେ ଆସ୍ତିକ ହୁଅନ୍ତୁ କି ନାସ୍ତିକ ହୁଅନ୍ତୁ ମାନବିକତା ଓ ନୈତିକ କର୍ମ ଉପରେ ସମସ୍ତଙ୍କୁ ଗୁରୁତ୍ୱ ଦେବାକୁ ପଡିବ।


♥ ବାରିପଦା, ମୟୂରଭଞ୍ଜ

ମୋ. ୭୦୦୮୯୭୬୧୮୦





## ଜୀବନର ବୁଝାମଣା

**ବିନୟ କୁମାର ସାମଲ**

ଜୀବନଟା ଏକ ବୁଝାମଣା ଏବେ
ସେନେହ ମମତା ଶୂନ୍ୟ,
ବୁଝାମଣା ଟିକେ ଭୁଲ ହୋଇଗଲେ
ସମ୍ପର୍କ ହୃଦୟ ହୀନ।

ଅବିଶ୍ୱାସ ଆଉ ସନ୍ଦେହର ବିଷ
ମାରାତ୍ମକ ରୂପ ଧରି,
ଭୁଲ ବୁଝାମଣା କରେ ବାଟବଣା
ତନଟି କାଟେ ଅନଟି ଛୁରୀ।

ଜୀବନ ବୃତ୍ତର ପରିଧିକୁ ଡେଇଁ
ସମ୍ପର୍କଟା ଯାଏ ଛିଡି,
ବିଶ୍ୱାସର ବନ୍ଧ ଥରେ ଭାଙ୍ଗିଗଲେ
କେବେ ହୁଏ ନାହିଁ ଯୋଡ଼ି।
ସଂସାରଟା ଲାଗେ ତପ୍ତ ମରୁଭୂମି
ନିରାଶ ହୃଦୟ ଜଳେ,
ବଞ୍ଚିବା ମରିବା ସମାନ ଏଇଠି
ନାଟକ ବାଜିର ଛଳେ।

ପ୍ରେମ ପ୍ରତାରଣା ଅତି ସାଧାରଣ
ଦୈନନ୍ଦିନର ଘଟଣା,
ଛଳନାର ଜଉଘରେ ପ୍ରତାରଣା
ହୃଦୟ ଦାହେ ଯନ୍ତ୍ରଣା।

ପାଶ୍ଚାତ ସଂସ୍କୃତି ଅନୁସରି ନର
ଚାଖେ ଆଧୁନିକ ସ୍ୱାଦ
ଜୀବନର ପ୍ରତି କ୍ଷଣେ ବାଟବଣା
କେଉଁଠି ଥାପିବ ପାଦ।

ପ୍ରେମବନ୍ଧନର ସ୍ୱାର୍ଥ ଅହଙ୍କାର
ଗୋନରେ ଉଙ୍କି ମାରି,
ଠିକଣା ବେଳରେ ଭୟଙ୍କର ହୁଏ
ବୁଝାମଣା ଯାଏ ସରି
ଜୀବନଟା ଯଦି ବୁଝାମଣା ମାତ୍ର
କିଏ ଦେବ ତା ପାଉଣା?
ହା ହାକାରେ ଆତ୍ମହତ୍ୟାକୁ ଆଦରେ
ମୃତ୍ୟୁ ହିଁ ଶେଷ ଠିକଣା।

ପରସ୍ପର ପ୍ରତିସରଳ ବିଶ୍ୱାସ
ତ୍ୟାଗ ସମର୍ପଣ ଭାବ,
ସଦା ସରଜଇ ସୁନାର ସଂସାର
ରହେ ବୁଝାମଣା ଭାବ।


♥ ଗ୍ରା/ପୋ ବେଦପଡ଼ା

ମୋ: ୯୩୩୭୨୪୯୦୬୮


## ଧର୍ମ ଛଡା କିଆଁ ହେଉଛ ଆଜି

**କୁନା ସେଠୀ**

ରାଧା ରାଧା ବୋଲି ସଭିଏଁ କୁହନ୍ତି
କୃଷ୍ଣ ନାମ ଭଜି ଭଜି
ରାଧା କୃଷ୍ଣ ପ୍ରେମ ବୁଝି ନ ପାରନ୍ତି
ହୋଇଥାନ୍ତି ରାଜାରାଜି
ଭାବରେ ଯାଆନ୍ତି ଭିଜି
ପ୍ରେମରେ ଯାଆନ୍ତି ସିଜି
ସିଜି ଯାଇ ଯେବେ ଭାଜି ହୋଇଥାନ୍ତି
ପଛ କୁ ହୁଅନ୍ତି ଖୋଜି
ଧର୍ମ ଛଡା କିଆଁ ହେଉଛ ଆଜି?

ମାନବ ରୂପରେ ଜନମ ଆମର
ମନୁଷ୍ୟତା ଆମ କାମ
ବୁଝିବା ଶକତି ରହିଛି ଆମର
କ୍ଷମା ହେଲା ଆମ ଧର୍ମ
ଦଣ୍ଡିବା ନୁହଁଇ କର୍ମ
ଛାଡି ଆମ ଲାଜ ସର୍ମ
ଦଣ୍ଡକୁ ହାତରେ ଧରି ଆମେ ଚାଲୁ
ବୁଝାଇ ଶାନ୍ତିର ମର୍ମ
ତୁଛାରେ ଲଗାଇ ବାଜି
ଧର୍ମ ଛଡା କିଆଁ ହେଉଛ ଆଜି?

ଆଶ୍ରିତ ଜନର ରକ୍ଷା ପାଇଁ ପରା
ନେତାଗିରି ତୁମ ଆଜି
ସେହି ନେତାଗିରି ଆଜି କାହିଁ ଡେରି
ପାରୁନି ସେ ଆଜି ଖୋଜି
କ୍ଷୀର ପିଅ ଆଖି ବୁଜି
ଅନ୍ଧ ପୁତୁଳିକୁ ଆଖିରେ ବାନ୍ଧିଛ
ନିଦରେ ଯାଇଛ ହଜି
ଧର୍ମ ଛଡା କିଆଁ ହୋଇଛ ଆଜି ?

ନିତି ବଳାତ୍କାର କୁଜି ଟାଉଟର
ପାପ ପୂଣ୍ୟ କିଛି ନାହିଁ
ମଣିଷ ମାରୁଛ ସ୍ୱାର୍ଥ କୁ ହରୁଛ
ଖଣ୍ଡ ଖଣ୍ଡ କରିଦେଇ
ମଣିଷ ମାଂସ କୁ ଖାଇ
ପେଡ଼ି ଭାଡ଼ି ଠାରେ ଲୁଚାଇ ରଖୁଛ
ମଣିଷ ଟେ ପୁଣି ହୋଇ
ସଇତାନ ତୁମେ ସାଜି
ଧର୍ମ ଛଡ଼ା କିଆଁ ହେଉଛ ଆଜି ?

ପଢିଛ ବଢ଼ିଛ ଶ୍ରେଷ୍ଠ ବି ହୋଇଛ
ବୃଦ୍ଧି ଶୁଦ୍ଧି କିଛି ନାହିଁ
ମାଆ କୁ ମାରୁଛ ବାପାକୁ ମାରୁଛ
ଜ୍ଞାନ କୁ ଦେଖାଇ ହୋଇ
ଈଶ୍ୱରଙ୍କୁ ଡାକି ଦେଇ
ଜୀବନ୍ତ ଈଶ୍ୱର ଦାଣ୍ଡକୁ ତଡୁଛ
ନିର୍ଜୀବ କୁ ପୂଜା ଦେଇ
ଏ କେମିତି ବିଶ୍ୱାସ ରାଜି
ଧର୍ମ ଛଡ଼ା କିଆଁ ହେଉଛ ଆଜି?

ଧର୍ମ କୁ ବୁଝିବା କର୍ମ କୁ କରିବା
ମଣିଷ ପଣିଆ ନେଇ
ନିଜେ ବଞ୍ଚିବା ଅନ୍ୟକୁ ବଞ୍ଚାଇବା
ସଂସାର ଭିତରେ ରହି
ସବୁ ଧର୍ମ ଅଛି କହି
ଅବୁଝା ହେଉଛ ବୁଝି ନ ପାରୁଛ
ଏ କେମିତିକା କଥା ଭାଇ
କରୁଛ ରକ୍ତ ର ଭୋଜି
ଧର୍ମ ଛଡା କିଆଁ ହେଉଛ ଆଜି?


♥ ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ




## କୁଆଁରୀ କୁସୁମ

**ଦିବାକର ନାୟକ**

ପାହାନ୍ତି ପହରୁ ଦାଣ୍ଡ ଓଳାଉଛୁ
ନିତି ଦେଖୁଛି ମୁଁ ତୋତେ ପ୍ରଥମ
କାକର ଭିଜା ସେ ଧୂଳି କଣିକାରେ
ଦିଶୁ ତୁହି ସଜ ଫୁଟା କୁସୁମ ।

ସଭିଙ୍କ ଆଗରୁ ଉଠିବୁ ବୋଲି ତୁ
ନିଦ ଭାଙ୍ଗୁଥିବ ଘଡ଼ି କି ଘଡ଼ି
କଅଁଳ ସକାଳେ ଖରା ଛୁଇଁ ତୋତେ
ମଉଳି ଯିବ କି ଚମକି ପଡ଼ି

ମୁହଁ ଟେକି ଟିକେ ଚାହିଁଦେଲେ
ମୋତେ
ଶୁଭ ହୁଏ ମୋର ଦିନ ତମାମ..

ପାହାନ୍ତି ପହରୁ ଦାଣ୍ଡ ଓଳାଉଛୁ
ନିତି ଦେଖୁଛି ମୁଁ ତୋତେ ପ୍ରଥମ ।

କେଉଁ ଭାଗ୍ୟବାନ ତୋ ହାତ ଧରିବ
ହସିହସି ହେବୁ ଜୀବନ ସାଥୀ
କାହା କୁଳଦୀପ ଜାଳିବୁ ଦିନେ ତୁ
କାଚ ଖୋଜି କିଏ ପାଇବ ମୋତି

ଅଳସହୀନ ତୋ କୁଆଁରୀ ଜୀବନ
କା' ଘର କରିବ ସରଗ ସମ..
ପାହାନ୍ତି ପହରୁ ଦାଣ୍ଡ ଓଳାଉଛୁ
ନିତି ଦେଖୁଛି ମୁଁ ତୋତେ ପ୍ରଥମ ।


♥ ଆକାଶବାଣୀ ଗୀତିକାର

ପାଟପୁର, କନିସି

ଗୋଳନ୍ଥରା, ଗଞ୍ଜାମ

ମୋ-୯୯୩୮୬୧୯୯୮୧


## ଶୀତ

**ବୃନ୍ଦାବନ ପ୍ରଧାନ**

ଆସିଛୁ ଖ୍ୱାଲି ତ ଶୀତ
ମୁଁ ଅନୁଭବ କରୁଛି
ମୋ ଦେହର ଦହନ କୁ
ତୋ ସ୍ପର୍ଶରେ ସୁପ୍ତ କରୁଛି।

ବିଜୁଳୀ ଯେସନ ଅଟୁ ତୁ ଶୀତ
ଖେଳାଉ ଶରୀରେ ଶିହରଣ
ମର୍ମେ ମର୍ମେ ଭେଦିଯାଉ
କରୁଥାଉ ସଦା ଗୁଞ୍ଜରଣ।

ଅତୃପ୍ତ ଦେହର ଆକାଂକ୍ଷା ସବୁକୁ
ଭସାଇ ଦେଉତ ଶୀତ ପାରବାରେ
ଶୀତ ତୁ ଆସିଛୁ ବୋଲି ତ
ଅସ୍ତିତ୍ୱ ମିଳୁଛି ଦେହ ଦହନରେ ।


♥ ବାଉଲସିଂହା, ଭଟଲି, ବରଗଡ଼

# ତଥାପି ଅପେକ୍ଷାରେ



## ଶୁଭଦର୍ଶିନୀ ଦାଶ



ଜୀବନ ଯାତ୍ରା କେତେବେଳେ କାହାକୁ କେଉଁଠି ନେଇ ପହଁଞ୍ଚାଇ ଦେବ ତାର କିଛି ଆକଳନ କରି ହୁଏ ନାହିଁ। ପରିବାର, ବନ୍ଧନ, ସ୍ନେହ, ମୋହ ମାୟାର ଶେଷ ଯେ କେଉଁଠି ଆଉ କେମିତି ତାହା ବି ଅପରିକଳ୍ପିତ। ଏଇ ଯେମିତି ଚାଲେ ଜୀବନ ଚକ୍ରରେ.....।

ନୂଆ ନୂଆ ଚାଲି ଶିଖୁଥିବା ପ୍ରତ୍ୟେକ ପାଦର ପ୍ରଥମ ସାହାରା ହେଉଛନ୍ତି ସିଏ, ଛୁଆର ଭବିଷ୍ୟତ ଚିନ୍ତା କରୁଥିବା ପ୍ରଥମ ବ୍ୟକ୍ତି ବି ସିଏ, ଆଉ ମୋ ଠାରୁ ଉଚ୍ଚ ସ୍ଥାନରେ ରହୁ ଆଗରେ ରହୁର କାମନା କରୁଥିବା ସବୁଠାରୁ ବଡ଼ ହୃଦୟବାନ ବ୍ୟକ୍ତି ବି ସେଇ ଜଣିଏ ଲୋକ । ଯିଏ ଛୁଆଟିକୁ ସବୁ ପ୍ରକାର ଯତ୍ନରେ ବଡ଼ କରିବାକୁ କେବେ ପଛଘୁଞ୍ଚା ଦିଅନ୍ତିନାହିଁ। ସେଥିପାଇଁ କଷ୍ଟ କରିବାକୁ କେବେ କାତର ମଧ୍ୟ କରନ୍ତି ନାହିଁ । ପକେଟରେ ସ୍ୱଳ୍ପ ଅର୍ଥ ଥିବା ସମୟରେ ଯଦି ଭୋକ ଆଉ ଖେଳନା କେବେ ସାମନା ସାମନି ହୋଇଯାନ୍ତି ତେବେ ଖେଳନା ହିଁ ଶ୍ରେଷ୍ଠ ଲାଗିଥାଏ ତାଙ୍କ ନଜରରେ କାରଣ ସେଥିରେ ଥାଏ ଛୁଆର ଖୁସି । ତେଣୁ ପୃଥିବୀରେ ବୋଧେ ସେହିଁ ଜଣେ ଲୋକ ଯାହା ମନ କେବେ ନିଜ କଥା ଚିନ୍ତା କରିପାରେନା, ଛୁଆଟିର ମନ ଆଗରେ। ଆଉ ଯଦି ତାଙ୍କ ହାତରେ ସମ୍ବଳ ଅଛି ସେ ସମୟର କଥା ନକହିଲେ ଭଲ, ଛୁଆ ଯାହା ଚାହେଁ ଯେତେବେଳେ ଚାହେଁ ପାଇଯାଏ । ଏସବୁ ପଛରେ କେବଳ ଗୋଟିଏ ଉଦ୍ଦେଶ୍ୟ, ଛୁଆ ଭଲରେ ରହୁ। ଆଉ ଚିନ୍ତା... ଭଲରେ ରହିଲେ ତ ତାଙ୍କ ଚିନ୍ତାଧାରା ଭଲ ହେବ, ଦୁନିଆ ଭିତରେ ତାଙ୍କୁ କିଛି ନୂଆ ଲାଗିବନି କି ଅଜଣା ହେବେନି ପାରିପାର୍ଶ୍ୱିକ ଅବସ୍ଥା ପ୍ରତି କି ଅନ୍ୟକୁ ଦେଖି ଦୁଃଖ ପ୍ରକାଶ କରିବେନି। ତେଣୁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥାନ୍ତି ତାର ସବୁ ଇଛା ପୂରଣ କରିବା ପାଇଁ ।

କିନ୍ତୁ ଜୀବନଚକ୍ର ଯେତେ ଆଗକୁ ଗଡି ଗଡି ଚାଲେ ତାଙ୍କ ପାଦର ବେଗ ସେତିକି ଶିଥିଳ ହୋଇ ହୋଇ ଯାଏ, ଆଉ ଶରୀର ଆଉ ମନ ଥକିଯାଇ ସାହାରା ଖୋଜିବାକୁ ଆରମ୍ଭ କରେ, ସେତେବେଳେ ଖୁବ କମ ସାହାରା ହେବାପାଇଁ ଆଗେଇଆସନ୍ତି । ଏ ବସ୍ତୁବାଦି ଓ ସ୍ୱର୍ଥପର ଦୁନିଆରେ ।

କାରଣ ଯେଉଁ ପାଦକୁ ଚାଲି ଶିଖେଇବା ପାଇଁ ଦିନେ ନିଜର ଗତିକୁ ଧୀର କରିଦେଇଥାନ୍ତି, ସେ ପାଦ ଦୌଡିବା ଶିଖି ଯାଇଥାଏ। ସେ ଦୌଡୁଥିବା ପାଦ ମାନଙ୍କ ଭିତରୁ, ସିଏ ନିଜର ଗତିକୁ ଟିକେ କମାଏ ଆଉ ସାଥିହୋଇ ଚାଲିବାକୁ ପସନ୍ଦ କରେ ଯାହାର ହୃଦୟ ରୂପକ ଇଂଜିନ ଓ ଆତ୍ମକ୍ଷ ରୂପକ ବ୍ରେକ ଥାଏ। ନିଜକୁ ଅଟକାଇ ରଖି ପାରେ ତାକୁ ଜୀବନ ଦୌଡ଼ରେ ଦୌଡିବା ଶିଖାଇ ଥକି ପଡ଼ିଥିବା ସେ ଶିଥିଳ ପାଦ ପାଖରେ । ନତୁବା ବୟସ ସହ ମୃତ୍ୟୁ ମାଡି ଆସୁଥିବା ସେ ମଣିଷଙ୍କ ପାଇଁ ସମୟ କାହିଁ କାହା ପାଖରେ ଏ ବସ୍ତୁବାଦୀ ସ୍ୱାର୍ଥପର ଦୁନିଆରେ ।

ସମୟ କ୍ରମେ ଛୁଆର ବୟସ ସହ ଆବଶ୍ୟକ ବଦଳି ଯାଏ, ଏମିତି କିଛି ଇଛା ଆସିଯାଏ ତାଙ୍କ ସମୁଖରେ, ଆଉ ସେ ପାରିବାରିକ ଶୃଙ୍ଖଳା ହେଉ, କିମ୍ବା ତାର ଭବିଷ୍ୟତ ଚିନ୍ତାରେ ହେଉ କିମ୍ଵା ଅକ୍ଷମତା ଦୃଷ୍ଟିରୁ ହେଉ ଯଦି ପୂରଣ କରି ପାରନ୍ତିନାହିଁ ତେବେ ତାଙ୍କୁ ଠିଆ ହେବାକୁ ପଡେ ଅନ୍ୟ କାହାର ଚିନ୍ତାଧାରା ସହ ନିକିତିର ପଲା ଭିତରେ ତଉଲି ହେବାପାଇଁ । ସିଏ କିନ୍ତୁ ଛୁଆ ର ସବୁ ଇଛା ପୂରଣ କରିବା ସମୟରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥାନ୍ତି ନିକିତି ଖୋଜନ୍ତିନି ଅନ୍ୟ ଛୁଆଙ୍କ ସହ ତଉଲି ଇଛା ସବୁ ପୂରଣ କରିବାପାଇଁ ।

ଏଭଳି କିଛି ସ୍ଥିତି ଉପୁଜିଲେ ତାଙ୍କୁ ବେଳେ ବେଳେ ଠିଆ ହେବାକକୁ ପଡେ ପ୍ରଶ୍ନର କାଠଗଡା ଭିତରେ । ସଂସ୍କାର କ'ଣ ଶିଖାଇ ନଥିଲେ ? ପ୍ରଶ୍ନ ର ଉତ୍ତର ଦେବାପାଇଁ।

ଆଉ ସେତେବେଳେ ଛୁଆ ପ୍ରତି ଥିବା ଭଲ ପାଇବା ଧିରେ ଧିରେ ସମାଜ ଆଗରେ ଠିଆ ହୁଏ ସଂସ୍କାର ଅଭାବ ର ରୂପନେଇ । ଆଉ ସେ ଛନ୍ଦି ହୋଇଯାଆନ୍ତି ସ୍ୱକୀୟ ପ୍ରଶ୍ନ ର ଜାଲରେ, ଛୁଆଟିର ଇଛା ପୂରଣ ହେଉଥିବା ସମୟରେ କ'ଣ ସେଇଟା ଶିକ୍ଷା ନଥିଲା ଅନ୍ୟ ଇଛାକୁ ପୂରଣ କରିବାକୁ କେତେ କଷ୍ଟ କରୁଛି ବା କିପରି ନିଜକୁ କଷ୍ଟ ଦେଇ ତା ମନରେ ଖୁସି ଦେଉଛନ୍ତି । ସେଇଟା କଣ ସଂସ୍କାର ନଥିଲା ? ମୋଠୁ ଆଗକୁ ଯାଉ ଆଉ ମୋ ଠାରୁ ଭଲରେ ରହୁ ବୋଲି ଯେଉଁ ଚିନ୍ତାଧାର ଥିଲା ସେଇଟା କଣ ଭଲ ଚିନ୍ତାଧାରା ନଥିଲା । ତେଣୁ ଭଲରେ ରଖିବା ଟା କ'ଣ ଭୁଲଥିଲା ?

ଯୁଗେ ଯୁଗେ ପରିଚିତ ବୟସ ଅନୁସାରେ ରୁଚି ପରିବର୍ତନ ପରି ଦିନ ପରେ ଦିନ ବଦଳି ଯାଏ ତାଙ୍କ ସ୍ଥାନ ଆଉ ଆବଶ୍ୟକ । ସେହି ସମୟରେ ଥକି ପଡ଼ିଥିବା ଶରୀରକୁ କିଛିଟା ଦମ୍ଭ ଦିଏ ମନ। ଚଳାଇ ନିଏ ଅନ୍ତ ପର୍ଯ୍ୟନ୍ତ ଏକ ଅଦୃଶ୍ୟ ଶକ୍ତି ହୋଇ । ଆଉ ଯେଉଁଠି ..... ମନ ରୂପକ ଆଶାବାଡିବି ଭାଙ୍ଗିଯାଏ......ସେଠି ତାଙ୍କୁ ବଞ୍ଚିବାକୁ ହୁଏ ଲୁହାଭିଜା ସେ ଝାପସା ଆଖି ର ସହ । ସେଯାହାହେଉନା କାହିଁ ସିଏ ଯେ ପରିବାରର ଚେର ସେକଥାକୁ ସେ କେବେ ଭୁଲନ୍ତିନି ସବୁ ସମସ୍ୟା ସତ୍ୱେ ଜାବୁଡି ଧରି ରଖିବାକୁ ପ୍ରୟାସ କରନ୍ତି ନିଜ ସାଖା, ପ୍ରଶାଖା ମାନଙ୍କୁ, ସେ ଜାଣିଛନ୍ତି ଶାଖା ଭାଙ୍ଗିଗଲେ ବି ଚେରର ମୃତ୍ୟୁ ହେବନାହିଁ ଖାଲି ଦୁଃଖ ଏତିକି ଅନ୍ୟ ପାଇଁ ବଞ୍ଚୁଥିବା ଲୋକଟି ନିଜେ ଏକା ବଞ୍ଚିବା ଭୁଲିଯାଇଥାଏ । ତଥାପି ଏତେ ଦରଦୀ ମଣିଷ ଜଣେ ଛଳ, କପଟ, ରାଗ, ରୋଶ କିଛି ନଥାଏ ତାଙ୍କ ହୃଦୟରେ । ତାଙ୍କ ସେ ଚଉଡା ଛାତି ସଂକୁଚି ଉଠେ, ନିରବତାରେ ଅପେକ୍ଷା କରିଥିବା 'ବାପା' ର ଡାକରେ।

ଜୀବନର ପ୍ରତିଟି କଷ୍ଟ ସମୟରେ ପାଟିରୁ ବାହାରି ପଡୁଥିବା ଉଚ୍ଚାରଣ ସିଏ । ବିନା ସ୍ୱାର୍ଥ ରେ ଭଲ ପାଉଥିବା ମଣିଷଟିଏ, ସେ ଆଉକେହି ନୁହେଁ, କେବଳ ଜଣେ 'ବାପା' ହିଁ ହୋଇପାରନ୍ତି।

+ଭୁବନେଶ୍ୱର

# ବାର୍ଡ ଚଢେଇ



## ସୁନନ୍ଦା ମହାନ୍ତି

ଛାତ ଉପରେ ରାସ୍ତା ପଟକୁ ଦୁଇଧାଡ଼ି ଫୁଲକୁଣ୍ଡ। ଦୁଇପଟେ ଦୁଇ ଷ୍ଟିଲ ଡାଲରେ ପାଣି ରଖିଦିଅନ୍ତି ଲିପି। ସବୁଦିନର ଅଭ୍ୟାସ ଏଇଟା। ତୁଳସୀ ଚଉରା ମୂଳେ ବୃନ୍ଦାବତୀଙ୍କୁ ପାଣି ଦେବା ସହ ସୂର୍ଯ୍ୟନାରାୟଣଙ୍କୁ ଜଳ ଅର୍ଘ୍ୟ ଦେବା ପରେ ପରେ ଫୁଲଗଛରେ ପାଣି ଦେବା ବେଳେ ଡାଲ ଦୁଇଟି ପୂର୍ଣ୍ଣ କରିବାକୁ ଭୁଲନ୍ତି ନାହିଁ ଲିପି। ଚାରିଟା ପରେ ଛାତ ଉପରକୁ ଆସିଲେ, ଦେଖନ୍ତି କେବେ କୋଉ ଚଢ଼େଇ ପାଣି ପିଉଥିବେ ଡାଲରୁ ତ ଲୁଚି ଯାଆନ୍ତି ଲିପି। ମଣିଷର ଗନ୍ଧ ବାଜିଲେ ପାଣି ନପିଇବେ ପଛକେ ଅବିଶ୍ୱାସୀ ଚଢ଼େଇ ଉଡ଼ିଯିବେ। ମନ ଖରାପ ହୁଏ। କାଉ କିନ୍ତୁ ପିଏ ମନଭରି ପାଣି। ଉଡିଯାଏ ଡେଣା ଫଡଫଡ କରି, ମନେପଡ଼େ ପିଲାଦିନେ ଶୁଣିଥିବା ଚତୁର କୁଆ ଗଳ୍ପ। ପାଣି ସରିଯାଇଥିବାରୁ, ଛୋଟ ଗୋଡି ସବୁ ପକାଇ ତୃଷା ନିବାରଣ କରୁଥିବା କାଉ କଥା। ଏଠି କିନ୍ତୁ ସବୁ ଋତୁରେ ଲିପି ଡାଲ ଭରି କରି ରଖିଥାନ୍ତି ଚଢ଼େଇ ମାନଙ୍କ ପାଇଁ। ପୋଡ଼ାମୁହାଁ ହନୁମାଙ୍କଡ ଓ ପାତିମାଙ୍କଡ ଆସିଲେ ଡାଳି ଦେଇଥାନ୍ତି ପାଣି। ତାଙ୍କପାଇଁ ଯଦିଓ ବାଲ୍ଟି ଭର୍ତ୍ତି ପାଣି ଥାଏ, ସବୁ ଋତୁରେ।



ଏବେ ଶୀତୁଆ ଦିନ, ଲିପି ଦେଖନ୍ତି ବାର୍ଡ ଚଢ଼େଇ ଦୁଇଟି ଆସି ପାଣି ଡାଲ ପାଖେ ବସନ୍ତି, ଏଣିକି ତେଣିକି ଚାହିଁ ଲିପିଙ୍କ ଉପସ୍ଥିତିର ସୁରାକ ପାଆନ୍ତି କି କଣ ପାଣି ନପିଇ ଉଡ଼ିଯାନ୍ତି। ମନ ଖରାପ ହୁଏ ଲିପିଙ୍କର। ପକ୍ଷୀ ଦୁଇଟି ଯିଏ ଯାହା ବାଟରେ ଆସି, ପାଣି ନପିଇ ଫେରିଯିବା ଅଶୁଭଙ୍କର ବୋଲି ମନେହୁଏ ଲିପିଙ୍କର । ପିଲାମାନେ ଛୋଟ ଥିଲାବେଳେ, ଏହି ଜାତୀୟ ଏମିତି ପକ୍ଷୀକୁ ଦେଖେଇ ପୁଅ ଝିଅଙ୍କୁ ଖୁଆଇଲା ବେଳେ କହନ୍ତି ଦେଖ ଦେଖ ବାର୍ଡ। ତ ଟିକେ ବଡ ହେବା ପରେ ଚଢେଇ ଶବ୍ଦଟିକୁ କହି ଶିଖି ଜାଣିଲା ପରେ, ସେ ଦୁହେଁ ଏହିପରି ଚଢେଇ ଦେଖିଲେ କହନ୍ତି ବାର୍ଡ ଚଢେଇ କାରଣ ମାଆ ଲିପି ନାମ ଜାଣିନଥିବା ଏହି ପକ୍ଷୀର ଇଂରାଜୀ ଶବ୍ଦ ବାର୍ଡ ବୋଲି କହିଥାନ୍ତି ତ ପିଲାଦୁହେଁ ଏହି ପକ୍ଷୀର ନାମ ବାର୍ଡ ବୋଲି ହିଁ ଜାଣିଥାନ୍ତି, ଯାହା ଏଯାଏଁ ଲିପି ସେହି ବାର୍ଡ ଚଢେଇ ବୋଲି କହନ୍ତି ପିଲାଙ୍କଠୁ ଶିଖି ଶିଖି, ମୋ ବିଲ୍ଲୀ ମତେ ମ୍ୟାୟୁଁ ପରି।

ଆଜି ଶୀତୁଆ ଦିନ ଲେଉଟାଣି ବେଳେ ବସିଥାନ୍ତି ଲିପି ଛାତ ଉପରେ ଚେୟାର ପକେଇ, ଦେଖିଲେ ବାର୍ଡ ଚଢେଇଟିଏ ଉଡ଼ିଆସି ଡାଲ ଉପରେ ବସି ଏଣିକି ତେଣିକି ଚାହିଁଲା ତ ଲିପି କାଠଗଡ ସଦୃଶ ହଲଚଲ ନହୋଇ ବସିରହିଲେ। ପକ୍ଷୀଟି ଥରକୁ ଥର ଥଣ୍ଟ ବୁଡେଇ ପାଣି ପିଉ ଥାଏ ଓ ଚତୁର୍ଦ୍ଦିଗକୁ ଅନୁସନ୍ଧାନ କରିବାକୁ ଲାଗିଥାଏ ତ ଲିପି ଗଡ ରୁ ଜଡ ହୋଇ ଯାଉଥିବା ଭିତରେ ଆଉ ଗୋଟାଏ ଠିକ୍ ସେହିଭଳି ପକ୍ଷୀ ମାନେ ବାର୍ଡ ଚଢେଇ ଆସି ପହଞ୍ଚିଲା। ତାକୁ ଦେଖି ପ୍ରଥମ ବାର୍ଡ ଚଢ଼େଇ ଡେଣା ଫୁଲେଇ ଥଣ୍ଟ ମେଲାଇ ଘଉଡାଇବାକୁ ବସିଲା। ଦ୍ୱିତୀୟ ପକ୍ଷୀ ଟି ଅପେକ୍ଷା କଲା । ପ୍ରଥମଟି ଉଡି ଗଲାପରେ ସେ ଡାଳରେ ଥଣ୍ଟ ବୁଡେଇଛି କି ନାହିଁ ଲିପିଙ୍କ ଫୋନ ବାଜି ଉଠିଲା। ଝିଅ ତାଙ୍କର କହୁଥିଲା ମାଆ ତୋ ନାତୁଣୀକୁ ନେଇ ତୋ ଜୋଇଁଙ୍କ ସହ ଛୁଟିରେ ଘରକୁ ଯିବାର ଅଛି। ଆମ ଛାତ ଉପରକୁ ବାର୍ଡ ଚଢେଇ ଆସୁଛନ୍ତି ନା ନାହିଁ? ତାଙ୍କୁ ସବୁ ଦେଖି ମୋ ଝିଅ, ତା ଖାଦ୍ୟ ଖାଇ ଖାଇଦେବ, ଯେମିତି ମୁଁ ଖାଉଥିଲି, ପିଲାଦିନେ। ଲିପି ଚାହିଁଲେ, ଉଡ଼ିଗଲାଣି ବାର୍ଡ ଚଢେଇ। କହିଲେ ହଁ ହଁ କେତେ ବାର୍ଡ ଚଢେଇ ଏଠି। ନାତୁଣୀ ଆସିଲେ ଗୋଟେ ଧରିନେବା। ଲିପିଙ୍କ ଝିଅ ହସି ହସି ପଚାରୁଥିଲା ପ୍ରକୃତରେ ଚଢ଼େଇଟା ନାମ କଣ ମାଆ? ଲିପି କହୁଥିଲେ କେଜାଣି ବୋବାଇଲା ବେଳେ କହେ କଂଟୀ କଂଟୀ, ଯେମିତି କୋଇଲି କହେ କୁଉ କୁଉ। ଝିଅ ତାଙ୍କର ହସୁଥିଲା ମନଭରି, ଆଉ କହୁଥିଲା, ସେମାନେ ତାଙ୍କ ଭାଷା କହୁଛନ୍ତି ବୋଲି କେତେ ସ୍ୱାଧୀନ ସତରେ!

+ସାକ୍ଷୀଗୋପାଳ, ପୁରୀ, ମୋ: ୭୦୦୮୯୪୨୨୧୫

# ଅଭାବ ବି ସୁନ୍ଦର

## ଶ୍ୱେତା ରାଉତ୍

ମଣିଷ କିଛି ଆଶା କରିବା, ଇଚ୍ଛା କରିବା, ଚାହିଁବା ଆଦୌ ଖରାପ ନୁହେଁ। ଏହା ତାର ଅଧିକାର ଓ ସ୍ୱତନ୍ତ୍ର ଆଗ୍ରହ, କିନ୍ତୁ ଇଚ୍ଛା ଯେତେବେଳେ ମୋହ ପାଲଟିଯାଏ, ସେତେବେଳେ ମନରେ ବିକାର ସୃଷ୍ଟି ହୁଏ। ଇଚ୍ଛାକୁ ପୂରଣ କରିବା ପାଇଁ ମଣିଷ ପ୍ରାଣପଣେ ଚେଷ୍ଟା କରେ ଏବଂ ପୂରଣ ନହେଲେ ଦୁଃଖ, ରାଗ, କ୍ରୋଧ, ଅସହାୟପଣ, ଅଶାନ୍ତି ଦ୍ୱାରା ଆକ୍ରାନ୍ତ ହୁଏ। କେତେବେଳେ ଅନେକଙ୍କ କ୍ଷତି କରିପକାଏ ତ କେତେବେଳେ ନିଜର କ୍ଷତି କରିଦିଏ। ମଣିଷ ସବୁବେଳେ ଚେଷ୍ଟାରେ ଥାଏ ନିଜକୁ ଶ୍ରେଷ୍ଠ ସ୍ଥାନରେ ଦେଖିବା ପାଇଁ। ସେଥିପାଇଁ ସେ ଉଚ୍ଚଶିକ୍ଷିତ ହୁଏ,ଧନୀ ହୁଏ, ଜ୍ଞାନୀ ହୁଏ, ପରାକ୍ରମୀ ହୁଏ ଏବଂ ସମସ୍ତଙ୍କୁ ନିଜ ଅଧୀନରେ ରଖିବାକୁ ଆନନ୍ଦ ପାଏ। ତେବେ ଆମେ ସମସ୍ତଙ୍କୁ ନିଜ ଅଧୀନରେ ରଖିବାକୁ ଖୁସି ହୁଅନ୍ତି ହେଲେ ଆମ ମନକୁ ଆମ ଅଧୀନରେ ରଖି ପାରନ୍ତିନାହିଁ।

ଆମେ ଶିକ୍ଷକ ଭାବେ ଛାତ୍ରଙ୍କୁ ଶୃଙ୍ଖଳିତ ବା ଶିକ୍ଷିତ କରିଥାନ୍ତି, ପିଲାଙ୍କୁ ସଂସ୍କାର ଶିଖାଇଥାନ୍ତି, ବୋହୂକୁ ସଣ୍ଢଣା ଶିଖାନ୍ତି, ଗୃହପାଳିତ ପଶୁଙ୍କୁ ବୋଲମାନିବା ଶିଖାନ୍ତି, ଗାଡ଼ି ଚଲେଇବାବେଳେ କ୍ଲଚକୁ ନିଜ ଅଧୀନରେ ରଖିଥାନ୍ତି, କାଳେ ଦୁର୍ଘଟଣା ଘଟିଯିବ! ଗାଡ଼ି ସାମ୍ନାକୁ କେହି ଆସିଗଲେ ଆମେ ବ୍ରେକ୍ ମାରି ଦିଅନ୍ତି। କିନ୍ତୁ ଆମ ମନକୁ ନିୟନ୍ତ୍ରଣରେ ରଖିପାରନ୍ତି ନାହିଁ। ଅତ୍ୟଧିକ ଆକାଂକ୍ଷାରେ ବ୍ରେକ ଲଗାଇ ପାରନ୍ତିନାହିଁ, ଯାହା ଅନେକ ସମ୍ପର୍କ ପାଇଁ କ୍ଷତିକାରକ ହୋଇଥାଏ।

ମନକୁ ବ୍ରେକ ଲଗାଇବା ଆମ ଅଭ୍ୟାସ ଓ ଆଗ୍ରହର ଏକ ସୁରକ୍ଷାକବଚ। ଆମକୁ ଗୋଟେ ବଡ ବଙ୍ଗଳା ଭଲ ଲାଗୁଛି। ବହୁତ ଇଚ୍ଛା ଅଛି ମୋର ଏମିତି ଘରଟିଏ ହୁଅନ୍ତକି! କିନ୍ତୁ ସାଧନ ନାହିଁ। ଇଚ୍ଛା ତ ଆକାଶରେ ଉଡିବାକୁ ଚାହେଁ, କିନ୍ତୁ ସବୁ ଇଚ୍ଛା ପାଇଁ ଡେଣା ନଥାଏ। ଏହା ଆମର ପ୍ରାରବ୍ଧ ଓ ଆମ ପାଇଁ ଈଶ୍ୱର ସେତିକି ରଖିଛନ୍ତି, ଯେତିକି ଆମେ ଆମ କର୍ମ ଦ୍ୱାରା ଅର୍ଜନ କରିଛନ୍ତି। ମୋର ମାଣେ କି ଗୁଣ୍ଠେ ଜମି ଅଛି, ମୁଁ ସେତକରେ ଫସଲ କରିବା ଉଚିତ୍, କାହାର ଛ'ମାଣ ଦେଖି ଦଖଲ କରିବାକୁ ଇଚ୍ଛା କଲେ ହଣାକଟା ହେବାଟା ଥୟ। ତେଣୁ ମନର ଶିକ୍ଷକ ହୋଇ ଆମକୁ ଆମ ମନକୁ ଶିଖାଇବାକୁ ପଡିବ, ଲଗାମ ଲଗାଇବାକୁ ପଡିବ ଏବଂ ଇଚ୍ଛା ପୂର୍ତ୍ତି କରିବାକୁ ହେଲେ ସେ ଦିଗରେ ପ୍ରଯତ୍ନ ହୋଇ ପରିଶ୍ରମ କରିବାକୁ ପଡ଼ିବ। ତଥାପି ଯଦି ଆମର ଇଚ୍ଛା ପୂରଣ ନହେଲା ବ୍ୟସ୍ତ ହେବାର ନାହିଁ, ଅନ୍ତତଃ ଆତ୍ମ ସନ୍ତୋଷଟିଏ ତ ନିଜ ପାଖରେ ରହିବ ଯେ ଆମେ ସଫଳତା ପାଇବାକୁ ଚେଷ୍ଟା କରିଛନ୍ତି।

ଜୀବନ ବହୁତ ସୁନ୍ଦର ଏବଂ ଈଶ୍ୱର ସମସ୍ତଙ୍କୁ ସବୁକିଛି ଦେଇନଥାନ୍ତି। ମଣିଷ ପାଖରେ ଯେଉଁ ଅପୂର୍ଣ୍ଣତା ଟିକକ ଥାଏ, ତାକୁ ପୂର୍ଣ୍ଣ କରିବାର ପ୍ରୟାସର ନାଁ ହିଁ ତ ଜୀବନ। ସେଥିପାଇଁ ତ ସେ ଈଶ୍ୱରଙ୍କୁ ଡାକିଥାଏ।

କିଏ ଭଲ ଗୀତ ଗାଉଥିବ କିନ୍ତୁ ଅନ୍ଧ ହୋଇଥିବ। କାହାର ଅପର୍ଯ୍ୟାପ୍ତ ସମ୍ପତ୍ତି ଥିବ କିନ୍ତୁ

## ସମ୍ପର୍କର ଗନ୍ଧ



ଉତ୍ତରାଧିକାରୀ ନଥିବ, କାହାର ସୁନ୍ଦର ସ୍ତ୍ରୀ ଥିବ ହେଲେ ତାର ସ୍ୱଭାବ କର୍କଶ ହୋଇଥିବ, କାହା ସ୍ୱାମୀ କୋଟିପତି ହୋଇଥିବା ଅଥଚ ସ୍ତ୍ରୀ ସହିତ ପଦଟିଏ କଥା ହେବାକୁ ବି ସମୟ ଦେଉନଥିବ। କାହା ପାଖରେ ଧନ, ମାନ-ସମ୍ମାନ, ଯଶ-ଖ୍ୟାତି ସବୁ ଥିବ, କିନ୍ତୁ ପିଲା ଉଶୃଙ୍ଖଳିତ ହୋଇଥିବେ, ପତ୍ନୀ ଏତେ କଳେଇ ହୋଇଥିବେ ଯେ କୁଆଡେ ସାଥିରେ ନେଇ ଯାଇ ପାରୁନଥିବେ। କାହାର ପିଲା ଉଚ୍ଚଶିକ୍ଷିତ ହୋଇ ବିଦେଶରେ ଖୁବ୍ ନାଁ କରୁଥିବେ, ଅଥଚ ବାପା, ମାଆଙ୍କୁ ପଚାରୁନଥିବେ। କାହାର ରୂପ ଥିଲେ ଗୁଣ ନଥିବ,କାହାର ଗୁଣ ଥିଲେ ରୂପ ନଥିବ,କାହାର ଧନ ଥିବ ମାନ ନଥିବ, କାହାର ମାନ ଥିବ ଧନ ନଥିବ। ଏହି ଛୋଟ ଛୋଟ ଅପୂର୍ଣ୍ଣତାକୁ ପୂର୍ଣ୍ଣ କରିବାର ପ୍ରୟାସ ହିଁ ଜୀବନ। ତେଣୁ ଅଭାବ ବା ଅପୂର୍ତ୍ତିକୁ ଡରନ୍ତୁ ନାହିଁ। ଅଭାବ ବି ସବୁବେଳେ ସୁନ୍ଦର। ଏ ଅଭାବ ହିଁ ଈଶ୍ୱରଙ୍କ ପ୍ରତି ଭାବ ବଢାଇଥାଏ। ଆମକୁ ନିୟନ୍ତ୍ରଣରେ ରଖିଥାଏ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆଜିର କବିତା

## ପରଳ

### ସୁମିତା ବେହେରା



ମେଘ ଯେଉଁଠି ମଥାନ ଛୁଇଁ
ଅବିଶ୍ୱସ୍ତ ଢଙ୍ଗରେ ଉପଦ୍ରବ କରେ
ବାଆ କହେ ସମ୍ଭାଳିନେ ନିଜକୁ
ସେଇ ଘରଟି ପାହାଡୀ କନ୍ୟା ମଞ୍ଜୁଳା ର
ଖସି ପଡିଛି କି ସେଠାରେ ଜହ୍ନର ପଦଚିହ୍ନ ଗଲା
ରାତିର ।

ଦିଶୁନାହିଁ ଅନାବୃତ ଭୋକ, ଶୋଷ,ଶୋକର
ହାହାକାର ।
ନିରାପଦ ଦୂରତ୍ୱରେ ତା ଏକଲାପଣ
ଜଳିଯାଇଛି ବୋଧହୁଏ ତା ଅବସାଦର ଦିନ
ମୁହଁ ଲୁଚାଇଛି ତା ଭିତରେ ଗୁମ୍ଫିତ କାରୁଣ୍ୟ ।

ଆହା କି ଭଲଦିନ ତା ଭାଗ୍ୟରେ
ପାଲଟିଲା ତା ଗରିବ କୁଡିଆ
ସଂଗ୍ରାମର
ବିଗୁଲ ବଜାଇବା ଭୂମିକାରେ
ବିଭାଜକ ରେଖା ସାଜି ପଲପଲ
ବିକୃତ ଶ୍ୱାନ ଶୃଗାଳଙ୍କ ଭିତରେ ।
ଯୁଦ୍ଧ ହେବ
ଅରି ମରିବ
ବାକ୍ୟ ଅସ୍ତ୍ରରେ
ପ୍ରଚାରର ଭାଇରସ୍ ଭୋକ
ତା ଘରଠାରୁ ଦାର୍ଶନୀକତାର ଠାଣିରେ
ଆଗକୁ ଯିବ
ହଲପ କରି କହିବ
ଅପେକ୍ଷାର ଦିନ ଶୀଘ୍ର ଫେରିବ ।
ଏଇ କଣ ତୋର ଭଲଦିନ ମଞ୍ଜୁଳା ??

ସେ ବୁଝିପାରେ
ତା ଘର ଶାଗପଖାଳ ତୋରାଣିର ଢୋକ
କତରାରେ ପଡି କଡ ଲେଉଟେଉଥିବା
ବାପା ବୋଲି ଆପଣାର ଲୋକ
ହାତ ଉଧାରି
ଦୀର୍ଘ ବର୍ଷ ଧରି
ଆବେଗସିକ୍ତ ଭାବେ ଆପଣାର ।
ଏ ଦିନ କେବେ ଯିବ
କିଏ ବା ଦେବ ତାର ଉଚିତ ଉତ୍ତର ??
ସେମାନେ ଆସନ୍ତି ଫି ଥର
ପ୍ରତିବଦ୍ଧତାର ଅଭିନୟରେ
ଚାଲିଯାଆନ୍ତି ବି କେବଳ ଆଗକୁ ଆଗକୁ
ଏତେ ଦୂରକୁ ଯେ
ସେଠାରୁ କିଛି ଦେଖାଯାଏ ନାହିଁ ।

ବାରିପଦା ,ମୟୂରଭଞ୍ଜ

## ହଜିଗଲା ସବୁ କିଛି

### ପୁଷ୍ପାଞ୍ଜଳି ମିଶ୍ର



ଥୁଣ୍ଟା ବରଗଛଟିଏ ମୁଁ
ତିଥି ବାର ସବୁ ମୋର ସରିଗଲାଣି
ସବୁ ଥାଇ ଆଜି ଆଉ କିଛି ନାହିଁ ମୋର
ପରିତ୍ୟକ୍ତ ମୁଁ ଏଇ ଦୁନିଆଁର ଯନ୍ତ୍ରଣା ସାଗରେ ବୁଡ଼ି
ଭାସୁଛି ଯା ଖାଲି ତାଳପତ୍ର ନାହିଁ କି
ଇଛା ଆଶା ନାହିଁ ବଂଚିବାର
ତିଥି ମୋର ସବୁ ସରି ଗଲାଣି
ସବୁ ସ୍ନେହ ବନ୍ଧନକୁ ତୁଟେଇ ଚାଲିଗଲେଣି
ପଡିଛି ଯାହା ଖାଲି ଏକା, ବତାସରେ ଭାଙ୍ଗି ଗଲା ନୀଡ
ତିଥି ଯାହା ଖାଲି ଥିଲା ମୋର ଜନମ ଜାତକରୁ
ସବୁ ହଜି ଗଲା, ପର କରି ଚାଲିଗଲେ
ନିର୍ଲିପ୍ତ ମୁଁ ଆଜି ଅନାସକ୍ତ
ଆଗ୍ରହ ମୋ ନାହିଁ କେଉଁଥିରେ
ଶକ୍ତି ବିହିନ ଅଲୋଡା ମୁଁ ବିଧାତା କଲା ମୋତେ ବାମ
ଆସିଛି ଏକା ଯିବି ଏକା
କେହି ନ ଯିବେ ମୋ ସଙ୍ଗତେ
ତିଥି ମୋର ହଜିଗଲା ଜାତକ ମୋ ଚିରିଗଲା
ମିଛ ସଂସାରେ ମିଛ ସବୁ ଖାଲି ଯାହା ଭାବପ୍ରବଣତା
ମାନ ଅଭିମାନ ସବୁ
ଆଉ କିଛି ଲୋଡ଼ା ନାହିଁ

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ, ଯାଜପୁର
ମୋ: ୯୫୫୬୬୪୩୯୨୧

# କୃଷି ଓ କୃଷକଙ୍କୁ ନେଇ ହୋଇଥିବା ବିକାଶର ଚିତ୍ର ଆକଳନ ନେଇ ଏଗ୍ରି ଏଗ୍ରିଗେଟର୍ସ ବୈଠକ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଚାଷୀ ବିକ୍ରୟ କରୁଥିବା ଉତ୍ପାଦର ମୂଲ୍ୟ ଏବଂ ତାହାର ବଜାର ଦର ମଧ୍ୟରେ ମଧ୍ୟସ୍ଥତା ହଟାଯାଇ ପାରିଲେ ଚାଷୀର ଆୟ ବୃଦ୍ଧି ହୋଇପାରିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ପ୍ରଥମ ଥର ପାଇଁ ରାଜ୍ୟରେ ଏଗ୍ରି-କନ୍‌କ୍ଲେଭ୍ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥାଗୁଡ଼ିକର କନ୍‌କ୍ଲେଭ୍ ଆୟୋଜନ କରିଥିଲେ। ଚାଷୀମାନଙ୍କ ଖାଦ୍ୟଶୃଙ୍ଖଳରେ ରହିଥିବା ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରି ତା'ର ନୂତନ ପଥ ବାଛିବା ନିମନ୍ତେ ଏସବୁ କନ୍‌କ୍ଲେଭ୍ ଉପଯୁକ୍ତ ମଂଚ ପ୍ରଦାନ କରିଥିଲା । ବିଗତ ବର୍ଷଗୁଡ଼ିକରେ କୃଷି ଓ କୃଷକଙ୍କୁ ନେଇ ହୋଇଥିବା ବିକାଶର ଚିତ୍ର ଆକଳନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଧାସଳଖ ଚାଷୀଙ୍କଠାରୁ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ଗୁଡ଼ିକ ନିମନ୍ତେ କୃଷି ଉତ୍ପାଦ କ୍ରୟ କରୁଥିବା କୃଷି ଉଦ୍ୟୋଗୀମାନେ ୧୫ଟି ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥା ସହ ସହବନ୍ଧନ କରିଛନ୍ତି । ବିଭିନ୍ନ ପେଶା, ବୟସ, ଶିକ୍ଷାଗତ ଯୋଗ୍ୟତା, ସ୍ଥାନ ଏବଂ କାର୍ଯ୍ୟର ପରିସର ନେଇ ଏହି କୃଷି ଉଦ୍ୟୋଗୀମାନଙ୍କ ମଧ୍ୟରେ ବିବିଧତା ପରିଲକ୍ଷିତ ହୋଇଥିଲା। ଏହି ଉଦ୍ୟୋଗୀ ଦଳରେ ବିଗ୍ ବାସ୍କେଟ, ଡିହାଟ୍, କଜାନନ୍ ଆଗ୍ରୋ ପ୍ରା. ଲିଃ, ଏକ୍‌ଓ୍ୱାର୍କ୍ସ ସିନରଜେଷ୍ଟିକ୍ ଆଗ୍ରିବିଜ୍ ନେସ୍ ନେଟ୍ ଓ୍ୱାର୍କସ୍ ପ୍ରା. ଲିଃ., ଫେଲିସ୍ ଲିଓ ଭେଂଚର୍ସ ପ୍ରା. ଲିଃ. ଏବଂ ଓରିଜିନ୍ସ, ମୟୂରଭଞ୍ଜ ଗ୍ରାଣ୍ଡ ପ୍ରା. ଲିଃ, ଆଗ୍ରିଲିଙ୍କ୍ ଫୁଡ୍ ପ୍ରସେସିଂ ପ୍ରା. ଲିଃ., ଏକେଏମ୍ ଆଗ୍ରୋ ପ୍ରସେସିଂ ପ୍ରା. ଲିଃ., ରିଲେଂଟନେସ୍ ଫୁଡସ୍ ପ୍ରା. ଲିଃ, ପ୍ରଣାମଫରୟୁ ଭେଞ୍ଚର୍ସ ପ୍ରା. ଲିଃ., ଭିଲ୍ଲା ମାର୍ଟ, ଆଗ୍ରିସୋଲ୍ ଅର୍ଗାନିକ୍ସ, ମହାଲକ୍ଷ୍ମୀ ଟ୍ରେଡିଂ ପରି ଓଡ଼ିଶାର ଷ୍ଟାର୍ଟଅପ୍‌ମାନେ ରହିଛନ୍ତି। ଖୋର୍ଦ୍ଧା ଓ କଟକ ସହ କୋରାପୁଟ, ଢେଙ୍କାନାଳ, କନ୍ଧମାଳ, ମୟୂରଭଞ୍ଜ ଆଦି ଜିଲ୍ଲାର ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥା ସହ ଏହି ଉଦ୍ୟୋଗୀମାନେ ସହବନ୍ଧନ କରିଛନ୍ତି । ଏହି ସଂସ୍ଥାଗୁଡ଼ିକ ମାଣ୍ଡିଆ, ମହୁ, ଲେମନ୍‌ଗ୍ରାସ୍, ମୋରିଙ୍ଗାଠାରୁ ଆରମ୍ଭ କରି କାଜୁବାଦାମ ଓ ଧାନ ପର୍ଯ୍ୟନ୍ତ ବିଭିନ୍ନ ଶସ୍ୟର ସଂଗ୍ରହଣ କରିବେ। ଅଣଧାନ ଉତ୍ପାଦ ମଧ୍ୟରେ ଲେମନ୍ ଗ୍ରାସ୍ ଚାଷ କରାଯାଇ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ମଧ୍ୟ ରୂପାନ୍ତରଣ ସମ୍ଭବ ବୋଲି ବୈଠକରେ ପ୍ରକାଶ କରାଯାଇଥିଲା। ରୂପାନ୍ତରଣର ଯାତ୍ରାରେ ବିକାଶର ଅନେକ ସୁଯୋଗ ରହିଛି । ସେସବୁରେ ପ୍ରାଥମିକ ପ୍ରକ୍ରିୟାକରଣ, ପ୍ୟାକେଜିଂ ଏବଂ ମାନ ନିୟନ୍ତ୍ରଣର ଆବଶ୍ୟକତା ରହିଛି। ଅନ୍ୟଟି ହେଲା ସହବନ୍ଧନର ନିୟମ, ଲାଭ ସମ୍ବନ୍ଧରେ ସଚେତନତା ଏବଂ ପେଶାଦାର ପରିଚାଳନା। ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥା, ଚାଷୀ ଏବଂ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ବଳବତର ରହିଲେ ଚାଷୀଙ୍କ ଆୟକୁ ବୃଦ୍ଧି କରାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ରଖିଥିଲେ।

# ଯୋଜନାର ବ୍ୟୟବରାଦି ଅର୍ଥକୁ ଆର୍ଥିକ ବର୍ଷ ଶେଷ ପୂର୍ବରୁ ଖର୍ଚ୍ଚ କରିବାକୁ କୃଷି ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): କୃଷି ବିଭାଗର ବିଭିନ୍ନ ଯୋଜନାରେ ବ୍ୟୟବରାଦି ଅର୍ଥକୁ ଆର୍ଥିକ ବର୍ଷ ଶେଷ ପୂର୍ବରୁ ଠିକଣା ଭାବରେ ଖର୍ଚ୍ଚ କରି ଯୋଜନାର ସୁଫଳ ଚାଷୀମାନଙ୍କ ନିକଟରେ ପହଂଚାଇବାକୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭିନ୍ନ ଯୋଜନାର ଅଗ୍ରଗତି ଏବଂ ବଜେଟ୍‌ରେ ହୋଇଥିବା ଅର୍ଥ ବ୍ୟବସ୍ଥାର ଖର୍ଚ୍ଚ ସଂପର୍କରେ ସମୀକ୍ଷା କରିବା ଅବସରରେ କହିଥିଲେ ଯେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟୟବରାଦି ଯେପରି ସଠିକ ଭାବେ ଓ ସମୟ ଅନୁସାରେ ଖର୍ଚ୍ଚ ହୋଇପାରିଲେ ଯୋଜନାର ଲକ୍ଷ୍ୟ ହାସଲ ହୋଇପାରିବ। ଏଥି ସହିତ ଚାଷୀମାନଙ୍କୁ ଆବଶ୍ୟକ ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି ଆଦି ଠିକଣା ସମୟରେ ଯୋଗାଇଦେଇ କୃଷି ଉତ୍ପାଦନ ବୃଦ୍ଧି ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିବା ସହ ଅଧିକାରୀମାନେ କ୍ଷେତ୍ରସ୍ତରରେ ଅଧିକ ତତ୍ପର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିହନ, ସାର, କୀଟନାଶକ ଯୋଗାଣ, ମୃତିକା ସ୍ୱାସ୍ଥ୍ୟ କାର୍ଡ, ସମନ୍ୱିତ କୃଷି ପଦ୍ଧତି (ବ୍ୟକ୍ତିଗତ ଓ ଗୋଷ୍ଠୀଗତ), କୃଷି ଯନ୍ତ୍ରପାତିର ବିକ୍ରିବଟା, ଜଳନିଧି ଓ ସୌର ଜଳନିଧି, ଗଭୀର ନଳକୂପ ଖନନ ଇତ୍ୟାଦି ଯୋଜନାର ଆର୍ଥିକ ବ୍ୟୟବରାଦି ଓ ଅଦ୍ୟାବଧି ହୋଇଥିବା ଖର୍ଚ୍ଚର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ସମନ୍ୱିତ କୃଷି ମାଧ୍ୟମରେ କୃଷକମାନଙ୍କର ଆୟବୃଦ୍ଧି ହାସଲ ହୋଇପାରୁଥିବା ଦୃଷ୍ଟିରୁ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜଳସେଚନ ନିମନ୍ତେ ଗଭୀର ନଳକୂପ ଖନନ, ଜଳନିଧି ଓ ସୌର ଜଳନିଧି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଅଣଧାନ ଫସଲ, ଡାଲି, ତୈଳବୀଜ, କପା, ଝୋଟ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷକୁ ପ୍ରୋତ୍ସାହିତ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଥିଲେ । ବୈଠକରେ କୃଷି ଯନ୍ତ୍ରପାତିର ବ୍ୟବହାର ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀମାନଙ୍କୁ ଦିଆଯାଉଥିବା ସବ୍‌ସିଡି ଅର୍ଥର ଅଗ୍ରଗତି ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିବା ସହିତ ବିଭିନ୍ନ ଯୋଜନାରେ ଚାଷୀମାନଙ୍କୁ ଦିଆଯାଉଥିବା ରିହାତି ଅର୍ଥ ତୁରନ୍ତ ଯେପରି ସିଧାସଳଖ ଚାଷୀମାନଙ୍କ ନିକଟରେ ପହଂଚିପାରିବ ସେଥି ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଫସଲର ବିବିଧିକରଣ, ଜନଜାତି ଅଧ୍ୟୁଷିତ ଅଂଚଳରେ ସମନ୍ୱିତ କୃଷି ଓ ମାଣ୍ଡିଆ ଚାଷର ପ୍ରସାର, ଭୂତଳ ଜଳ ଉତ୍ସର ସଦୁପଯୋଗ, ନିୟମିତ ମୃତିକା ସ୍ୱାସ୍ଥ୍ୟ ପରୀକ୍ଷା, କୃଷି ତଥ୍ୟର ଡିଜିଟାଇଜେସନ୍ ଆଦି ଉପରେ ବିସ୍ତୃତ ଭାବରେ ସମୀକ୍ଷା କରାଯାଇଥିଲା।

ବୈଠକ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଏବଂ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ସପ୍ତାହକରେ ୨୨୨ ଅବକାରୀ ମାମଲା ରୁଜୁ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଚଳିତ ଡିସେମ୍ବର ୬ ତାରିଖଠାରୁ ୧୨ତାରିଖ ପର୍ଯ୍ୟନ୍ତ ନକଲିମଦ, ଗଞ୍ଜେଇ, ହେରୋଇନ ଚୋରା କାରବାର ବିରୋଧରେ ଚଳାଯାଇଥିବା ଏକ ସ୍ୱତନ୍ତ୍ର ଚଢାଉ ଅଭିଯାନରେ ରେକର୍ଡ ସଂଖ୍ୟକ ମୋକଦ୍ଦମା ରୁଜୁ କରାଯାଇଛି । ଏହି ଚଢଉରେ ସମୁଦାୟ ୨୨୨ଗୋଟି ମୋକଦ୍ଦମା ରୁଜୁ କରାଯାଇଥିବାବେଳେ ୨୩୦ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅବକାରୀ କମିଶନର ଆଶିଷ କୁମାର ସିଂହଙ୍କ ନିର୍ଦ୍ଦେଶରେ ଚଳାଯାଇଥିବା ଏହି ସ୍ୱତନ୍ତ୍ର ଅଭିଯାନରେ ୮୦ଲିଟର ନକଲି ଦେଶୀ ମଦ, ୩୧୧ଲିଟର ଅପମିଶ୍ରିତ ମଦ, ୧୮୪୧ଲିଟର ନକଲି ବିଦେଶୀମଦ, ୨୪୧ଲିଟର ଟିକସ ଫାଙ୍କି ବିଦେଶୀମଦ, ୩୧ଲିଟର ସ୍ପିରିଟ୍, ୭୦ଲିଟର କଫ ସିରପ, ୭୮୬.୬୪କେଜି ଗଞ୍ଜେଇ, ୨୧୯୭ଗ୍ରାମ ହେରୋଇନ୍ ଓ ୩୨ଗୋଟି ଯାନବାହାନ ଜବତ ହୋଇଛି । ଏହାର ଆନୁମାନିକ ମୂଲ୍ୟ ୩.୫୭କୋଟି ଟଙ୍କା ହେବବୋଲି ଆକଳନ କରାଯାଇଛି । ପ୍ରକାଶଥାଉ କି ଚଳିତ ବର୍ଷ ନଭେମ୍ବର ମାସ ସୁଧା ଏନ୍‌ଡିପିଏସ୍. ଆଇନ ବଳରେ ୧୧୪୧ଗୋଟି ମୋକଦ୍ଦମା ରୁଜୁ ହୋଇଥିଲାବେଳେ ୧୩୦୪ଜଣଙ୍କୁ ଗିରଫ କରାଯାଇଛି। ଗତବର୍ଷ ଏହି ସମୟରେ ୪୬୬ଗୋଟି ମୋକଦ୍ଦମା ରୁଜୁ ହୋଇଥିଲାବେଳେ ୫୪୮ଜଣଙ୍କୁ ଗିରଫ କରାଯାଇଥିଲା । ଚଳିତବର୍ଷ ୨୭,୪୭୧କେଜି ଗଞ୍ଜେଇ, ୨୨,୧୪୯ଗ୍ରାମ ହେରୋଇନ୍, ୬୩୩ଲିଟର କଫସିରପ ଜବତ ହୋଇଥିବାବେଳେ ଜବତ ସାମଗ୍ରିର ଆନୁମାନିକ ମୂଲ୍ୟ ୪୯.୭୦ କୋଟି ଟଙ୍କା ଆକଳନ ହୋଇଛି। ସେହିଭଳି ଗତବର୍ଷ ଏହି ସମୟରେ ୧୮,୨୬୪କେଜି ଗଞ୍ଜେଇ, ୯୪୮୪ଗ୍ରାମ ହେରୋଇନ୍, ୫୧୮ଲିଟର କଫସିରପ ଜବତ କରାଯାଇଥିଲା ଓ ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୨୭.୮୪ କୋଟି ଟଙ୍କା ଥିଲା । ବିଗତବର୍ଷ ତୁଳନାରେ ଚଳିତ ବର୍ଷ ୧୪୫% ଅଧିକ ମୋକୋଦ୍ଦମା ରୁଜୁ କରାଯାଇଛି ।

# ପେନସନ୍ ଓ ପ୍ରମୋଶନ ଅଦାଲତ ଖୁବ୍‌ଶୀଘ୍ର

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ସରକାରୀ ଚାକିରିଆମାନଙ୍କ ନିମନ୍ତେ ଖୁସି ଖବର। ଚାକିରିରୁ ଅବସର ଗ୍ରହଣ ପରେ ଦୀର୍ଘ ଦିନଧରି ପେନସନ୍ ପାଇନଥିବା କର୍ମଚାରୀମାନେ ଏଣିକି ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରେ ପେନସନ୍ ନିମନ୍ତେ ଆବେଦନ କରିପାରିବେ। ଏଥି ନିମନ୍ତେ ସମସ୍ତ ସହଯୋଗ କରିବାକୁ ବିଭିନ୍ନ ବିଭାଗର ନିର୍ଦ୍ଦେଶକଙ୍କ ମାଧ୍ୟମରେ ସଂପୃକ୍ତ ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ସଂକ୍ରାନ୍ତୀୟ ଏକ ଉଚ୍ଚସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଖୁବ୍‌ଶୀଘ୍ର ପେନସନ୍ ଅଦାଲତ ଅନୁଷ୍ଠିତ ହେବ। ଏଥି ନିମନ୍ତେ ତାରିଖ ଓ ସ୍ଥାନ ଘୋଷଣା କରାଯିବ। ଏଥିପୂର୍ବରୁ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରି ପେନସନ୍ ପାଇନଥିବା କର୍ମଚାରୀଙ୍କୁ ଯୋଗାଯୋଗ କରି ସମସ୍ତ ଆବଶ୍ୟକୀୟ କାଗଜପତ୍ର ନିମନ୍ତେ ସହଯୋଗ କରିବେ । ଏଥି ନିମନ୍ତେ ପ୍ରତି କାର୍ଯ୍ୟାଳୟରେ ହେଲ୍ପଡେସ୍କ ଖୋଲାଯିବ। ଏହାଦ୍ୱାରା କର୍ମଚାରୀମାନେ ସହଜରେ ଆବଶ୍ୟକୀୟ ପେନସନ୍ କାଗଜପତ୍ର ପ୍ରଦାନ କରିପାରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ, ପଂଚାୟତି ରାଜ, ଗୃହ, ଗ୍ରାମ୍ୟ ଉନ୍ନୟନ ଓ ଜଙ୍ଗଲ ବିଭାଗରେ ଅଧିକ ସଂଖ୍ୟକ କର୍ମଚାରୀ ଥିବାରୁ ଏଥି ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭାଗୀୟ ନିର୍ଦ୍ଦେଶକମାନଙ୍କୁ ପରାମର୍ଶ ଦିଆଯାଇଛି। ସଂପୃକ୍ତ ବିଭାଗର ନିର୍ଦ୍ଦେଶକମାନେ ସେମାନଙ୍କ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଏଥି ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ କୁହାଯାଇଛି । ଏପରିକି ବିଭିନ୍ନ ତଥ୍ୟ ଅଭାବରୁ, ବୟସାଧିକ, ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମୃତ୍ୟୁ କାରଣରୁ ପେନସନରୁ ବଂଚିତ କର୍ମଚାରୀଙ୍କ ଘରୁ ପେନସନ୍ ପତ୍ର ସଂଗ୍ରହ କରିବାକୁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ମୁଖ୍ୟ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ନିମନ୍ତେ ଆବଶ୍ୟକ ପଡିଲେ ଅନଲାଇନ ମାଧ୍ୟମରେ ପେନସନ୍ ପତ୍ର ସଂଗ୍ରହ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ। ଏତତ୍ ବ୍ୟତୀତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିୟମାନୁଯାୟୀ ଯୋଗ୍ୟତା ଭିତିକ ପଦୋନ୍ନତି ନିମନ୍ତେ ମଧ୍ୟ ଅଦାଲତ ଅନୁଷ୍ଠିତ ହେବ। ଏଥି ନିମନ୍ତେ ମୁଖ୍ୟ ଶାସନ ସଚିବଙ୍କ ସମେତ ୭ ଜଣ ବରିଷ୍ଠ ଅଧିକାରୀ ଅଦାଲତ କରିବେ। ସେମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗ ବଂଟନ କରାଯିବ । ତିନି ଦିନ ଧରି ଏହି ଅଦାଲତ ଅନୁଷ୍ଠିତ ହେବ। ଖୁବ୍‌ଶିଘ୍ର ଏଥି ନିମନ୍ତେ ତାରିଖ ଓ ସ୍ଥାନ ଘୋଷଣା କରାଯିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ବିଭିନ୍ନ ବିଭାଗୀୟ ପ୍ରମୁଖ ଶାସନ ସଚିବ ଏବଂ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଚ୍ଚ ଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କ ପାଇଁ ଆସିବ ଷ୍ଟାର୍ଟ ଅପ୍ ପଲିସି

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଉଚ୍ଚ ଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କ ପାଇଁ ଆସିବ ଷ୍ଟାର୍ଟ ଅପ୍ ପଲିସି। ଷ୍ଟାର୍ଟ ଅପ୍ ପଲିସିରେ ଯୁକ୍ତ ୩ ଓ ପିଜି ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ। ପିଲାଙ୍କ ପ୍ରସ୍ତୁତ ପ୍ରଡକ୍ଟ ଗୁଡ଼ିକୁ ବଡ଼ କମ୍ପାନୀ ଆଗରେ ଉପସ୍ଥାପନ କରିବ ଉଚ୍ଚଶିକ୍ଷା ବିଭାଗ। ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଗବେଷଣାଜନିତ ଉପଲବ୍ଧ ଜ୍ଞାନକୁ କିଭଳି ବଜାର ଉପଯୋଗୀ କରାଯାଇପାରିବ, ସେ ବିଷୟରେ ଆଲୋଚନା କରିବା ପାଇଁ ଆଜି ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେଉଁ କେଉଁ ସୋପାନ ଦେଇ ଗଲେ ସେମାନେ ଇନ୍‌କ୍ୟୁବେସନ୍ ସେଂଟରର ସହାୟତାରେ ସେମାନଙ୍କର ଉପଲବ୍ଧ ଜ୍ଞାନକୌଶଳ ପ୍ରୟୋଗ କରି ଏହାକୁ ବଜାର ଉପଯୋଗୀ କରିପାରିବେ, ସେଥିପାଇଁ ଅଧ୍ୟାପନା ମଣ୍ଡଳୀ, ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରଙ୍କ ତରଫରୁ ଏକ ଚିଠା 'ଷ୍ଟାର୍ଟଅପ୍ ପଲିସି' ପ୍ରସ୍ତୁତ କରାଯିବା ଉପରେ ମଧ୍ୟ ବିଷଦ ଆଲୋଚନା ହୋଇଥିଲା । ଷ୍ଟାର୍ଟଅପ୍ ଓଡ଼ିଶାର ଅଧ୍ୟକ୍ଷ ଡ. ଓମ୍‌କାର ରାଏ ଏବଂ ଫ୍ରଷ୍ଟ ଓ ସୁଲିଭାନ୍ ର ଏକ୍‌ଜିକ୍ୟୁଟିଭ୍ ବୋର୍ଡ ସଦସ୍ୟ ଡ. ସୁଧାଂଶୁ ଦାଶ ଏ ଦିଗରେ ରାଜ୍ୟ ସରକାରଙ୍କୁ ସାହାଯ୍ୟ ଯୋଗାଇଦେବା ପାଇଁ ଏବଂ ପରବର୍ତୀ ଆଲୋଚନା ଜାରି ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଉପସ୍ଥିତ ରହି ଓଡ଼ିଶାରେ ଉଚ୍ଚଶିକ୍ଷାରେ ଗବେଷଣାର ସ୍ଥିତି ଓ ପ୍ରଗତି ଉପରେ ଆଲୋଚନା କରିଥିଲେ । ଏଥିରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ମାନଙ୍କର କୁଳପତି ଏବଂ ଉଚ୍ଚଶିକ୍ଷା ବିଭାଗ ଓ ପରିଷଦର ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ମଧ୍ୟ ଭାଗ ନେଇଥିଲେ । ଶେଷରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ବୀରେନ୍ଦ୍ର କୋରକୋରା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜସ୍ୱ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଧାଁଦଉଡ଼ଭରା ବ୍ୟସ୍ତତାପୂର୍ଣ୍ଣ ଜୀବନ ମଧ୍ୟରେ ଆମେ ଆଜି କ୍ଳାନ୍ତ ହୋଇପଡୁଛେ । ଅନେକ ସମସ୍ୟା, ମାନସିକ ଚାପ, କାର୍ଯ୍ୟବ୍ୟସ୍ତତା ଆମ ମନକୁ ଅଧିକ ଭାରାକ୍ରାନ୍ତ କରୁଛି। ଚାକିରି ଜୀବନର ବ୍ୟସ୍ତତା ମଧ୍ୟରେ ମାନସିକ ଚାପ ଲାଘବ କରିବାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଡ଼ିତ ହୋଇ ମନୋନିବେଶ କରିବା ଏକ ସକରାତ୍ମକ ପଦକ୍ଷେପ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ରାଜସ୍ୱ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ ୨୦୨୨ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ରାଜସ୍ୱ ବିଭାଗ ଆମର ଗୋଟିଏ ପରିବାର । ବିଭାଗୀୟ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଏହାର କର୍ମଚାରୀମାନଙ୍କର ସମ୍ମିଳିତ ପ୍ରୟାସରେ ଆଜିର ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବାକୁ ଯାଉଛି । ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସାଲବେଗଙ୍କ ଭଜନ ପରିବେଷଣ କରିଥିଲେ। ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ସ୍ମରଣିକା 'ଭୂମି'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସାଂସ୍କୃତିକ ସଂପାଦକ ତପନ କୁମାର ଦଳାଇ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

କନ୍ଧମାଳ, ୧୪/୧୨ (ନି.ପ୍ର): ଫୁଲବାଣୀ ମା' ନାରାୟଣୀଙ୍କ ଯାତ୍ରା ମଣ୍ଡପ ଠାରେ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଠାରେ ନୂତନ ଭାବେ ୭୦ ଜଣଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା କରାଯିବା ସହିତ ଓ ପୂର୍ବରୁ ଯେଉଁମାନଙ୍କ ପରଳ ଅସ୍ତ୍ରୋପଚାର କରାଯାଇଥିଲା ସେମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସୋମବାର ୧୫ ଜଣଙ୍କୁ ବସ୍ ରେ ନିଆଯାଇ ପରଳ ଅସ୍ତ୍ରୋପଚାର କରାଯିବା ସହିତ ସେମାନଙ୍କୁ ଚିକିତ୍ସାଳୟର ସ୍ୱତନ୍ତ୍ର ବସ୍ ରେ ୧୪ ତାରିଖରେ ଫୁଲବାଣୀ ଫେରିଆସିବାକୁ ବନ୍ଦୋବସ୍ତ କରାଯାଇଛି। ଏହି ଶିବିରକୁ ଅମିୟ ଦାଶ, ବଂଶୀଧର ପଣ୍ଡା, ବିକାଶ ମହାନ୍ତି, ପିତାମ୍ବର ମିଶ୍ର, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ନବୀନ କିଶୋର ପଣ୍ଡା, ପ୍ରମୋଦ କୁମାର ସାହୁ, ରାଜକିଶୋର ପାଢୀ, ପ୍ରଣ୍ୱ ମଣ୍ଡଳ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ପ୍ରକାଶ ଥାଉକି, କନ୍ଧମାଳ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘ, ଫୁଲବାଣୀ ଗତ ଅଗଷ୍ଟ ୨୧ ତାରିଖ ଠାରୁ ଡିସେମ୍ବର୧୨ ତାରିଖ ମଧ୍ୟରେ ଏହା ଚତୁର୍ଥ ପରୀକ୍ଷା ଶିବିର। ଏହି ସବୁ ପରୀକ୍ଷା ଶିବିରରେ ଶତାଧିକ ରୋଗୀଙ୍କ କମ୍ପ୍ୟୁଟରୀକୃତ ମାଗଣାରେ ଚକ୍ଷୁ ପରୀକ୍ଷା କରାଯିବା ସହିତ ଶହେରୁ ଅଧିକ ଅଧିକ ରୋଗୀଙ୍କ ପରଳ ଅସ୍ତ୍ରୋପଚାର କରାଯାଇଛି ।

# ପଠାଣୀ ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣର ଆଧାରରେ ଯୁଗେଯୁଗେ ପାଞ୍ଜି ପ୍ରସ୍ତୁତି ହେବ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଗ୍ରହ, ନକ୍ଷତ୍ରର ସ୍ଥିତିକୁ ଖାଲି ଆଖିରେ ପର୍ଯ୍ୟବେକ୍ଷଣ କରି ତାହାକୁ ଆଧାର କରି ଜ୍ୟୋତିଷ ଶାସ୍ତ୍ର ଉପରେ ଏକ ପୂର୍ଣ୍ଣାଙ୍ଗ ଗବେଷଣାତ୍ମକ ପୁସ୍ତକ ସିଦ୍ଧାନ୍ତ ଦର୍ପଣ ରଚନା କରିବା ସହ ଦୁଇଖଣ୍ଡ କାଠି ସହ ବାଉଁଶନଳୀ ମାଧ୍ୟମରେ ଦୂର ପର୍ବତକୁ ସଠିକ୍ ମାପକ କରି ବିଶ୍ୱକୁ ଚମତ୍କୃତ କରିଥିବା ପ୍ରସିଦ୍ଧ ଜ୍ୟୋର୍ତିବିଜ୍ଞାନୀ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ମର୍ଦ୍ଦରାଜ (ପଠାଣି ସାମନ୍ତ) ଓଡ଼ିଆ ଜାତିକୁ ବିଶ୍ୱବିଦିତ କରିପାରିଛନ୍ତି । ଓଡ଼ିଶାର ଆରାଧ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ପଞ୍ଜିକା ସହିତ ଦେଶ ବିଦେଶରେ ଜ୍ୟୋର୍ତିବିଜ୍ଞାନୀମାନେ ପ୍ରସ୍ତୁତ କରୁଥିବା ପଞ୍ଜିକା ସିଦ୍ଧାନ୍ତ ଦର୍ପଣର ଗଣନା ଅନୁଯାୟୀ ପ୍ରଣୟନ ହୋଇଆସୁଛି ଓ ଆଗାମୀ ଦିନରେ ମଧ୍ୟ ଏହାକୁ ଅନୁଶୀଳନ ନ କରି କୌଣସି ପଞ୍ଜିକା ପ୍ରଣୟନ ହୋଇପାରିବ ନାହିଁ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ସ୍ଥ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ସାମନ୍ତଙ୍କ ୧୮୭ତମ ଜୟନ୍ତୀରେ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବକ୍ତାମାନେ ମତପ୍ରକାଶ କରିଛନ୍ତି । ଆମର ପୂର୍ବପୁରୁଷମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରଣୟନ ହେବା ପୂର୍ବରୁ ନିଜ ଅନ୍ତର୍ନିହିତ ପ୍ରତିଭା ବଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ତାହାକୁ ପ୍ରୟୋଗ କରି ସମାଜର ହିତ ସାଧନ କରିଛନ୍ତି । ପଠାଣି ସାଆନ୍ତେ ପ୍ରତିକୂଳ ପରିବେଶରେ ରୁଗ୍‌ଣ ଶରୀରରେ ବର୍ଷବର୍ଷ ଧରି ସାଧନା କରି ଗଣିତ ଓ ଜ୍ୟୋତିଷ ବିଦ୍ୟାରେ ପାରଦର୍ଶିତା ହାସଲ କରିବା ସହ ସେହି ବିଦ୍ୟାକୁ ପୁସ୍ତକ ଭାବରେ ପ୍ରଣୟନ କରି ଉତରପିଢୀଙ୍କୁ ଶିକ୍ଷା ନିମନ୍ତେ ଯେଉଁ ବ୍ୟବସ୍ଥା କରିଛନ୍ତି, ସେଥିପାଇଁ ଖଣ୍ଡପଡ଼ା ମାଟି ଧନ୍ୟ ହୋଇଛି । କାରିଗରୀ ଜ୍ଞାନ କୌଶଳ, ଉଚ୍ଚଶିକ୍ଷା ପ୍ରାପ୍ତ ନ ହୋଇ ମଧ୍ୟ ନିଜ ଅଲୌକିକ ପ୍ରତିଭା ବଳରେ ପଠାଣୀ ସାମନ୍ତ ରାଜ୍ୟର ଜ୍ୟୋର୍ତିବିଦ୍ୟା କ୍ଷେତ୍ରରେ ଯେଉଁ ପାରଦର୍ଶିତା ସୃଷ୍ଟି କରିଛନ୍ତି ତାହା ଯୁଗଯୁଗ ପାଇଁ ମାନବଜାତି ପାଇଁ ଏକ ବରଦାନ ସଦୃଶ । ମୁଖ୍ୟମନ୍ତ୍ରୀ ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ବିକଶିତ କରି ପଲ୍ଲୀଗ୍ରାମଠାରୁ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ସମାଜ ପାଇଁ ତ୍ୟାଗ ଓ ସମର୍ପଣ ସେବା କରିଥିବା ବରପୁତ୍ରମାନଙ୍କୁ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀରେ ସ୍ମରଣ ପୂର୍ବକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଯେଉଁ ଚିନ୍ତାଧାରା ନେଇ ସରକାରୀ ସ୍ତରରେ ଉଦ୍ୟମ କରିଛନ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ବିଭିନ୍ନ ସଂଗଠନ ବିଶେଷ କରି ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଯେଉଁ ଜାତି ପୂଜ୍ୟପୂଜା ପରମ୍ପରା ରକ୍ଷାରେ ଯେତେ ତତ୍ପର, ସେହି ଜାତିର ସାଂସ୍କୃତିକ ଭାବଧାରା ଅତୀବ ମହାନ୍, ଯେଉଁଥିପାଇଁ ପୂଜ୍ୟପୂଜା ପରମ୍ପରା ବିକାଶରେ ଓଡ଼ିଆ ଜାତି ଶ୍ରେଷ୍ଠତା ପ୍ରତିପାଦନ କରିପାରିଛି ଓ ଏହି ବିଚାରଧାରା ସହିତ ଯୁବ, ଛାତ୍ର, ମହିଳାମାନେ ସକ୍ରିୟ ସାମିଲ୍ ହେବା ଆବଶ୍ୟକ ବୋଲି ବିଧାୟକ ପ୍ରଫୁଲ୍ଲ ସାମଲ୍, ବିଶିଷ୍ଟ ଲେଖକ ଓ ସାହିତ୍ୟିକ ଦାସବେନହୁର, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଶିକ୍ଷାବିତ୍ କାମଦେବ ମହାପାତ୍ର, ଅନୁପମା ବେହେରା, ସଂଜୟ କୁମାର ପରିଡ଼ା, ଉଇ ଫର ଭୁବନେଶ୍ୱରର ସଭ୍ୟବୃନ୍ଦ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ପୂଜ୍ୟପୂଜା ପରମ୍ପରାକୁ ବିକଶିତ କରିବା ସହ ବରପୁତ୍ରମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ୍ ହୋଇ ଓଡ଼ିଶାର ମହାନ୍ ପୂଜ୍ୟପୂଜା ପରମ୍ପରାକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଚଳଚ୍ଚିତ୍ର ଅଭିନେତା ସଚ୍ଚିଦାନନ୍ଦ ପଣ୍ଡା, ସାମ୍ବାଦିକ ମନୋରଂଜନ ମିଶ୍ର, ସେବିକା ଗୀତା ମହାପାତ୍ର, ସମାଜସେବୀ ସନ୍ତୋଷ ସେଠୀ, ପୂର୍ବତନ କର୍ପୋରେଟର ଅଜୟ ମହାନ୍ତି, ଶିକ୍ଷାବିତ୍ କାମଦେବ ମହାପାତ୍ର, ଖଣ୍ଡପଡ଼ା ବିଜ୍ଞାପିତ ଅଂଚଳ ପରିଷଦର କାଉନ୍‌ସିଲର ମୋନାଲି ପ୍ରିୟଦର୍ଶିନୀ, ଯୁବପ୍ରତିଭା ପ୍ରତ୍ୟୁଷ ଭଞ୍ଜ, ଅନୁପ ଜେନା ପ୍ରମୁଖଙ୍କୁ ପଠାଣୀ ସାମନ୍ତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ସହକାରୀ ନିର୍ଦ୍ଦେଶକମାନଙ୍କର ଦିନିକିଆ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ମଙ୍ଗଳବାର ଜିଲ୍ଲାସ୍ତରରେ କାର୍ଯ୍ୟରତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ମାନଙ୍କର ଏକ ଦିନିକିଆ ରାଜ୍ୟସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱରସ୍ଥିତ ଉତ୍କଳିକା ମୁଖ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ମିଳନୀରେ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ବିଭାଗୀୟ ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ, ବିଭାଗର ଅର୍ଥ ପରାମର୍ଶଦାତା ଶ୍ରୀମତୀ ବୀଣାପାଣି ନାୟକ, ସିଡାକ୍‌ର ସଭ୍ୟ ସଚିବ ଶିଶିର କୁମାର ରଥ, ସହକାରୀ ନିର୍ଦ୍ଦେଶକ ମାନଗୋବିନ୍ଦ ଜେନାଙ୍କ ସମେତ ସମସ୍ତ ୩୦ ଗୋଟି ଜିଲ୍ଲାର ସହକାରୀ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଅଧିକାରୀମାନେ ଯୋଗ ଦେଇଥିଲେ। ଓଡ଼ିଶାର ହସ୍ତଶିଳ୍ପ କାରିଗର ମାନଙ୍କର ବହୁବିଧ ଉନ୍ନତି ପାଇଁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାଗୁଡିକର ସଫଳ ରୂପାୟନ ନିମନ୍ତେ କ୍ଷେତ୍ରୀୟ ସ୍ତରରେ କାର୍ଯ୍ୟକରୁଥିବା ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ବକ୍ତବ୍ୟ ଦେଇଥିଲେ। ଅନ୍ୟାନ୍ୟ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ହସ୍ତଶିଳ୍ପ ଅଧିକାରୀମାନଙ୍କର କର୍ତବ୍ୟ, ଦାୟିତ୍ୱ ଓ ପରିଚାଳନା ଦକ୍ଷତା ଅଭିବୃଦ୍ଧିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ସମ୍ମିଳନୀରେ ହସ୍ତଶିଳ୍ପ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା । ଶେଷରେ ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃତି ପରୀକ୍ଷାରେ ତୁଳସୀ ବିଦ୍ୟା ମନ୍ଦିରର ସଫଳତା

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): କେନ୍ଦ୍ରାପଡା ଇଛାପୁର ସ୍ଥିତ ତୁଳସୀ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ବୃତି ପରୀକ୍ଷାରେ ସଫଳତାର ସହ କୃତିତ୍ୱ ଅର୍ଜନ କରିଥିବା ଜଣାପଡିଛି। ତୃତୀୟ ଶ୍ରେଣୀ ବୃତି ପରୀକ୍ଷାରେ ସାଇ ରିତେଶ ସାହୁ ଓ ଉମାକାନ୍ତ ଦାସ ସଫଳ ହୋଇଥିବା ବେଳେ ପଂଚମ ଶ୍ରେଣୀ ବୃତି ପରୀକ୍ଷାରେ ଗାୟତ୍ରୀ ପ୍ରଧାନ କୃତିତ୍ୱ ଅର୍ଜନ କରିଛନ୍ତି । ବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ରବିନ୍ଦ୍ର କୁମାର ଦାସ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉତୋରତର ଉନ୍ନତି କାମନା କରିଛନ୍ତି।

# ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ଜେଲଭରୋ ଆନ୍ଦୋଳନ

ବାଲେଶ୍ୱର, ୧୪/୧୨ (ନି.ପ୍ର): ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଂଘ (ବିଏମଏସ) ଅନୁବନ୍ଧିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ବୁଧବାର ଜେଲଭରୋ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ଆଶାକର୍ମୀଙ୍କର ଏକ ଶୋଭାଯାତ୍ରା ରେଳ ଷ୍ଟେସନ ନିକଟରୁ ବାହାରି ସହର ପରିକ୍ରମା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ ଓ ବିକ୍ଷୋଭ କାର୍ଯ୍ୟକ୍ରମରେ ବିଏମଏସ ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ସମ୍ପ୍ରତି ଆଶାକର୍ମୀମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଶାକର୍ମୀମାନେ ଅତି ନିଷ୍ଠାର ସହ କାର୍ଯ୍ୟକରି ଶିଶୁ-ମାତୃ ମୃତ୍ୟୁ ରୋକିବାରେ ସହାୟକ ହୋଇପାରିଛନ୍ତି । ଏହି ସଫଳତାକୁ ନେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟ ପୁରସ୍କୃତ ହେଉଛି ।ଏହା ସତ୍ତ୍ୱେ ଆଶାକର୍ମୀଙ୍କୁ ସରକାର ଅବହେଳା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସଭାପତି ଶ୍ରୀ ପଣ୍ଡା ଆରୋପ କରିଛନ୍ତି । ଏନେଇ ଆଶାକର୍ମୀମାନେ ନିଜ ଛୋଟ ଛୋଟ ପିଲାଙ୍କୁ ଧରି ଗତ୨୯ ତାରିଖରୁ ଭୁବନେଶ୍ୱର ରାଜରାସ୍ତାରେ ଶୀତ କାକରରେ ପଡ଼ି ରହିଛନ୍ତି । ମାତ୍ର ରାଜ୍ୟ ସରକାର ସେମାନଙ୍କ ଦାବିପ୍ରତି ଅଦୌ କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସେ କହିଛନ୍ତି । ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ଓ ମାସିକ ସର୍ବନିମ୍ନ ୧୮ ହଜାର ଟଙ୍କା ଦରମା ସାଙ୍ଗକୁ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପ୍ରଦାନ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି । ବିଏମଏସର ଜିଲ୍ଲା ସଭାପତି ସଙ୍ଗୀତା ରାୟ, ଜିଲ୍ଲା ସମ୍ପାଦକ ଅରୂପ କୁମାର ନାୟକ, ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶକୁନ୍ତଳା ଗୋଛାୟତ, ସଭାପତି ହରପ୍ରିୟା ପାଢ଼ୀ, ଜିଲ୍ଲା ସଧାରଣ ସମ୍ପାଦିକା ଜାନକୀ ରାଉଳ ପ୍ରମୁଖ ଏଥିରେ ଯୋଗଦେଇ ଭୁବନେଶ୍ୱରରେ ଜାରି ରହିଥିବା ଆଶାକର୍ମୀଙ୍କ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପୁଲିସ ବ୍ୟାରିକେଟ ଭାଙ୍ଗି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପ୍ରବେଶ କରିବାକୁ ଉପକ୍ରମ କରୁଥିବା ବେଳେ ଶତାଧିକ ଆଶାକର୍ମୀଙ୍କୁ ପୁଲିସ ଗିରଫ କରିଥିଲା । ଗିରଫ କର୍ମୀଙ୍କୁ ଗାଡ଼ିରେ ନେଇ ସହର ଉପକଣ୍ଠରେ ଛଡ଼ାଯାଇଥିବା ଜଣାଯାଇଛି । ସ୍ୱର୍ଣ୍ଣଲତା ବିଶ୍ୱାଳ, ଅପର୍ଣ୍ଣା ପ୍ରଧାନ, ଲକ୍ଷ୍ମୀପ୍ରିୟା ଦାଶ, କଳ୍ପନା ମିଶ୍ର, କଳ୍ପଲତା ଦାଶ, ତିଳୋତ୍ତମା ବେହେରା, ମଞ୍ଜୁ ବାହାଦୁର, ଦେବକୀ ଭୂୟାଁ, ସରସ୍ୱତୀ ସେନାପତି, ବାସନ୍ତୀ ମାହାନା, ଜ୍ୟୋତ୍ସ୍ନାରାଣୀ ମାହାନା, ସାବିତ୍ରୀ ପଣ୍ଡା, ଅନ୍ନପୂର୍ଣ୍ଣା ସାମଲ, ସ୍ନେହଲତା ଭୋଇ ପ୍ରମୁଖଙ୍କ ଆଜିର ବିକ୍ଷୋଭ ଓ ଜେଲଭରୋ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଭୂମିକା ତୁଲାଇଥିଲେ ।

## ପୋଲିସ ହାତରେ ଟ୍ରେନ ଲାଇନରୁ କୋଇଲା ଚୋରି କରୁଥିବା ଚୋର

ଭଦ୍ରକ, ୧୪/୧୨/୨୨: ଶେଷରେ ପୋଲିସ ହାତରେ ଧରା ପଡ଼ିଲା ଟ୍ରେନ ଲାଇନରୁ କୋଇଲା ଚୋରି କରୁଥିବା କୋଇଲା ଚୋର । ଗ୍ରାମାଞ୍ଚଳ ପୋଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ରମ୍ଭିଳାରେ ଦୀର୍ଘ ଦିନରୁ ପୋଲିସ ଓ ରେଲୱେ କର୍ମଚାରୀଙ୍କ ଆଖରେ ଧୂଳି ଦେଇ ବିଭିନ୍ନ ଉପାୟରେ କୋଇଲା ଚୋରୀ କରିବା ସହ ଚାଲାଣ କରୁଥିଲା ରାଜେଶ କୁମାର ମହାପାତ୍ର (ପିଣ୍ଟୁ) ଗତକାଲି ରାତିରେ ରମ୍ଭିଳାରେ ଥିବା ତାଙ୍କ ଘରୁ ଗିରଫ ହୋଇଛି । ତାଙ୍କ ନାମରେ ବିଭିନ୍ନ ଥାନାରେ ବହୁ କେଶ ରହିଥିବା ପୋଲିସ କହିଛି ।

## ସ୍ରଷ୍ଟା ଆୟୋଜିତ ରାଜ୍ୟସ୍ତରୀୟ ନାଟକୋତ୍ସବ ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୧୪/୧୨ (ନି.ପ୍ର): ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ନାଟ୍ୟସଂସ୍ଥା ସ୍ରଷ୍ଟାର ଆସନ୍ତା ୧୨/୦୨/୨୦୨୩ରୁ ୧୮/୦୨/୨୦୨୩ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପି ସ୍ଥାନୀୟ ଗାନ୍ଧୀ ସ୍ମୃତି ଠାରେ ଏକ ରାଜ୍ୟସ୍ତରୀୟ ନାଟକୋତ୍ସବ ଆୟୋଜନ ହେବାକୁ ଯାଉଛି । ଏହି ଉପଲକ୍ଷେ ଆସନ୍ତା ୧୬/୧୨/୨୦୨୨ ପୂର୍ବାହ୍ନ ୧୦ ଘଟିକା ସମୟରେ ସ୍ରଷ୍ଟା ନାଟ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହେବ ।

## ଏନସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଧମକ ଦେଇଥିବା ବ୍ୟକ୍ତି ବିହାରରୁ ଗିରଫ

ମୁମ୍ବାଇ, ୧୪/୧୨ (ନି.ପ୍ର): ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ରାକାମ୍ପା) ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଜୀବନରୁ ମାରିବାର ଧମକ ଦେଇଥିବା ବ୍ୟକ୍ତିକୁ ମୁମ୍ବାଇ ପୋଲିସ୍ ବିହାରରୁ ଗିରଫ କରିଛି । ମୁମ୍ବାଇ ଆଣି ତାକୁ ପଚରାଉଚୁରା କରାଯାଉଛି । ମୁମ୍ବାଇ ପୋଲିସ୍ ବୁଧବାର ଦିନ ସାମ୍ବାଦିକଙ୍କୁ କହିଛନ୍ତି ଯେ ଶରଦ ପାୱାରଙ୍କୁ ଜୀବନରୁ ମାରିବାକୁ ଧମକ ଦେଇଥିବା ନାରାୟଣ କୁମାର ସୋନୀକୁ ବିହାରରୁ ଗିରଫ କରାଯାଇଛି । ସେ ମଙ୍ଗଳବାର ଦିନ ଶରଦ ପାୱାରଙ୍କୁ ତାଙ୍କ ସିଲ୍ୱର ଓକ୍ ଘରେ ଫୋନ୍‌ରେ ଜୀବନରୁ ମାରିବାର ଧମକି ଦେଇଥିଲା । ଏହି ମାମଲାର ଅଭିଯୋଗ ପରେ କଲ ଟ୍ରେସକରି ତାକୁ ବିହାରରୁ ଗିରଫ କରାଯାଇଛି ।

## ଛାତ୍ରୀକୁ ଅପହରଣ ଓ ଦୁଷ୍କର୍ମ : ଯୁବକ ଗିରଫ

ଜୟପୁର, ୧୪/୧୨ (ନି.ପ୍ର): ଛାତ୍ରୀକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା କୁନ୍ଦୁରା ଥାନା ଅନ୍ତର୍ଗତ ହନ୍ତାଳଗୁଡାର ସୁରେନ୍ଦ୍ର ହରିଜନ (୧୯) । ପୋଲିସ ସୁଚନା ଅନୁଯାୟୀ ଜୟପୁର ସହରର ୯ମ ଶ୍ରେଣୀ ଛାତ୍ରୀ କୁ ଗତ ୫ ତାରିଖରେ ଅପହରଣ ହୋଇଥିବା ନେଇ ଜୟପୁର ଟାଉନ ଥାନା ରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ନାବାଳିକାକୁ ଉଦ୍ଧାର କରି ଯୁବକକୁ କୁନ୍ଦୁରା ଥାନା ଅନ୍ତର୍ଗତ ହନ୍ତାଳଗୁଡାରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜୟପୁର ଟାଉନ ପୋଲିସ ତରଫରୁ ସୁଚନା ଦିଆଯାଇଛି ।

## ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ ଇନଫୋସିଟି ଥାନାରେ ହାଜର ହେଲେ ମନଜିତ ଟେଟେ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ ଇନଫୋସିଟି ଥାନାରେ ହାଜର ହୋଇଛନ୍ତି ତାଙ୍କର ବାନ୍ଧବୀ ମନଜିତ ଟେଟେ । ସେଠାରେ ପହଂଚିବା ପରେ ତାଙ୍କୁ ପଚରା ଉଚୁରା କରା ଯାଉଥିବା ଜଣା ପଡିଛି । ଏହା ପୂର୍ବରୁ ସୋମବାର ଦିନ ଏହି ମାମଲାରେ ପୂର୍ବତନ ହକି ଖେଳାଳୀ ବୀରେନ୍ଦ୍ର ଲାକ୍ରା ଇନଫୋସିଟି ଥାନାରେ ହାଜର ହୋଇଥିଲେ । ବୀରେନ୍ଦ୍ର ଲାକ୍ରା ଥାନାରେ ହାଜର ହେବା ପରେ ଅତିରିକ୍ତ ଡିସିପି ବୀରେନ୍ଦ୍ରଙ୍କୁ ପଚରାଉଚୁରା କରିଥିଲେ । ଗତ ଫେବୃଆରି ୨୮ ତାରିଖରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ଫ୍ଲାଟ୍ ରେ ବେକରେ ଶାଢ଼ି ଦେଇ ଆନନ୍ଦ ଟପ୍ପୋ ଆତ୍ମହତ୍ୟା କରିଥିବା ନେଇ ବୀରେନ୍ଦ୍ର ମୃତକଙ୍କ ବାପାଙ୍କୁ ଫୋନରେ ସୂଚନା ଦେଇଥିଲେ । ମୃତ ଶରୀରର ବେକରେ ୨ଟି ଦାଗ ରହିଥିଲା । କିଛିଦିନ ପୂର୍ବରୁ ଆନନ୍ଦ ବିବାହ କରିଥିଲେ ।

## ସାଇ ପବ୍ଲିକ ସ୍କୁଲରେ ଯୋଗ ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା



ଖଇରା, ୧୪/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଟାପଡାସ୍ଥିତ ସାଇ ପବ୍ଲିକ ସ୍କୁଲରେ ମଙ୍ଗଳବାର ଦିନ ସ୍ୱାସ୍ଥ୍ୟ ସଚେତନତା ଓ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ମୁଖ୍ୟ ପୂର୍ବତନ ବାୟୁ ଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରା ଯୋଗ ଦେଇ ଛାତ୍ରୀଛାତ୍ର ମାନଙ୍କୁ ଆଧ୍ୟାତ୍ମିକ ଚିନ୍ତା ଚେତନା ଦ୍ୱାରା ଜିବନଶୈଳୀ ଅଧିକ ସୁଗମ ହୋଇ ପାରିବ ବୋଲି କହିଥିଲେ । ପ୍ରଜାପିତା ବ୍ରହ୍ମକୁମାରୀ ବିଦ୍ୟାପୀଠ ଖଇରା ଶାଖାର କାଞ୍ଚନ ଭଉଣୀ ଯୋଗ ଦେଇ ନିଜର ମାନସିକ ଶାରିରୀକ କ୍ଷମତାକୁ ଜିବଜଗତ କଲ୍ୟାଣରେ ଲଗାଇବାକୁ ପରାମର୍ଶ ଦେଇଥିଲେ । ପରେ ପିଲାମାନଙ୍କୁ ଯୋଗ ପ୍ରାଣାୟାମ ଉପରେ ଶିକ୍ଷା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମ୍ପାଦକ ପିତାମ୍ବର ମହାପାତ୍ର, ପ୍ରଧାନଶିକ୍ଷୟତ୍ରୀ କଳ୍ପନା ମଞ୍ଜରୀ ରାଉଳ ଅନ୍ତେବାସୀଙ୍କ ମଧ୍ୟରେ ଯୋଗ ଓ ଆଧ୍ୟାତ୍ମିକ ଶିକ୍ଷାକୁ ନିୟମିତ କରିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ । ବହୁ ଅବିଭାବକ ଉପସ୍ଥିତ ଥିଲେ ।

## ମୟୂରଭଂଜ କଲେଜ ଅଫ ଆକାଉଣ୍ଟେନସି ଏଣ୍ଡ ମ୍ୟାନେଜମେଣ୍ଟର ବାର୍ଷିକ କ୍ରୀଡା ପ୍ରତିଯୋଗିତା



ବାରିପଦା, ୧୪/୧୨ (ନି.ପ୍ର): ମହାରାଜପୁର ସ୍ଥିତ ମୟୂରଭଂ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଂଟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଉପାଧ୍ୟକ୍ଷା ସଂଘମିତ୍ରା ରାଉତଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ବାର୍ଷିକ ପ୍ରତିଯୋଗିତାରେ ଉଭୟ ଆଉଟଡୋର ଏବଂ ଇନଡୋର ଖେଳ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଡ୍ରାମା, ମନୋପ୍ଲେ, ନାଚ, ଗୀତ, ଝୋଟି, ମେହେନ୍ଦି, ମୁରୁଜ, ପୁଚି ଏବଂ ମ୍ୟୁଜିକ ଚେୟାର ସହ ଆଉଟଡୋର ପ୍ରତିଯୋଗିତାରେ ଉଭୟ ବାଳକ ଏବଂ ବାଳିକା ମାନଙ୍କ ର ୧୦୦ ମି ଦୌଡ, ୨୦୦ ମି ଦୌଡ , ଜାଭଲିନ ଥ୍ରୋ, ଡିସ୍କସ୍ ଥ୍ରୋ, ସଟଫୁଟ ସହ ୪୦୦ମି ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ୫କିମି ମାରାଥନ ଅନୁଷ୍ଠିତ ହୋଇଯାଇଅଛି । ୫ ଦିନ ବ୍ୟାପି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ କଲେଜ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟାପକ ମଦନ ମୋହନ ସାହୁ, ଅଶୋକ କୁମାର ଦାସ, ଦେବିଦତ ରାଉତ, ବିଜୟା ନାୟକ, ମୀରା ସେନାପତି, ରୂପମଂଜରୀ ବେହେରା, ତୃପ୍ତି ଦାସ, ଅଙ୍କିତା ସାହୁ, ଦେବାଶ୍ରିତ ବିଶ୍ୱାଳ, ଜ୍ୟୋତିର୍ମୟୀ ଗିରି, ଅଭିପ୍ସା ନାୟକ, ପୁର୍ଣ୍ଣମା ମହାନ୍ତ, ଦିପ୍ତୀଶ୍ରୀ ବେହେରା, ସସ୍ମିତା ସି, ପ୍ରତିଭା ଦାସ, ସୁଶ୍ରୀ ନାୟକ, ସୁଜାତା ପାଲ, ସଂଯୁକ୍ତା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭାରତ ରାଷ୍ଟ୍ର ସମିତିର ରାଷ୍ଟ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୧୪/୧୨ : ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍) ପୂର୍ବରେ ତେଲେଙ୍ଗାନା ରାଷ୍ଟ୍ର ସମିତିର ବୁଧବାର ଦିନ ଏଠାରେ ଦିଲ୍ଲୀରେ ରାଷ୍ଟ୍ରୀୟ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଛି । ଏହି ଅବସରରେ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ତାଙ୍କ ଝିଅ ଏବଂ ବିଧାନ ପରିଷଦ ସଦସ୍ୟ କେ. କବିତା ଏବଂ ଅନ୍ୟ ରାଜନୈତିକ ଦଳର ନେତା ସାମିଲ ହୋଇଥିଲେ । ସମାଜବାଦୀ ପାର୍ଟି(ସପା)ର ମୁଖ୍ୟ ଅଖିଳେଶ ଯାଦବ, ଜନତା ଦଳ(ସେକ୍ୟୁଲାର)ର ନେତା ଏଚ୍‌ଡି କୁମାରସ୍ୱାମୀ ଏବଂ ଅନ୍ୟ ନେତାମାନେ ଏହି ଅବସରରେ ଭାଗିଦାରି କରିଛନ୍ତି । ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ର କାର୍ଯ୍ୟକାରୀ ଅଧ୍ୟକ୍ଷ କେ.ଟି. ରାମାରାଓ କହିଛନ୍ତି ଯେ ଦିଲ୍ଲୀରେ ପାର୍ଟିର କେନ୍ଦ୍ରୀୟ କାର୍ଯ୍ୟାଳୟର ଉଦ୍‌ଘାଟନ ଦେଶରେ ଗୁଣାତ୍ମକ ପରିବର୍ତ୍ତନର ଆରମ୍ଭ ହୋଇଛି ।

## ବିହାରର ସାରଣ ଜିଲ୍ଲାରେ ବିଷାକ୍ତ ମଦରେ ୧୯ଜଣଙ୍କ ମୃତ୍ୟୁ

ଛପରା/ପାଟଣା, ୧୪/୧୨ (ନି.ପ୍ର): ବିହାରର ସାରଣ ଜିଲ୍ଲାରେ ବିଷାକ୍ତ ମଦର ପ୍ରକୋପରେ ୧୯ ଜଣଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ରାତିରୁ ବୁଧବାର ପର୍ଯ୍ୟନ୍ତ ବିଷାକ୍ତ ମଦ ପିଇବାରୁ ୧୯ ଲୋକଙ୍କ ମୃତ୍ୟୁ ହୋଇଛି । ତେବେ ସଦର ହସ୍ପିଟାଲ ଛପରା ୧୪ ଲୋକଙ୍କ ମୃତ୍ୟୁର ସ୍ପଷ୍ଟ କରିଛି । ପ୍ରଶାସନ ଏହି ଘଟଣାରେ ବର୍ତ୍ତମାନ କୌଣସି ପ୍ରକାର ମଦର ସେବନରେ ମୃତ୍ୟୁ ହୋଇଥିବା କଥାକୁ ଅସ୍ୱୀକାର କରା ଯାଇଥିବା ବେଳେ ଯେ ସମସ୍ତଙ୍କ ମୃତ୍ୟୁ ବିଷାକ୍ତ ମଦ ପିଇବାରେ ହୋଇଛି ବୋଲି ତାଙ୍କର ସମର୍ଥକ ମାନେ କହିଛନ୍ତି ।

## ଧାନର ଅଭାବୀ ବିକ୍ରୀ : ୭ ଦିନରେ ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବ ଭାଜପା

ଜଳେଶ୍ୱର, ୧୪/୧୨(ନି.ପ୍ର): ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଧାନ ଅମଳ ଶେଷ ହେବାକୁ ଯାଉଥିବା ବେଳେ ରାଇବଣିଆ ଅଂଚଳରେ ଗତ କିଛିଦିନ ପୂର୍ବରୁ ଶେଷ ହୋଇଛି । କିନ୍ତୁ ଧାନମଣ୍ଡି ଖୋଲିନଥିବାରୁ ଧାନର ବ୍ୟାପକ ଅଭାବି ବିକ୍ରୀ ହେଉଥିବାରୁ ୭ ଦିନ ମଧ୍ୟରେ ଚାଷୀ ସମସ୍ୟା ସମାଧାନ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି । ଚଳିତବର୍ଷ ଜଳେଶ୍ୱର ବ୍ଲକରେ ୧୭୯୯୦ ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥିଲା । ପ୍ରତିକୂଳ ପାଗ ସତ୍ୱେ ଚଳିତବର୍ଷ ଧାନଚାଷ ଭଲ ହେବା ସହିତ ଅମଳ ମଧ୍ୟ ଭଲ ହୋଇଛି । ୧୨୫୮ ହେକ୍ଟର ଜମିର ଧାନଚାଷ ବର୍ଷା ଓ ବନ୍ୟାରେ କ୍ଷତି ହୋଇଥିବାର କୃଷି ବିଭାଗ ସୂତ୍ରରୁ ପ୍ରକାଶ । ଅଦ୍ୟାବଧି ରାଇବଣିଆ ଅଂଚଳରେ ୯୫ ପ୍ରତିଶତ ଓ ଜଳେଶ୍ୱର ଅଂଚଳରେ ୬୦ ପ୍ରତିଶତ ଜମିରେ ଧାନ ଅମଳ ସରିଛି । କିନ୍ତୁ ଏବେ ଚାଷୀ ମଜୁରୀ ବିଦାକି, ଧାନକଟା ମେସନ୍ ଖର୍ଚ୍ଚ, ମହାଜନର କରଜ ସୁଝିବାକୁ ଗଲାବେଳେ ଅଭାବୀ ଧାନବିକ୍ରିର ଶୀକାର ହେଉଛି । ଗତ ବର୍ଷ ଧାନର ସହାୟକ ମୂଲ୍ୟ ୧୮୬୮ ଟଙ୍କା ଥିବା ବେଳେ ଚଳିତବର୍ଷ ୨୦୪୦ ଟଙ୍କାକୁ ବୃଦ୍ଧି ପାଇଛି । କିନ୍ତୁ ଜଳେଶ୍ୱର ବ୍ଲକରେ ୧୯ଟି ପ୍ୟାକ୍ସ ଧାନ କିଣିବାଲାଗି କୁହାଯାଇଥିବା ବେଳେ ଏବେ ଚାଷୀମାନେ ୧୪ଶହ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଅଦ୍ୟାବଧି ଚାଷୀମାନଙ୍କ ନାମପଂଜିକରଣ କରାଯାଇଥିଲେ ମଧ୍ୟ କାହାକୁ ଟୋକନ୍ ମିଳିନାହିଁ । ଏହି ପରିସ୍ଥିତିରେ ଧାନ ବିକିବା ନେଇ ବିଜେପି ଆଗକୁ ବାହରିଛି । ମଣ୍ଡିରେ ଦଲାଲି କାରବାର ନହେବା, ମିଲର ଦଲାଲ ମଣ୍ଡିକୁ ନ ଆସିବା, ଧାନର ସହାୟକ ମୂଲ୍ୟରେ ବିକ୍ରି ହେବା, ମଣ୍ଡିରେ ସୂଚନା ଫଳକ ଲଗାଇବା ଇତ୍ୟାଦି ଦାବି ନେଇ ବିଜେପି ପକ୍ଷରୁ ଜଳେଶ୍ୱର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଫାଲଗୁନୀ ପାଣିଗ୍ରାହୀ, ଅରୁଣ ବେଜ, ସମୀର ପାତ୍ର, ଶିବନାରାୟଣ ମହାପାତ୍ର, ଦେବଯାନୀ ଅଣ୍ଡିଆ, ସୁମତୀ ରଣା, ଅମୂଲ୍ୟ ସେନାପତି, ରଂଜନ ପାତ୍ର, ଗୌରାଙ୍ଗ ସେଣ, ସତ୍ୟବ୍ରତ ରଣା, ରାଧାକୃଷ୍ଣ ସେନ୍, ଏସ୍‌କେ ସୁଲତାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଇଡିରେ ହାଜର ହେଲେ....

ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି ବସାଇ ଜେରା କରାଯିବ । ଅର୍ଚ୍ଚନାଙ୍କୁ ୬ ଦିନ ଓ ଜଗବନ୍ଧୁଙ୍କୁ ୯ ଦିନ ରିମାଣ୍ଡରେ ନେଇଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ଇଡି ପକ୍ଷରୁ ଅର୍ଚ୍ଚନାଙ୍କ ନାଁରେ ମନିଲଣ୍ଡରିଂ ଆକ୍ଟରରେ ଏକ ମାମଲା ରୁଜୁ ହୋଇଛି । ସେପେଟ ଅର୍ଚ୍ଚନା ନାଁରେ ମାମଲା ରୁଜୁ କରିଥିବା ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଜାମିନ ଆବେଦନ ଆଜି ହାଇକୋର୍ଟରେ ଖାରଜ ହୋଇଯାଇଛି । ମନି ଲଣ୍ଡ୍ରିଂ ମାମଲାରେ ଅର୍ଚ୍ଚନା ନାଗକୁ ବାନ୍ଧିବା ପରେ ପୁଣି ଦ୍ୱିତୀୟ ଥର ପାଇଁ ତାଙ୍କୁ ୬ ଦିନିଆ ରିମାଣ୍ଡରେ ଆଣିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । କେବଳ ଅର୍ଚ୍ଚନା ନୁହନ୍ତି ବେଇଆନ ଅର୍ଥ କାରବାରରେ ସାମିଲ ଥିବା ସୁରାକ ପାଇବା ପରେ ସ୍ୱାମୀ ଜଗବନ୍ଧୁଙ୍କୁ ମଧ ବୁଧବାର ୯ ଦିନିଆ ରିମାଣ୍ଡରେ ଆଣିଛି ଇଡି । ଏହି ରିମାଣ୍ଡ ଅବଧି ମଧରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ସାମ୍ନାସାମ୍ନି ଓ ଅଲଗା ଅଲଗା ଜେରା କରିବେ ଇଡି ଅଧିକାରୀ । ଜଗବନ୍ଧୁଙ୍କୁ ଝରପଡା ଜେଲରୁ କ୍ୟାପିଟାଲ ହସପିଟାଲ ଓ ଇଡି ଅଫିସକୁ ନେବା ସମୟରେ ଗଣମାଧମ ପ୍ରତିନିଧି ତାଙ୍କୁ ଅନେକ ପ୍ରଶ୍ନ କରିଥିଲେ । କିନ୍ତୁ ସେ କୌଣସି ପ୍ରଶ୍ନର ଉତର ଦେଇନଥିଲେ । ପ୍ରଥମରୁ ଗଣମାଧମ ଆଗରେ ବିସ୍ଫୋରକ ବୟାନ ଦେଉଥିବା ଅର୍ଚ୍ଚନା ଏବେ ଚୁପ ହୋଇଯାଇଛନ୍ତି । ସେପଟେ ଜଗବନ୍ଧୁଙ୍କ ଏଭଳି ନୀରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବରୁ ଅର୍ଚ୍ଚନାଙ୍କ ନାଁରେ ନୟାପଲ୍ଲୀ ଓ ଖଣ୍ଡଗିରି ଥାନାରେ ମାମଲା ରହିଛି । ଏବେ ଇଡିର ମାମଲା ପରେ ଅର୍ଚ୍ଚନାଙ୍କ ଅଡୁଆ ବଢିଛି । ସେପଟେ ଖଗେଶ୍ୱରକୁ ଗିରଫ କରିବା ପରେ ୧୫ ଜଣଙ୍କ ତାଲିକା ପ୍ରସ୍ତୁତ କରିଥିଲା ଇଡି । ସେମାନଙ୍କ ଭିତରୁ ୧୦ରୁ ୧୨ ଜଣଙ୍କୁ ପଚରାଉଚରା କରିବା ପରେ ଶେଷରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ରିମାଣ୍ଡରେ ଆଣି ତଦନ୍ତ ଆରମ୍ଭ କରିଛି ଇଡି । ଜେରା ହୋଇଥିବା ଲୋକଙ୍କ ବୟାନ ଆଧାରରେ ନାଗ ଦମ୍ପତିଙ୍କୁ ଜେରା କରିବ ପ୍ରବର୍ତନ ନିର୍ଦ୍ଦେଶାଳୟ ।

## ବିଧାୟକଙ୍କ ଦରମା....

କିନ୍ତୁ ଏଠି ବିଧାୟକଙ୍କ ସ୍ୱର ବିଧାନସଭାକୁ ଘଣ୍ଟା ଘଣ୍ଟା ଧରି ସ୍ଥଗିତ କରିଥାଏ । ନିୟମ ଅନୁଯାୟୀ ବର୍ଷକୁ ୬୦ଦିନ ବିଧାନସଭା ଚାଲିବା ଦରକାର । କିନ୍ତୁ ୨୦୨୨ରେ ଚାଲିଛି ୪୦ ଦିନରୁ କମ । ଶୀତଅଧିବେଶନର ସରିବାର ୨୫ ଦିନ ପୂର୍ବରୁ ବାଧାନସଭା ସ୍ଥଗିତ । ବିଧାୟକଙ୍କ ପାଇଁ ବିଧାନସଭା ନୁହେଁ ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ ! ନିର୍ବାଚନ ସମୟରେ ୩୦ରୁ ଅଧିକ ବିଧାୟକ ଗୃହରେ ଅନୁପସ୍ଥିତ । ଏ ସବୁ ବିଧାୟକଙ୍କ ଦରମା ବଢିବା କଥା କି ନୁହେଁ ତାଉପରେ ପ୍ରଶ୍ନ ଚିହ୍ନ ଉଠାଇବ ନିଶ୍ଚୟ । ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି କରିବାକୁ ଗଠିତ ହୋଇଥିବା ପରାମର୍ଶଦାତା କମିଟି ବାଚସ୍ପତିଙ୍କୁ ରିପୋର୍ଟ ପ୍ରଦାନ କରିଛି । ବାଚସ୍ପତି ବିକ୍ରମକେଶରୀ ଆରୁଖଙ୍କୁ କମିଟିର ଅଧ୍ୟକ୍ଷ ବିଧାୟକ ଅମର ଶତପଥି ରିପୋର୍ଟ ପ୍ରଦାନ କରିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କମିଟି ବିଧାୟକମାନଙ୍କ ଦରମା, ଭତା ଓ ପୂର୍ବତନ ବିଧାୟକଙ୍କ ପେନସନକୁ ପାଖାପାଖି ଦୁଇ ଗୁଣ କରିବାକୁ ପ୍ରସ୍ତାବ ଦେଇଛି । ଗତ ମୌସୁମୀ ଅଧିବେଶନ ବେଳେ ବିଧାୟକମାନେ ଦରମା ଓ ପୂର୍ବତନ ବିଧାୟକମାନେ ପେନସନ ବୃଦ୍ଧି କରିବାକୁ ଦାବି କରିଥିଲେ । ବିଧାୟକ ଓ ସାଂସଦଙ୍କ ଦରମା ବଢିବା ପ୍ରସଙ୍ଗ ସବୁବେଳେ ବିବାଦରେ ରହିଆସିଛି । କିନ୍ତୁ ଅନେକଙ୍କ ମତରେ ଜନପ୍ରତିନିଧିଙ୍କ ଦରମା ଭଲ ହେବା ଦରକାର । କାରଣ ଜନପ୍ରତିନିଧିଙ୍କୁ ନିଜ ନିର୍ବାଚନ ମଣ୍ଡଳୀକୁ ଯିବାକୁ ପଡେ, ଖର୍ଚ୍ଚ କରିବାକୁ ପଡେ,ବିଭିନ୍ନ ସମୟରେ ଜନପ୍ରତିନିଧିଙ୍କୁ ନିଜ ପକେଟ ଟଙ୍କା ଖର୍ଚ୍ଚ କରିବାକୁ ପଡେ । ଅନ୍ୟ ପଟେ ତଥ୍ୟ କହୁଛି ଦେଶର ୯୦ ପ୍ରତିଶତ ବିଧାୟକ କୋଟିପତି ଅଟନ୍ତି । ଯାହାକି ଏକ ବିରୋଧାଭାସ ଅଟେ ।

## ବାଲେଶ୍ୱର ସରକାରୀ ହସ୍ପିଟାଲରେ....

ଅଭିଯୋଗ ପରେ ବି କିଛି ସୁବିଧା ପ୍ରସୂତୀଙ୍କ ପାଇଁ ହୋଇନି । ସବୁଠୁ ଅଧିକ କଷ୍ଟ ଦେଉଛି ଶୀତୁଆ ରାତି । ପ୍ରସୂତୀ ଓ ନବଜାତଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସଂକ୍ରମଣ ଅଧିକ ହେବାର ସମ୍ଭାବନା ଥିବାରୁ ପରିଷ୍କାର ପରିଛନ୍ନତା ଓ ଗରମ ଚିକିତ୍ସା କରାଯାଏ । ହେଲେ ଏଠାରେ ପ୍ରସୂତୀ ପର ଅସ୍ୱାସ୍ଥ୍ୟକର ପରିବେଶରେ ପଡ଼ି ରହୁଛନ୍ତି ପ୍ରସୂତି । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ସମସ୍ୟା ସମ୍ପର୍କରେ ଜାଣିଛନ୍ତି ହେଲେ ଜାଗା ନଥିବାରୁ ଏଭଳି ସ୍ଥିତି ଉପୁଜୁଛି ।

## ଓଡିଶା ଟୁଡେର ୧୮ତମ ବାର୍ଷିକ ଉତ୍ସବ : ସମାଜ ପରିବର୍ତ୍ତନରେ ସାମ୍ବାଦିକଙ୍କ ଭୂମିକା ଗୁରତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ତୃଣମୂଳସ୍ତରରେ ଘଟୁଥିବା ବିଭିନ୍ନ ସମସ୍ୟା ଓ ଅବହେଳିତ ଲୋକଙ୍କ ଖବରକୁ ସମ୍ବାଦର ମୁଖ୍ୟସ୍ରୋତରେ ସ୍ଥାନ ଦେଇ ତାର ସମାଧାନ କରିପାରିଲେ ସାମ୍ବାଦିକ ତାର ଗୁରୁଦାୟିତ୍ୱ ବହନ କଲା ବୋଲି କହିପାରିବା । କାରଣ ସମାଜ ପରିବର୍ତ୍ତନରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ସାମ୍ବାଦିକ ସର୍ବଦା ନିରପେକ୍ଷତା ଗ୍ରହଣ କରିବା ସହ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବୁଧବାର ସ୍ଥାନୀୟ ଲୋହିଆ ଏକାଡ଼େମୀରେ ଦୈନିକ ଇଂରାଜୀ ଖବରକାଗଜ 'ଓଡିଶା ଟୁଡେ'ର ୧୮ତମ ବାର୍ଷିକ ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ସାଂସଦ ତଥା ଯୋଜନା ବୋର୍ଡ଼ ସଦସ୍ୟ ଡ. ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ କହିଥିଲେ ଯେ, ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ । ସମ୍ବାଦ, ସାହିତ୍ୟ, ଭାଷା ପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ । କାରଣ ଭାଷା ସୁଦୃଢ ହେଲେ ସମ୍ବାଦପତ୍ର ତାର ସ୍ଥିତି ବଜାୟ ରଖିପାରିବ । ଓଡ଼ିଶା ଟୁଡ଼େର ସମ୍ପାଦକ ଅବିନାଶ ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବରିଷ୍ଠ ସାମ୍ବାଦିକ ଡ. ଭି ରାଜେନ୍ଦ୍ର ରାଜୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ,ଯୋଗଦେଇ ବର୍ତ୍ତମାନ ସ୍ଥିତିରେ ଛାପା ଗଣମାଧ୍ୟମ ବନାମ ଡିଜିଟାଲ ମିଡ଼ିଆ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରଫେସର ସୂର୍ଯ୍ୟମଣି ବେହେରା, ଡ. ଲକ୍ଷ୍ମୀକାନ୍ତ ଖୁଂଟିଆ, ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ ଗୌରଚନ୍ଦ୍ର ମହାପାତ୍ର, ସୋଆର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ଶୁଭଦର୍ଶିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ଓଡିଶା ଟୁଡେର ଜିଲ୍ଲା ପ୍ରତିନିଧିଙ୍କୁ ମଧ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ମାଧନବାନନ୍ଦ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଦୁର୍ଘଟଣା, ୬ ଜଣଙ୍କ ମୃତ୍ୟୁ, ୨୨ ଆହତ

ଫିରୋଜବାଦ, ୧୪/୧୨ (ନି.ପ୍ର): ବୁଧବାର ସକାଳେ ଉତର ପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଛି । ଡିସିଏମ ଏବଂ ସ୍ଲିପର ବସ୍ ଧକ୍କା ଯୋଗୁଁ ଏହି ଦୁର୍ଘଟଣାରେ ୨୨ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ସୌଫଇ ପଠାଯାଇଛି । ଏସପି (ଗ୍ରାମୀଣ) ରଣବିଜୟ ସିଂ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ଦୁର୍ଘଟଣା ପୋଲିସ ଷ୍ଟେସନ ନାଗଲାଖଙ୍ଗର ଅଂଚଳରେ ମାଇଲଷ୍ଟୋନ ୬୧ ନିକଟରେ ଘଟିଛି । ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସିଂ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ରଣ ବିଜୟ ସିଂଙ୍କ କହିବା ଅନୁଯାୟୀ ଏହି ବସ୍ ଲୁଧିଆନା ଠାରୁ ରାୟବରେଲି ଅଭିମୁଖେ ଯାଉଥିଲା ଡିସିଏମ ସହ ଧକ୍କା ହେବା ପରେ ବସ୍ ଓଲଟି ପଡ଼ି ଏକ୍ସପ୍ରେସୱେରୁ ଖସି ପଡ଼ିଥିଲା । ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୨ ଜଣ ଯାତ୍ରୀ ଆହତ ହୋଇଛନ୍ତି । ବସରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ । ଚିତ୍କାର ଶୁଣି ଆଖପାଖର ଲୋକମାନେ ପହଂଚି ସୂଚନା ଦେଇଥିଲେ । କୌଣସି ବିଳମ୍ବ ନ କରି ପ୍ରଶାସନ ଓ ପୋଲିସ ଟିମ ଘଟଣାସ୍ଥଳରେ ପହଂଚିଥିଲେ ।

WORKS DEPARTMENT
OFFICE OF THE SUPERINTENDING ENGINEER,
RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No.SE 42 of 2022-23**

1. Nature of work:- **Building works**
2. Number of works: 18 **(Eighteen )**
3. Amount put to Tender: - **Rs. 48,33,200.00 to Rs. 7,26,200.00**
4. Class of Contractor: - **C & B Class for Sl No 1 to 6, D & C Class from Sl No.7 to 12 , B Class from Sl No. 13 to 18**
5. Date & Time of availability of bid document in the portal: **- Dt. 19.12.22 at 10:00 AM**
6. Last Date / Time of receipt of bid in the portal: **- Dt. 28.12.2022 up to 04:00 PM**
7. Date of opening of bid : - **Dt 29.12.2022 at 11:00 AM**
8. Name & address of the Office inviting bid: **- Superintending Engineer, Rairangpur (R&B)Division**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in."** All future corrigendum will be available on ONLINE mode only.

Sd/- 29.11.2022
**Superintending Engineer**
**Rairangpur (R&B) Division**
**OIPR : 34041/11/0019/2223**

ଗୁରୁବାର, ଡିସେମ୍ବର ୧୫, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନିଆଁ, ପାଣି ଓ ପବନ ବ୍ୟତୀତ ବିଜୁଳି ଜୀବନର ଚତୁର୍ଥ ଆବଶ୍ୟକତା ପାଲଟିଛି : ମନ୍ତ୍ରୀ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ବୁଧବାର ଭୁବନେଶ୍ୱରରେ ଆୟୋଜିତ ଏକ ରୋଡ ସୋ ରାଲିକୁ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ପତାକା ଉତୋଳନ କରି ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ ଶ୍ରୀ ଦେବ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଯଦି ବର୍ତମାନ ଭଳି ଉଚ୍ଚ ହାରରେ ବିଜୁଳି ଚାହିଦା ବୃଦ୍ଧି ପାଏ ତେବେ ଭବିଷ୍ୟତରେ ବିଜୁଳି ଅଭାବ ଦେଖାଦେବ । ଯେଉଁ ଜିନିଷ ଉପରେ ଆମେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ସେହି ଜିନିଷର ସଂରକ୍ଷଣ କରିବା, ତାହାକୁ ସଂରକ୍ଷିତ କରିବା ଜଣେ ଦାୟିତ୍ୱବାନ ନାଗରିକ ହିସାବରେ ସମସ୍ତଙ୍କର କର୍ତବ୍ୟ। ନିଆଁ, ପାଣି ଓ ପବନ ବ୍ୟତୀତ ବିଜୁଳି ଜୀବନର ଚତୁର୍ଥ ଆବଶ୍ୟକତା ପାଲଟିଛି । ତେଣୁ ଶକ୍ତି ସଂରକ୍ଷଣ ପାଇଁ ଆମେ ସବୁ ପ୍ରକାର ପଦକ୍ଷେପ ନେବା ନିହାତି ଆବଶ୍ୟକ । ସମଗ୍ର ଓଡିଶାରେ ଶକ୍ତି ସଂଚୟ ପାଇଁ ଏହି ଜନସଚେତନତା ଅଭିଯାନ ଜାରି ରହିବ ବୋଲି ସେ କହିଥିଲେ । ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଜନସଚେତନତା ସୃଷ୍ଟି ପାଇଁ ଶକ୍ତି ସଂରକ୍ଷଣ ରାଲିରେ ଅଂଶଗ୍ରହଣ କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ସହର ଏବଂ ଗ୍ରାମ ପଂଚାୟତର ପ୍ରମୁଖ ସ୍ଥାନମାନଙ୍କରେ ଶକ୍ତି ସଂରକ୍ଷଣ ଉପରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତା ପ୍ରଦାନ କରାଯାଇଛି । ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ଶକ୍ତି ଦକ୍ଷତା ଓ ଶକ୍ତି ସଂରକ୍ଷଣ ଦିଗରେ ଅନନ୍ୟ ଅବଦାନ ପାଇଁ ବିଭିନ୍ନ ବର୍ଗରେ ରାଜ୍ୟ ସ୍ତରୀୟ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି। ସେଂଟର ଫର ଏନଭାୟରନମେଂଟାଲ ଷ୍ଟଡିଜ୍ ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ ଓ କବିତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ବିକେ କଲେଜ ଅଫ୍ ଆର୍ଟସ ଆଣ୍ଡ କ୍ରାଫ୍ଟରେ ଶକ୍ତି ସଂରକ୍ଷଣ ବିଷୟବସ୍ତୁ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଶୁଭାରମ୍ଭ

ବାଲେଶ୍ୱର, ୧୪/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିବି ରୋଗୀଙ୍କ ମଙ୍ଗଳବାର ପୁଷ୍ଟିକର ଆହାର ଯୋଗାଣ ଶୁଭାରମ୍ଭ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଚିହ୍ନଟ ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ରାସନ କିଟ୍ ପ୍ରଦାନ କରିଛନ୍ତି । ଜିଲ୍ଲାରେ ଟିବି ରୋଗୀଙ୍କ ପାଇଁ ନିଃଶୁଳ୍କ ଚିକିତ୍ସା କରାଯାଇଥିଲେ ବି ପୁଷ୍ଟିକର ଆହାର ଅଭାବରୁ ଗରିବ ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରୁନାହାନ୍ତି। ସେମାନଙ୍କୁ ନିୟମିତ ପୁଷ୍ଟିକର ଆହାର ଯୋଗାଇଦେବା ଲକ୍ଷ୍ୟ ନେଇ ଦେଶବ୍ୟାପୀ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି ବୋଲି ଜିଲାପାଳ ଶ୍ରୀ ଶିନ୍ଦେ ସୂଚନା ଦେଇଛନ୍ତି। ୬ମାସ ମଧ୍ୟରେ ଟିବି ରୋଗୀ ଉପଯୁକ୍ତ ପୋଷଣ ଓ ଔଷଧ ପାଇ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୱ କରିବା ସହିତ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନର ଅଭିମୁଖ୍ୟ ଓ କାର୍ଯ୍ୟକାରିତାର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାରେ ଚିହ୍ନଟ ୧୪୯୧ ଟିବି ରୋଗୀଙ୍କୁ ନିଃଶୁଳ୍କ ଔଷଧ ପ୍ରଦାନ କରାଯାଉଥିବା ବେଳେ ଉତ୍ତମ ପୋଷଣ ପାଇଁ ଚାଉଳ, ଡାଲି, ବାଦାମ, ମିଲ୍କ ପାଉଡର ସମ୍ବଳିତ କିଟ୍ ଦିଆଯିବ । ଏହା ପ୍ରତ୍ୟେକ ବ୍ଲକସ୍ତରରେ ଆଶାକର୍ମୀଙ୍କ ଦ୍ୱାରା ରୋଗୀଙ୍କ ଘରକୁ ଘର ପ୍ରଦାନ ସହ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖାଯିବ। ୨୦୨୫ ମସିହା ସୁଦ୍ଧା ଟିବି ମୁକ୍ତ ଭାରତ ନିର୍ମାଣର ଲକ୍ଷ୍ୟକୁ ସଫଳ କରିବାରେ ଏହି ଅଭିଯାନ ବେଶ ସହାୟକ ହେବ ବୋଲି ସିଡିଏମଓ ଆଶା ପ୍ରକାଶ କରିଥିଲେ। ଏହି ଅଭିଯାନ କାର୍ଯ୍ୟକାରିତାରେ 'ନିକ୍ଷୟ ମିତ୍ର' ଭାବେ ସହଯୋଗର ହାତ ବଢ଼ାଉଥିବା ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସିଡିଏମଓ ଡାକ୍ତର ଜଗଦେବ କୃତଜ୍ଞତା ଜଣାଇଥିଲେ । ଏହି ଅଭିଯାନରେ ଟାଟା ଷ୍ଟିଲ ଫାଉଣ୍ଡେସନ, ହାଇଲାଣ୍ଡ ଏଗ୍ରୋ ଫୁଡ, ଇଣ୍ଡିଆନ ଓଏଲ, ଫାଲକନ ମେରାଇନ, ଆଇସିଆଇସିଆଇ ବ୍ୟାଙ୍କ, ହରି ଉଦ୍ୟୋଗ, ଇମାମୀ ପେପର ମିଲସ, ଓରି ପ୍ଲାଷ୍ଟ, ଅଙ୍କୁର ପ୍ଲାଷ୍ଟିକ ପ୍ରଭୃତି ଶିଳ୍ପାନୁଷ୍ଠାନ ସମେତ ସିଡିଏମଓ ଡାକ୍ତର ଜଗଦେବ, ଏଡିଏମଓ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଡାକ୍ତର ସୁମିତ୍ରା ଦେ, ଡାକ୍ତର ରଞ୍ଜନ କୁମାର ନାୟକ, ବିଶ୍ୱରଞ୍ଜନ ନାୟକ, ଶରତ ଦାସମହାପାତ୍ର ପ୍ରମୁଖ ନିକ୍ଷୟ ମିତ୍ର ଭାବେ ସହାୟତା ପ୍ରଦାନ କରିଛନ୍ତି। ଡିପିଏମ ଅନୀଲ କୁମାର ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ଫାଉଣ୍ଡେସନର ସିଏସଆର ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ, ମ୍ୟାନେଜର ଅକ୍ଷୟ କୁମାର ନାୟକ, ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଜୟ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# ବାଲେଶ୍ୱରର ନିର୍ମାଣଧୀନ ପ୍ରକଳ୍ପ ଅନୁଧ୍ୟାନ କଲେ ପୂର୍ତ୍ତମନ୍ତ୍ରୀ

ବାଲେଶ୍ୱର, ୧୪/୧୨ (ନି.ପ୍ର): ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସି ରାଜ୍ୟ ପୂର୍ତ୍ତ, ଶିଳ୍ପ ଓ ଷ୍ଟିଲ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟର ଗୁଣବତ୍ତା ନେଇ ସମୀକ୍ଷା କରିଛନ୍ତି । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମନ୍ତ୍ରୀ ଶ୍ରୀ ମଲିକଙ୍କୁ ସ୍ୱାଗତ କରିବା ସହ ନିର୍ମାଣଧୀନ ବିଭିନ୍ନ ପ୍ରକଳ୍ପ ବୁଲି ଦେଖାଇଛନ୍ତି। ୯ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବୀକରଣ ଚାଲିଥିବା ବାଲେଶ୍ୱର ସହଦେବଖୁଣ୍ଟା ବସଷ୍ଟାଣ୍ଡ, ୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଶୋଭାରାମପୁର ରେଲୱେ ଓଭରବ୍ରିଜ, ୪୨ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଆରମ୍ଭ ହୋଇଥିବା ଅଙ୍ଗାରଗଡ଼ିଆ ରେଲୱେ ଓଭରବ୍ରିଜ, ୧୧ କୋଟି ୧୦ ଲକ୍ଷ ଟଙ୍କା ଖର୍ଚ୍ଚରେ ଆଇଟିଆଇ ପଡ଼ିଆ ଇଣ୍ଡୋର ଷ୍ଟାଡିୟମ ସମେତ ନିର୍ମାଣଧୀନ ୬୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ହସପିଟାଲ ପ୍ରକଳ୍ପ ପରିଦର୍ଶନ ସହ ମନ୍ତ୍ରୀ କାର୍ଯ୍ୟର ଗୁଣବତ୍ତା ତଦାରଖ କରିଛନ୍ତି। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ମନ୍ତ୍ରୀ ମଲିକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣରେ ମନ୍ତ୍ରୀ ଶ୍ରୀ ମଲିକ ହଳଦୀଦା ବାଇପାସରୁ ୬୦ ନଂ ଜାତୀୟ ରାଜପଥର ପଶ୍ଚିମବଙ୍ଗ ସୀମାନ୍ତ ପର୍ଯ୍ୟନ୍ତ ଇଣ୍ଟରଷ୍ଟେଟ ରୋଡ଼ ନିର୍ମାଣର ସ୍ଥାନ ପରିଦର୍ଶନ କରିଥିଲେ। ନିକଟ ଭବିଷ୍ୟତରେ ମୁଖ୍ୟମନ୍ତ୍ରୀ ଏହି ରାସ୍ତାର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ମନ୍ତ୍ରୀ ଶ୍ରୀ ମଲିକ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କର ଏହି ଗସ୍ତକାଳରେ ଦୁଇ ବିଧାୟକଙ୍କ ସମେତ ପୂର୍ତ୍ତ ବିଭାଗ ରାଜ୍ୟ ଇଂଜିନିୟର ଚିଫ (ଇଆସି) ମନରଞ୍ଜନ ମିଶ୍ର, ମୁଖ୍ୟ ନିର୍ମାଣ ଯନ୍ତ୍ରୀ(ସିସିଇ) ରଥାଙ୍ଗଧର ରାଉତ, ବାଲେଶ୍ୱରର ଦୁଇ ଅଧୀକ୍ଷଣ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ ଓ ଅଜିତ ରାୟ, ବାଲେଶ୍ୱର ପୌରପାଳିକା ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଓଡ଼ିଆ ଭାଷା ସାହିତ୍ୟ, ସାମ୍ବାଦିକତାର ମହାନ ପ୍ରତୀକ ଥିଲେ ନୀଳମଣି ବିଦ୍ୟାରତ୍ନ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ 'ଆମେ ଭୁବନେଶ୍ୱର' ପକ୍ଷରୁ ନୀଳମଣି ବିଦ୍ୟାରତ୍ନଙ୍କ ୧୫୬ତମ ଜୟନ୍ତୀ ସ୍ଥାନୀୟ ପ୍ରତିମୂର୍ତିସ୍ଥଳ ଜୟଦେବ ବିହାରଠାରେ ପୁଷ୍ପାଞ୍ଜଳି ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରି ବରିଷ୍ଠ ସାମ୍ବାଦିକ, ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଥିଲେ ଯେ, ଉତ୍କଳର ସୁଯୋଗ୍ୟ ସନ୍ତାନ ସହିତ, ଓଡ଼ିଆ ଭାଷା, ସାହିତ୍ୟ, ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକତା ପ୍ରମୁଖରେ ତାଙ୍କର ଅବଦାନ ଥିଲା ଅବିସ୍ମରଣୀୟ। ଉତ୍କଳ ଦୀପିକା ସମ୍ପାଦନା ସହିତ, ସାମ୍ବାଦିକତା ଓ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରାଇବାରେ ତାଙ୍କ ଅବଦାନ ଥିଲା ଅତୁଳନୀୟ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଭାତ ତ୍ରିପାଠୀ, ଅନୁସଚିବ ଲକ୍ଷ୍ମୀଧର ବେହେରା, ଦିଲ୍ଲୀପ ଦାସ ଶର୍ମା, ବ୍ରଜବନ୍ଧୁ ପରିଡ଼ା ଉପସ୍ଥିତ ରହିବା ସହ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

# ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା କାର୍ଯ୍ୟକ୍ରମର ସମୀକ୍ଷା କଲେ ଅଭିନବ ବିନ୍ଦ୍ରା

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଚଳିତ ବର୍ଷ ଭୁବନେଶ୍ୱର ଓ ରାଉରକେଲାର ୯୦ଟି ବିଦ୍ୟାଳୟରେ ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମଙ୍ଗଳବାର ଦିନ ବିଶିଷ୍ଟ ଅଲିମ୍ପିଆନ୍-ତଥା-ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଟ୍ରଷ୍ଟର ଫାଉଣ୍ଡର ତଥା ବିଶିଷ୍ଟ କ୍ରୀଡ଼ାବିତ୍ ଅଭିନବ ବିନ୍ଦ୍ରା ଓ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ଉଭୟ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଅଲିମ୍ପିକ୍ ମୂଲ୍ୟବୋଧ ସମ୍ପର୍କିତ ଫଟୋ ପ୍ରଦର୍ଶନୀ ଓ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀମାନଙ୍କ ସହ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ଆଲେଚନା କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟ କର୍ତୃପକ୍ଷ କ୍ରୀଡା ତାରକା ଅଭିନବ ବିନ୍ଦ୍ରା ତଥା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅତି ନିକଟରେ ପାଇ ଖୁସି ହେବା ସହିତ ବିଭିନ୍ନ ପ୍ରସଙ୍ଗରେ ବାର୍ତାଳାପ କରି ଖୁବ୍ ଉତ୍ସାହିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ଦ୍ଦେଶକ, ଓସେପା, ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ, ଭୁବନେଶ୍ୱର, ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀସାଗର ଏବଂ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଉପସ୍ଥିତ ଥିଲେ।

# ଋଣମୁକ୍ତ ଜୀବନ ପାଇଁ ଜୈନମୁନି ଆଚାର୍ଯ୍ୟ ଅରବିନ୍ଦଙ୍କ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଋଣମୁକ୍ତ ଜୀବନ ପାଇଁ ଧ୍ୟାନର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବୁଧବାର ପୂର୍ବାହ୍ନରେ, ବୁଦ୍ଧ ମନ୍ଦିର ସଭାଗୃହରେ ମହାବୋଧି ସମିତି ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଶିଷ୍ଟ ଜୈନ ଧର୍ମଗୁରୁ ଆଚାର୍ଯ୍ୟ ଶ୍ରୀ ଅରବିନ୍ଦ ମୁନି ମତବ୍ୟକ୍ତ କରିଛନ୍ତି। ଆଜିର ସମାଜରେ ଛାତ୍ର, ଶିକ୍ଷକ, ଓକିଲ, ଡ଼ାକ୍ତର, ସରକାରୀ ଅଫିସର ହୁଅନ୍ତୁ ବା ବଡ଼ ଆଇଏଏସ୍ ଅଫିସର ହୁଅନ୍ତୁ, ପ୍ରାଚୁର୍ଯ୍ୟ ମଧ୍ୟରେ ରହି ମଧ ଋଣଗ୍ରସ୍ତରେ ରହୁଛନ୍ତି। ଏହାର ନିରାକରଣ କେବଳ ସରଳ ଧ୍ୟାନ ମାଧ୍ୟମରେ ହୋଇପାରିବ ବୋଲି ଜୈନମୁନି କହିଥିଲେ। କିନ୍ତୁ ବର୍ତମାନର ସମାଜରେ ସମସ୍ତଙ୍କ ପାଖରେ ସମୟର ଅଭାବ। ନିଜକୁ ଓ ପରିବାରକୁ ସୁଖୀ ରଖିବାକୁ ଚାହୁଁଥିବା ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ୨୪ ଘଂଟାରୁ ୨୪ ମିନିଟ୍ ନିଜ ଶରୀର ଓ ନିଜ ପରିବାରର ଖୁସି ପାଇଁ ସମୟ ବାହାର କରନ୍ତୁ, ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଡଃ ସୌରେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସଭ୍ୟ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଜୈନ ଆଚାର୍ଯ୍ୟଙ୍କ ସଂକ୍ଷିପ୍ତ ପରିଚୟ ଓ ବିଦ୍ୟାଳୟର ଅଧ୍ୟକ୍ଷ ଶିଶୁ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି ଗଭର୍ଣ୍ଣିଂ ବଡ଼ି ସଦସ୍ୟ ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଜିଲ୍ଲାକୋର୍ଟର ଡିଜିଟାଇଜେସନ ହବ୍ ଉଦ୍‌ଘାଟିତ

ବାରିପଦା, ୧୪/୧୨ (ନି.ପ୍ର): ସ୍ଥାନୀୟ ତକତପୁର ଠାରେ ଜିଲ୍ଲା ଜଜକୋର୍ଟର ଏକ ଡିଜିଟାଇଜେସନ ହବ୍ କୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ସୁପ୍ରିମ କୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଡ. ଜଷ୍ଟିସ ଧନଂଜୟ ଯୋଶବନ୍ତ ଚନ୍ଦ୍ରଚୂଡ଼ ଉଦଘାଟନ କରି ନ୍ୟାୟପାଳିକାର ରେକର୍ଡକର ସଂରକ୍ଷଣ ନିମନ୍ତେ ଆଧୁନିକ ଟେକ୍ନୋଲୋଜିର ଉପଯୋଗ ମାଧ୍ୟମରେ ଏଗୁଡିକୁ ସ୍ଥାୟୀ ତଥା ସୁରକ୍ଷିତ ଭାବେ ଭବିଷ୍ୟତ ପାଇଁ ସଂରକ୍ଷଣ କରି ରଖାଯିବା ପାଇଁ ଏହି ଡିଜିଟାଇଜେସନ ହବ୍‌ର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଉଦଘାଟନୀ ଉତ୍ସବ ରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଜଷ୍ଟିସ ଏସ.ମୁରଲୀଧରଙ୍କ ସମେତ ହାଇକୋର୍ଟ ର ଅନ୍ୟାନ୍ୟ କମ୍ପାନୀୟନ ବିଚାରପତି ମାନେ ଉପସ୍ଥିତ ଥିବାବେଳେ ହାଇକୋର୍ଟ ର ଆର ଆରଡିସି କମିଟିର ଅଧ୍ୟକ୍ଷ ଜଷ୍ଟିସ ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଓ ଜଷ୍ଟିସ ଶଶୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବାରିପଦାର ତକତପୁର ଠାରେ ଜିଲ୍ଲା ଓ ଦୌରା ଜଜ ଅରବିନ୍ଦ ପଟ୍ଟନାୟକ ଏହି ହବ୍ ର ଉଦଘାଟନୀ ଫଳକକୁ ଅନାବରଣ କରିଥିବା ବେଳେ, ପରିବାର ଅଦାଲତ ଜଜ ବିରଂଚି ନାରାୟଣ ମହାନ୍ତି, ଭିଜିଲାସନ୍ସ ଜଜ ପ୍ରସନ୍ନ କୁମାର ପଣ୍ଡା, ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ସୁରେଶ ପ୍ରଧାନ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ ଦୀପକ ରଂଜନ ସାହୁ, ରେଜିଷ୍ଟ୍ରାର ଆଶିଷ କୁମାର ପରିଛା ଅଂଶ ଗ୍ରହଣ କରିଥବା ବେଳେ କୋର୍ଟ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏହି ଅବସର ରେ ରାଜ୍ୟରେ ମୋଟ ୯ଟି ହବ୍ ଖୋଲାଯାଇଥିବା ବେଳେ, ୩୦ଟି ଯାକ ଜିଲ୍ଲାର ରେକର୍ଡ ଏହି ହବ୍ ଗୁଡିକରେ ଡିଜିଟାଇଜେସନ କରାଯିବ ବୋଲି ଜଣାଯାଇଛି ।



## ଶକ୍ତି ସଂରକ୍ଷଣ କରିବାକୁ ସଂକଳ୍ପ ନେବାକୁ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଶକ୍ତି ସଂରକ୍ଷଣ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶକ୍ତି ସଂରକ୍ଷଣ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – ଏକ ଧାରଣକ୍ଷମ ବିକାଶର ଶକ୍ତିଶାଳୀ ମୂଳଦୁଆ ପାଇଁ ଶକ୍ତି ସଂରକ୍ଷଣ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରୀୟ ଶକ୍ତି ସଂରକ୍ଷଣ ଦିବସରେ ଆମେ ଯେପରି ଶକ୍ତିକୁ ସଠିକ ବିନିଯୋଗ କରିବା ସହ ଏହାର କିପରି ଅପଚୟ ନ ହେବ ତଥା ଶକ୍ତି ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇବାକୁ ଆସନ୍ତୁ ସଂକଳ୍ପ ନେବା ।

# ଜଳଙ୍ଗ ଚଣ୍ଡୀ ମନ୍ଦିର ସ୍ୱାଗତ ଫାଟକର ଶିଳାନ୍ୟାସ



ଖଇରା, ୧୪/୧୨ (ନି.ପ୍ର): ୨ ଖଇରା ବ୍ଲକର ପ୍ରସିଦ୍ଧ ଜଳଙ୍ଗ ଚଣ୍ଡୀ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଥିବା ବେଳେ ଅଧୀକ ଆକର୍ଷଣ କରିବା ଲକ୍ଷରେ ସ୍ୱାଗତ ତୋରଣ ପାଇଁ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ୧୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ବିଧାୟକଙ୍କ ଦ୍ୱାରା ସୋମବାର ଏହି ସ୍ୱାଗତ ଫାଟକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ମନ୍ଦାକିନୀ ଦାସ, ସମିତି ସଭ୍ୟ ନାରାୟଣ ଦାସ, ଯୁବ ନେତା ସଞ୍ଜୟ ତିଆଡି, ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ପୂଜକ ତ୍ରୟଲୋକ୍ୟ ତିଆଡି, ବେଣୁଧର ପଣ୍ଡା, ବେଣୁଧର ପଣ୍ଡା, ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ପଞ୍ଚମ ସଂଧ୍ୟା

ଭଦ୍ରକ, ୧୪/୧୨ (ନି.ପ୍ର): ଯେତେ ସୁଗୁଣର ଅଧିକାରୀ ହୋଇଥିଲେବି ଚରିତ୍ର ବିହୀନ ବ୍ୟକ୍ତିତ୍ୱ ଜଣେ ମୂଲ୍ୟବୋଧହୀନ ତଥା ଅନ୍ତଃସାର ଶୁନ୍ୟ ମଣିଷଭାବେ ସମାଜରେ ପରିଗଣିତ ହୁଏ। ଏଣୁ ଉତ୍ତମ ଚରିତ୍ର ଗଠନ ଦିଗରେ ନୈତିକ ଶିକ୍ଷାର ଭୂମିକା ଅନସ୍ୱୀ କାର୍ଯ୍ୟବୋଲି ଭଦ୍ରକ ସହରର ଗାନ୍ଧି ପଡ଼ିଆଠାରେ ଆୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ପଞ୍ଚମ ସଂଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଖ୍ୟାତ ସଂଗ୍ରାମୀ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତିରେ ଉତ୍ସର୍ଗୀତ ଏହି ସାରସ୍ୱତ ସଂଧ୍ୟାରେ ଶିକ୍ଷାବିତ୍ ଡ. ରମାକାନ୍ତ ନାୟକ ପୌରହିତ୍ୟ କରିଥିଲେ ଏବଂ ଚରିତ୍ର ଗଠନରେ ନୈତିକ ଶିକ୍ଷା ଶିର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବେଦବିତ୍ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନରେ ନୈତିକ ଶିକ୍ଷାର ଆବଶ୍ୟକ ଉପରେ ମନନଶୀଳ ଆଲୋକପାତ କରିଥିଲେ। ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୟାଧର ପଣ୍ଡା, ଶିକ୍ଷାବିତ୍ ତଥା ଗାଳ୍ପିକ ଉମାକାନ୍ତ ମିଶ୍ର, ଭଦ୍ରକ ଜିଲ୍ଲା ସମବାୟ ସମିତି ସମୂହର ଉପସହକାରୀ ନିବନ୍ଧକ ତଥା ଗାଳ୍ପିକ ସତ୍ୟପ୍ରକାଶ ସେଠୀ, ଅଧ୍ୟାପିକା ସ୍ୱପ୍ନବାସବଦତ୍ତା ସୂତାର, ସଂଗଠିକା ତଥା କବୟିତ୍ରୀ ପ୍ରମିଳା ବଳ, ଭଦ୍ରକ ଜିଲ୍ଲା ଯୁବ ଯାଦକ କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡ଼ା ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମହୋତ୍ସବ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ, ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନା, ଅତିଥି ପରିଚୟ ଓ ସଂଗଠିକା ଉର୍ମିଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ନିହାର ରଂଜନ କର, କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର, ଜାନକୀ ପାଢ଼ୀ, ଅଞ୍ଜନା ମିଶ୍ର, ମନୋରମା ରାୟ ସଭାପରିଚାଳନା କରିଥିବାବେଳେ କବୟିତ୍ରୀ ଚୈତାଳୀ ଖିଲାର ବେଦପାଠ କରିଥିଲେ ଏବଂ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି। ଶୁଶ୍ରୀ ରଶ୍ମିତା ସେଠୀ, କଣ୍ଣଶାଳ୍ପି ଶୁଭସ୍ମିତା ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଶୋଭାଯାତ୍ରା ଓ ଜେଲଭରୋ ଆନ୍ଦୋଳନ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଭାରତୀୟ ମଜଦୁର ସଂଘ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଦ୍ୱାରା ୫ଦଫା ଦାବି ନେଇ ଗତ ୨୯/୧୧/୨୨ ରିଖ ଠାରୁ ଆଜି ପର୍ଯ୍ୟନ୍ତ ୫୦ ହଜାର ରୁ ଅଧିକ ଆଶା କର୍ମୀ ମାନେ ବିଧାନ ସଭା ଘେରାଉ ସହିତ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ଦେଇଥିଲେ, ବାରମ୍ବାର ଆଲୋଚନା କରାଯାଇଥିଲେ ମଧ କୌଣସି ସଫଳ ମିଳୁ ନାହିଁ। ତେଣୁ ସେମାନେ ନିଷ୍ପତି ନେଇଥିଲୁ ଯେ ଦାବି ଗୁଡ଼ିକ ଯଦି ସରକାର ପଦକ୍ଷେପ ନ ନିଅନ୍ତି, ତାହେଲେ ୧୪/୧୨/୨୨ ରିଖ ଠାରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି ପରୀପକ୍ଷୀ ରେ ବାଲେଶ୍ୱର ଆଶାକର୍ମୀ ସଂଘ ପକ୍ଷରୁ ଏକ ବିଶାଳ ଶୋଭଯାତ୍ରା ରେଲୱେ ଷ୍ଟେସନ ରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୋହଂଚି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭା ରେ ଭାରତୀୟ ମଜଦୁର ସଂଘ ର ସଭାପତି ପୃଥିରାଜ ପଣ୍ଡା ତାଙ୍କ ବକ୍ତବ୍ୟ ରେ କହିଥିଲେ, କରୋନା ମହାମାରୀ ସମୟ ରେ ଆଶା କର୍ମୀଙ୍କ କାର୍ଯ୍ୟ ସନ୍ତୋଷ ଜନକ ହୋଇଥିବାରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସର୍ବୋତ୍କୃଷ୍ଟି ମୋନାନୀତ ହୋଇଛନ୍ତି, ତାଙ୍କର ଦାବି ଗୁଡ଼ିକ ଜାତୀୟ ସ୍ୱାସ୍ଥ୍ୟ ମିସନ କୁ ସ୍ଥାୟୀ କରାଯାଉ।, ଆଶା କର୍ମୀଙ୍କୁ ସରକାରୀ କର୍ମଚାରୀ ଭାବରେ ମାନ୍ୟତା ମିଳୁ।ମାସ କୁ ୧୮୦୦୦ ଟଙ୍କା ବେତନ ଦିଆଯାଉ। E.P.F ଓ S.I ରେ ସାମିଲ କରାଯାଉ, ଅବସରନେଉଥିବା ଆଶା କର୍ମୀଙ୍କୁ ୫ ଲକ୍ଷ୍ୟ ଟଙ୍କା ପ୍ରଦାନ କରାଯାଉ, ମାସିକ ୫୦୦୦ ଟଙ୍କା ଭତା ଦିଆଯାଉ, ମୃତ୍ୟୁ ବରଣ କଲେ ଜଣ କୁ ଚାକିରି ଓ ୫ ଲକ୍ଷ ଟଙ୍କା ପ୍ରଦାନ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଆଶା ଗୃହ ଯୋଗାଇ ଦିଆଯାଉ, କୋଭିଡ ୧୯ ସମୟ ରେ ମୃତ୍ୟୁ ବରଣ କରିଥିବା ଆଶା କର୍ମୀ ଙ୍କୁ ସରକାର ଘୋଷଣା କରିଥିବା ରାଶି କୁ ତୁରନ୍ତ ଦୀୟଯାଉ। ଅନ୍ୟ ମାନଙ୍କ ମଧ୍ୟରେ ଭାରତୀୟ ମଜଦୁର୍ ସଂଘ ସଭାପତି ସଂଗୀତା ରାୟ, ସମ୍ପାଦକ ଅରୁପ କୁମାର ନାୟକ, ହରପ୍ରିୟା ପାଢ଼ୀ, ଜାନକୀ ରାଉଳ, ସରସ୍ୱତୀ ବିଶ୍ୱାଳ, ଅନ୍ନପୂର୍ଣ୍ଣା ସାମଲ, ମାଳତୀ ଦାସ, ଅନେ ଆଶା କର୍ମୀ ଉପସ୍ଥିତ ଥିଲେ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo